ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
♦VOLUME- 43 ♦ISSUE-158 ♦THURSDAY ♦4 DECEMBER 2025 ♦PAGE-12 ♦₹ 6.00
JEYPORE
♦ବର୍ଷ-୪୩ ♦ସଂଖ୍ୟା-୧୫୮ ♦ଗୁରୁବାର ♦୪ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା

▶ପୃଷ୍ଠା ୨ ଦେଖନ୍ତୁ...

### ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ରୁଷ୍ ସଂସଦର ଅନୁମୋଦନ

# ସାମରିକ ଘାଟି ଉଭୟଙ୍କୁ ଖୋଲା



ଆଜି ଆସୁଛନ୍ତି ପୁତିନ

■ ମସ୍କୋ, ୩।୧୨ (ଏଜେନ୍ସି): ଆସନ୍ତାକାଲି ଭାରତର ଦୁଇ ଦନିଆ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ। ଏହି ଅବସରରେ ଭାରତ ଓ ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏଥିମଧ୍ୟରେ ରହିଛି ପାରସ୍ପରିକ ସାମରିକ ଘାଟି ବ୍ୟବହାର ପାଇଁ ଅନୁମତି। ଏହି ଚୁକ୍ତି କର୍ଯ୍ୟକାରୀ ହେଲେ ଉଭୟ ଭାରତ ଏବଂ ରୁଷିଆ ପରସ୍ପରର ସାମରିକ ଘାଟି ଲଜିଷ୍ଟିକ ସେବା ପାଇଁ ବ୍ୟବହାର କରିପାରିବେ। ଦୁଇ ଦେଶ ପରସ୍ପରର ସାମରିକ ଘାଟି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ, ସମ୍ବଳକୁ ମଧ୍ୟ ବ୍ୟବହାର କରିପାରିବେ। ଏଥିରେ ବନ୍ଦର ଏବଂ ଅନ୍ୟ ସାମରିକ ଭିତ୍ତିଭୂମି ରହିଛି। ଏସକ୍ରାନ୍ତ ପ୍ରସ୍ତାବକୁ ରୁଷ ସଂସଦ 'ଡୁମା' ମଞ୍ଜୁରୀ ପ୍ରଦାନ କରିଛି।

ଚଳିତ ବର୍ଷ ଫେବୃଆରୀ ୧୮ ରେ ଏହି ଚୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ସପ୍ତାହରେ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ୍ ମିସୁଷ୍ଟିନ୍ ମଞ୍ଜୁରୀ ପାଇଁ ଏହାକୁ ସଂସଦକୁ ପଠାଇଥିଲେ। ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଓ ସାମରିକ ଚୁକ୍ତି ଆହୁରି ଦୃଢ ହେବ ବୋଲି ରୁଷିଆ ସଂସଦ ବାଚସ୍ପତି ଭ୍ୟାଚେସ୍ଲାଭ ଭୋଲୋଡିନ କହିଛନ୍ତି। ସାମରିକ ଦୃଷ୍ଟିକୋଣରୁ ଏହି ଚୁକ୍ତି ବିଶେଷ ମହତ୍ତ୍ୱ ରଖୁଛି। ଏସଂପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଐତିହାସିକ ହେବ। ଉଭୟ ଦେଶ ପରସ୍ପରର ସାମରିକ ଘାଟିକୁ ଇନ୍ଧନ, ସାମଗ୍ରୀ ଯୋଗାଣ, ରକ୍ଷଣାବେକ୍ଷଣ ଏବଂ ବର୍ଥ ପାଇଁ ବ୍ୟବହାର କରିପାରିବେ। କେବଳ ସାମରିକ କାର୍ଯ୍ୟକଳାପ ନୁହେଁ, ସମରାଭ୍ୟାସ ଏବଂ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ ପାଇଁ ସାମରିକ ପ୍ରତିଷ୍ଠାନର ବ୍ୟବହାର କରାଯାଇ ପାରିବ। ଆମେରିକା ସହିତ ମଧ୍ୟ ଭାରତର ଏଭଳି ଚୁକ୍ତି ରହିଛି। ଉଭୟ ଆମେରିକା ଏବଂ ରୁଷିଆ ସହିତ ଏଭଳି ଚୁକ୍ତି କରିବାରେ ଭାରତ ହେଉଛି ବିଶ୍ୱର ଏକାମାତ୍ର ଦେଶ ବୋଲି ସେ କହିଛନ୍ତି। ଏହାସହିତ ଦୁଇ ଦେଶ ମଧ୍ୟରେ ବେସାମରିକ ପରମାଣୁ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି।

ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ସହିତ ରୁଷ ସଂପର୍କ ତିକ୍ତ ରହିଥିବା ବେଳେ ପୁତିନ ଭାରତ ଗସ୍ତରେ ଆସୁଛନ୍ତି। ରୁଷ ସହିତ ବାଣିଜ୍ୟ କାରବାର ଉପରେ ଆମେରିକା କଟକଣା ଜାରି କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ବାଧ୍ୟ କରୁଛି। କିନ୍ତୁ ଭାରତ କଟକଣା ମାନୁ ନଥିବାରୁ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ତେବେ ପୁତିନଙ୍କ ଏହି ଗସ୍ତ ଅବସରରେ ସାମରିକ ଚୁକ୍ତି ସମେତ ତେଲ ଓ ଅନ୍ୟାନ୍ୟ ବାଣିଜ୍ୟ କାରବାର ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ରସାତଳକୁ ଗଲା ଟଙ୍କା
# ୧ ଡଲାର : ୯୦.୧୩ ଟଙ୍କା

■ ମୁମ୍ବଇ, ୩।୧୨ (ଏଜେନ୍ସି): ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ମଜବୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଘଟିଛି। ଫଳରେ ଚାପଗ୍ରସ୍ତ ହୋଇଛି ଘରୋଇ ମୁଦ୍ରା। ଭାରତୀୟ ମୁଦ୍ରା ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି।

ଟଙ୍କା ଉପରେ ବଢୁଥିବା ଚାପ ପଛରେ ଅନେକ କାରଣ ରହିଛି। ଯେପରିକି ଡଲାର ଚାହିଦାରେ ବୃଦ୍ଧି, ବିଶ୍ୱସ୍ତରରେ ଅନିଶ୍ଚିତତା ବଢ଼ିବା ଏବଂ ବିଦେଶୀ ଚାହିଦାରେ ବୃଦ୍ଧି। ବିଗତ କିଛି ଦିନ ହେବ ବୈଦେଶିକ ମୁଦ୍ରା



ବିନିମୟ ବଜାରରେ ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୯ ପଇସା ହ୍ରାସ ଘଟି ▶ପୃଷ୍ଠା-୭

# ବଢ଼ିବନି ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଇପିଏଫ୍ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଆଉ ବଢ଼ିବନି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ସର୍ବନିମ୍ନ ପେନ୍‌ସନ୍। କେବଳ ଏତିକି ନୁହେଁ ପେନ୍‌ସନ୍‌ଭୋଗୀଙ୍କୁ ମିଳିବନି ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିର ଲାଭ। ଅର୍ଥାତ୍ ଏଣିକି ଡିଏ ବୃଦ୍ଧି ଆଧାରରେ ବଢ଼ିବନି ପେନ୍‌ସନ୍ ଭୋଗୀଙ୍କ ମହଙ୍ଗା ଆଶ୍ୱସ୍ତି (ଡିଆର୍)। ଆଶା କରାଯାଉଥିଲା ଯେ ସରକାର କର୍ମଚାରୀ ପେନସନ ଯୋଜନା ୧୯୯୫ (ଇପିଏସ୍-୯୫) ଅନ୍ତର୍ଗତ ସ୍ୱଳ୍ପ ପେନ୍‌ସନ୍ ପରିମାଣକୁ ଏକ ସମ୍ମାନଜନକ ସ୍ତରକୁ ବୃଦ୍ଧି କରିବେ। ସର୍ବନିମ୍ନ ଇପିଏଫ୍ ପେନ୍‌ସନ ବର୍ତ୍ତମାନର ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି

EPFO

ବୃଦ୍ଧି ହେବନି ପେନ୍‌ସନ୍ ଭୋଗୀଙ୍କ ଡିଆର୍

ସଂସଦରେ ସଫା ସଫା ମନା କଲେ ମନ୍ତ୍ରୀ

ହେବା ନେଇ ବେଶ ଚର୍ଚ୍ଚା ହେଉଥିଲା। କେତେକ ଗଣମାଧ୍ୟମ ରିପୋର୍ଟରେ ଗତ ଅକ୍ଟୋବର ମାସର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ▶ପୃଷ୍ଠା-୭

# ୩ଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା

■ ଭୁବନେଶ୍ୱର, ୩।୧୨ (ସମିସ): ଚଳିତ ଶିକ୍ଷାବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଜି ତାରିଖ ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷର ୩ଟି ପର୍ଯ୍ୟାୟରେ + ୨ ପରୀକ୍ଷା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବ। ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଫେବୃଆରୀ ୧୮ ତାରିଖରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ତାରିଖରେ ସରିବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ମୋଟ୍ ୨୨ ▶ପୃଷ୍ଠା-୭

ଡିସେମ୍ବର ୨୨ରୁ ଇଣ୍ଟରନାଲ୍, ଜାନୁଆରୀରୁ ପ୍ରାକ୍ଟିକାଲ ଏବଂ ଫେବୃଆରୀ ୧୮ ରୁ ଲିଖିତ ପରୀକ୍ଷା

# ଧାନ କିଣା ଆରମ୍ଭରୁ ବିଭ୍ରାଟ

## ବିଧାନସଭାରେ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ



ମନଇଚ୍ଛା କଟ୍‌ନୀଛଟ୍‌ନୀ ନେଇ ବିରୋଧୀଙ୍କ ସନ୍ଦେହ

ଗତ ଖରିଫରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି: ଶାସକ

■ ଭୁବନେଶ୍ୱର, ୩।୧୨ (ସମିସ): ଘରୁ ନ ପଶୁଣୁ ଚାଳ ବାଜିବା ପରି ଧାନ କିଣା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ । ପ୍ରାୟ ମାସେ ବିଳମ୍ବରେ ପଶ୍ଚିମ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବ ପ୍ରକ୍ରିୟା କାରଣରୁ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲଣି। ସରକାର ମିଲରଙ୍କର ଷ୍ଟକ ଯାଞ୍ଚ କରିନାହାନ୍ତି। ସବୁ ଆଡେ ଗ୍ରେନ ଆନାଲାଇଜର ମେସିନ ପହଞ୍ଚି ନାହିଁ। ଯେଉଁଠି ମେସିନ ନାହିଁ ସେଠାରେ ପୂର୍ବବର୍ଷ ପରି ମନଇଚ୍ଛା କଟନୀ ଛଟନୀ ହେବାର ଆଶଙ୍କା ଦେଖା ଦେଲାଣି। ଖରିଫ୍ ଧାନ କିଣା ପ୍ରକ୍ରିୟାକୁ ନେଇ ବୁଧବାର ବିଧାନସଭାରେ ଏମିତି ସନ୍ଦେହ ବ୍ୟକ୍ତ କରିଛନ୍ତି ବିରୋଧୀ। କେନ୍ଦ୍ର ସରକାରଙ୍କ ଘୋଷିତ ଏମଏସପି ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ସରକାର ଦେବେ କି ନାହିଁ ସିଧାସଳଖ ପ୍ରଶ୍ନ ମଧ୍ୟ କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ବିରୋଧୀଙ୍କ ଅଭିଯୋଗ ଅମୂଳକ କହିବା ସହ ନୂଆ ସରକାର ଆସିବା ପରେ ରାଜ୍ୟକେ କଟନୀ ଛଟନୀ କମିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ କହିଲେ ଯେ ପଶ୍ଚିମ ଓଡ଼ିଶାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଦାନ ସଂଗ୍ରହ ପ୍ରକ୍ରିୟା ସବୁଥର ଆରମ୍ଭ ହୁଏ। ମାତ୍ର ଚଳିତ ଥର ଏଥିରେ ପ୍ରାୟ ମାସେ ବିଳମ୍ବ ଘଟିଛି। ଧନ ଅମଳ ପରେ ଚାଷୀ ନିଜ ପାଖରେ ଧାନ ରଖିପାରେ ନାହିଁ। ସେଥିପାଇଁ ଚାଷୀ ଅଭାବୀ ବିକ୍ରି ଆରମ୍ଭ କଲେଣି। ଧାନ କିଣା ଆରମ୍ଭରେ କାହିଁକି ବିଳମ୍ବ ହେଲା ସରକାର ତାହାର ଉତ୍ତର ରଖିବାର ଆବଶ୍ୟକତା ରହିଛି। ବରଗଡ଼ରେ ପ୍ରାୟ ୫୦୦୦ ଚାଷୀ ପଞ୍ଜୀକରଣ କରିପାରି ▶ପୃଷ୍ଠା-୭

## ୩୧୬୯ ନୁହେଁ; ସରକାର ଦେବେ ୩୧୦୦ ଟଙ୍କା: ମନ୍ତ୍ରୀ

■ ଭୁବନେଶ୍ୱର, ୩।୧୨ (ସମିସ): କେନ୍ଦ୍ର ସରକାର ଚଳିତ ଖରିଫରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଥିଲେ। ସେହି ଅନୁଯାୟୀ ଏମଏସପି ୨୩୬୯ ଟଙ୍କା ଏବଂ ଇନପୁଟ ସବସିଡି ବାବଦକୁ ୮୦୦ ଟଙ୍କା ମିଶାଇ ଚାଷୀ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା ନେଇ ସମ୍ଭାବନା ଦେଖା ଦେଇଥିଲା। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ ବୋଲି ଆଜି ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିରୋଧୀଙ୍କ ପକ୍ଷରୁ ଆଗତ ମୁଲତବୀ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଚଳିତ ଖରିଫରେ ୧୯ ଜୁଲାଇ ୨୦୨୫ରୁ ୧୯ ଅଗଷ୍ଟ ୨୦୨୫ ଯାଏଁ ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ହୋଇଥିଲା। ▶ପୃଷ୍ଠା-୭

## ଶୀତ ସହ ବଢ଼ିବ କୁହୁଡ଼ି

■ ଭୁବନେଶ୍ୱର, ୩।୧୨ (ସମିସ): ରାଜ୍ୟରେ ପୁଣି ତାପମାତ୍ରା ହ୍ରାସ ପାଇବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ବଢ଼ିବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ସାରା ରାଜ୍ୟରେ ବୁଧବାର ରାତିଠାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ହେବ। ଆସନ୍ତା ଶନିବାର ରାତି ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ଜାରି ରହିବ। ଏହି ୪ ଦିନରେ ପାରଦ ପ୍ରାୟ ୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ୭ ତାରିଖ ଅର୍ଥାତ ରବିବାର ରାତିରେ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶା ଓ କେନ୍ଦ୍ରୀୟ ଓଡ଼ିଶାରେ ଆଉ ୧ ଡିଗ୍ରୀ କମିପାରେ। ୮ ତାରିଖ ରାତିରେ ଅନେକ ସ୍ଥାନରେ ୧-୨ ଡିଗ୍ରୀ ବଢ଼ି ପୁଣି ତା ପରଦିନ ତାପମାତ୍ରା କମିବ ଓ ଶୀତ ଜାରି ରହିବ। ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ଏହି ସମୟରେ ରାଜ୍ୟର ଅନେକ ▶ପୃଷ୍ଠା-୭









# ବୈଜ୍ଞାନିକଙ୍କ ସ୍ଥାନ ନେବ ଏଆଇ!

ଏଆଇ ଆସିବା ପରଠୁ ପ୍ରତ୍ୟେକ ଦିନ କିଛି ନା କିଛି ପରିବର୍ତ୍ତନ ଆସୁଛି । ସେହିପରି ବହୁତ ବଡ଼ ବଡ଼ କାମକୁ ଏଆଇ ମାତ୍ର କେଇ ମିନିଟ୍ ମଧ୍ୟରେ କରି ଦେଉଥିବା ବେଳେ ଏଥିଯୋଗୁଁ ଅନେକଙ୍କ ଚାକିରି ପ୍ରତି ବିପଦ ସୃଷ୍ଟି ହୋଇଛି । ଏପରିକି ଅନେକଙ୍କୁ ଚାକିରି ମଧ୍ୟ ହରାଇବାକୁ ପଡ଼ିଛି । ଏହାରି ଭିତରେ ଓପନ ଏଆଇର ସିଇଓ ସାମ୍ ଅଲଟମ୍ୟାନ୍ ଏମିତି କିଛି କହିଛନ୍ତି, ଯାହାକି ପୂରା ଟେକ୍ ଦୁନିଆରେ ହଇଚଇ ସୃଷ୍ଟି କରିଛି । ୨୦୨୮ ସୁଦ୍ଧା ଓପନ ଏଆଇ ଏକ ଏଆଇ ଗବେଷକ ତିଆରି କରିବ । କହିବାକୁ ଗଲେ, ଏହା ଏମିତି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଯାହାକି ମଣିଷ ଭଳି ନୁହେଁ, ବରଂ ମଣିଷଠାରୁ ଅଧିକ ଚିନ୍ତା କରିପାରିବ ଏବଂ ଗବେଷଣା କରିବ । ଏହି କଥା ସାମ୍ନାକୁ ଆସିବା ପରେ ଏଆଇ ଏବେ ମାନବ ଗବେଷକ, ବୈଜ୍ଞାନିକ ଏବଂ ଗବେଷଣା ଚାକିରି ଲାଗି ବିପଦ ଆଣିପାରେ ବୋଲି ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ତେବେ ମେସିନ୍ ନିଜେ ଗବେଷଣା କରିବା ଦ୍ୱାରା ଅନେକ ଗବେଷଣା ଏବଂ ବିଶ୍ଳେଷଣ ସହ ଜଡ଼ିତ ଚାକିରି ପାଇଁ ବିପଦ ଆଣିପାରେ । ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ବୈଜ୍ଞାନିକମାନଙ୍କୁ ଗବେଷଣାରେ ସହାୟତା କରିବା ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏକ ଏଆଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସ୍ତୁତ କରାଯିବ । ସେହିଭଳି ୨୦୨୮ ସୁଦ୍ଧା ଏହା ଏକ ପୂର୍ଣ୍ଣକାଳୀନ ଏଆଇ ଗବେଷକରେ ପରିଣତ ହୋଇ ନିଜେ ଗବେଷଣା କରିବାକୁ ସକ୍ଷମ ହେବ । ଏହି ନୂଆ ଏଆଇ କଠିନରୁ କଠିନ ଗବେଷଣାକୁ ନିଜେ ନିଜେ କରିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।



# ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ଡିସେମ୍ବର ୪ରେ ପାଳନ କରାଯାଏ । ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧରେ ହୋଇଥିଲା ଅପରେସନ ଟ୍ରାଇଡେଣ୍ଟ । ଅପରେସନ ଟ୍ରାଇଡେଣ୍ଟର ସଫଳତା ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହୁଏ । ଏହା ଭାରତୀୟ ନୌସେନାର ଶକ୍ତି, ସାହସ ଓ ପରାକ୍ରମର ପ୍ରତୀକ । ନୌସେନା ଦିବସ କେବଳ ନୌସେନାର ବୀରତ୍ୱର କାହାଣୀ କହେନି, ବରଂ ଦେଶର ସୁରକ୍ଷାରେ ନୌସେନାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ । ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ନେଇ ଏହା ହେଉଛି ଏକ ବିଶେଷ ଅବସର । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନୌସେନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମୁଦ୍ରକୁ ଲାଗି ରହିଥିବା ସୀମାବର୍ତ୍ତୀ ଅଞ୍ଚଳରେ ନୌସୈନିକମାନେ ଦିନରାତି ସଜାଗ ରହି ଦେଶକୁ ଶତ୍ରୁ ମୁଖରୁ ରକ୍ଷା କରିଥାନ୍ତି । ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନୀ ସେନା ଭାରତୀୟ ବାୟୁସୀମା ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲା । ଏହାର ଜବାବରେ 'ଅପରେସନ ଟ୍ରାଇଡେଣ୍ଟ' ଜରିଆରେ ପାକିସ୍ତାନ ନୌସେନା ଉପରେ ଆକ୍ରମଣ କରିଥିଲା ଭାରତ । ଏଥିରେ ପାକିସ୍ତାନର କିଛି ଜାହାଜ ଓ ତେଲ ଡିପୋ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଧ୍ୱଂସର ପ୍ରଭାବ ଏତେ ଥିଲା ଯେ, ୭ ଦିନ ପର୍ଯ୍ୟନ୍ତ ଏହି ଡିପୋଗୁଡ଼ିକ ଜଳିଥିଲା । ଆକ୍ରମଣ ଯୋଗୁଁ ପାକିସ୍ତାନୀ ନୌସେନାର ଡେଷ୍ଟ୍ରୟର୍ ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା । ଏଥିରେ ୭୨୦ ପାକିସ୍ତାନୀ ନୌସୈନିକ ପ୍ରାଣ ହରାଇଥିଲେ । ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମ ସମର୍ପଣ କରିଥିଲା । ତେବେ ଭାରତୀୟ ନୌସେନାର ଏହି ବଡ଼ ବିଜୟକୁ ମନେ ପକାଇବା ସହ ସେମାନଙ୍କ ବୀରତ୍ୱକୁ ସଲାମ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ କରାଯାଇ ଆସୁଛି । ଏହି ଦିନ ଆମ ସୁରକ୍ଷା ବାହିନୀ ପ୍ରତି କୃତଜ୍ଞତା ଜଣାଇବା ଓ ସେମାନଙ୍କର ଅବଦାନ ବୁଝିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ । ଭାରତୀୟ ନୌସେନାର ଏହି ଅବଦାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ।

## ଆଜିର ଦିନରେ

- ୧୮୮୮- ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ ।
- ୧୯୨୪- ଗେଟ୍ ୱେ ଅଫ୍ ଇଣ୍ଡିଆର ଉଦ୍ଘାଟନ ।
- ୧୯୬୭- ଦେଶର ପ୍ରଥମ ରକେଟ୍ 'ରୋହିଣୀ ଆର୍ଏଚ୍-୭୫' ଉତ୍କ୍ଷେପଣ କରାଗଲା ।
- ୧୯୯୬- ନାସା ମଙ୍ଗଳ ଗ୍ରହ ପାଇଁ ମହାକାଶଯାନ 'ମାର୍ସ ପାଥ ଫାଇଣ୍ଡର'କୁ ପ୍ରକ୍ଷେପିତ କଲା ।
- ୨୦୦୬- ଫିଲିପାଇନ୍ସର ଏକ ଗାଁରେ ତୋଫାନ ପରେ ମାଟି ଧସିଯିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି ।

# ବିଶ୍ୱର ସବୁଠୁ ଛୋଟ ଘୋଡ଼ା

## ଉଚ୍ଚତା ୨୧ ଇଞ୍ଚ



ସାଧାରଣତଃ ଗୋଟିଏ ବ୍ୟାଗ୍‌ର ଆକାର ୨୧ ଇଞ୍ଚରୁ ଅଧିକ ହୋଇଥାଏ । ଏବେ ପୁମୁକେଲ ନାମକ ଘୋଡ଼ା ବିଶ୍ୱର ସବୁଠୁ ଛୋଟ ଘୋଡ଼ା ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ଜର୍ମାନୀରେ ରହୁଥିବା ପୁମୁକେଲର ଲମ୍ବ ୨୧.୧ ଇଞ୍ଚ । ପୂର୍ବରୁ ଏହି ରେକର୍ଡ ପୋଲାଣ୍ଡର ବମ୍ବେଲ ନାମକ ଘୋଡ଼ା ନାମରେ ଥିଲା । ବମ୍ବେଲର ଲମ୍ବ ୫୬.୭ ସେଣ୍ଟିମିଟର ଅର୍ଥାତ୍ ୨୨.୩୬ ଇଞ୍ଚ ଥିଲା । ପୁମୁକେଲର ମାଲିକାଣୀ କୈରୋଲା ୱିଡେମାନ କହିବାନୁଯାୟୀ, 'ସେ ଜଣେ ବନ୍ଧୁଙ୍କଠାରୁ ପୁମୁକେଲ ବାବଦରେ ଜାଣିଥିଲେ । ଏହାପରେ ସେ ଗାଡ଼ି ଚଳାଇ ପୁମୁକେଲ ରହୁଥିବା ସ୍ଥାନକୁ ଯାଇଥିଲେ । ସେଠାରେ ସେ ଏତେ ଛୋଟ ଘୋଡ଼ାକୁ ଦେଖି ଚକିତ ହୋଇଯାଇଥିଲେ । ଏହି ଘୋଡ଼ାକୁ ସେ ଅକ୍ଟୋବର ୨୦୨୦ ମସିହାରେ ଘରକୁ ଆଣିଥିଲେ । ପୁମୁକେଲକୁ ସେ ଯେତେବେଳେ ଘରକୁ ଆଣିଥିଲେ ଏହା ମାତ୍ର ପାଞ୍ଚ ମାସର ହୋଇଥିଲା । ସେତେବେଳେ ତାର ଲମ୍ବ ୪୭ ସେଣ୍ଟିମିଟର ଥିଲା । କୈରୋଲା ପୁମୁକେଲକୁ ଥେରାପି ଘୋଡ଼ା ଭାବେ ତାଲିମ ପ୍ରଦାନ କରିଛନ୍ତି । ପୁମୁକେଲ ପ୍ରତିଦିନ ନର୍ସିଂ ହୋମ, ଧର୍ମଶାଳା, ସ୍କୁଲ୍, ଭିନ୍ନକ୍ଷମ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରେ ।

# କ୍ଷୀରରୁ ପୋଷାକ

କ୍ଷୀର ଛିଡ଼ିଗଲେ ସେଥିରୁ ଛେନା ତଥା ପନିର ତିଆରି ହେବା କଥା ସମସ୍ତେ ଜାଣନ୍ତି । ହେଲେ ଏବେ କ୍ଷୀରରୁ କପଡ଼ା ତିଆରି କରାଯାଉଛି । ଏହି କପଡ଼ାକୁ 'ମିଲ୍କ ଫ୍ୟାବ୍ରିକ୍' କୁହାଯାଉଛି । ଜର୍ମାନୀ କମ୍ପାନି 'କ୍ୟୁ ମିଲ୍କ' ଏହି ଟେକ୍ନିକ୍‌କୁ ପରିଚିତ କରାଇଛି । ତେବେ ଉକ୍ତ କମ୍ପାନି କେବଳ ଖରାପ ହୋଇଯାଉଥିବା କ୍ଷୀରକୁ ହିଁ ଏହି କାମ ଲାଗି ଉପଯୋଗ କରୁଛି । ଏହି ପଦ୍ଧତିରେ ଗୋଟିଏ ଲିଟର କ୍ଷୀରରୁ ୧୦ ଗ୍ରାମ୍ କପଡ଼ା ବାହାର କରାଯାଇପାରିବ । କହିବାକୁ ଗଲେ ଗୋଟିଏ ଟି-ସାର୍ଟ ବନାଇବାକୁ ୬୦-୭୦ ଲିଟର କ୍ଷୀର ଆବଶ୍ୟକ । ଏହି କାରଣ ଯୋଗୁଁ ଏହାର ଦାମ୍ ମଧ୍ୟ ଆକାଶଛୁଆଁ । ସେହିପରି ଗୋଟିଏ ମିଟର ମିଲ୍କ ଫ୍ୟାବ୍ରିକର ଦାମ୍ ୧୫ ହଜାରରୁ ୪୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ । ପ୍ରଥମେ କ୍ଷୀରକୁ ଛିଡ଼ାଯାଇ ସେଥିରୁ କେସିନ ପ୍ରୋଟିନ୍ ବାହାର କରାଯାଏ । ଏହି ପ୍ରୋଟିନ୍‌କୁ ପାଣିରେ ମିଶାଇ ଲିକ୍ୱିଡ୍ ତିଆରି କରାଯାଏ । ଏହାପରେ ସ୍ପିନିଂ ମେସିନ୍‌ରେ ଏହାକୁ ତନ୍ତୁରେ ରୂପାନ୍ତରିତ କରାଯାଏ । ଏହି ତନ୍ତୁ ଚମକଦାର ଏବଂ ମୁଲାୟମ ହୋଇଥାଏ । ଏହାପରେ ଏହାକୁ ବୁଣି କପଡ଼ା ତିଆରି କରାଯାଏ । ଏହି ପୂରା ପ୍ରକ୍ରିୟାରେ କୌଣସି ରସାୟନ ବ୍ୟବହାର କରାଯାଏ ନାହିଁ । ତେଣୁ ଏହା ପରିବେଶ ଅନୁକୂଳ ହେବା ସହ ଚର୍ମ ପାଇଁ ମଧ୍ୟ ଭଲ ହୋଇଥାଏ । ତେବେ କ୍ଷୀରରୁ କପଡ଼ା ତିଆରି କରିବା ଟେକ୍ନୋଲୋଜି ନୂଆ ନୁହେଁ । ୧୯୩୦ ମସିହାରେ ଇଟାଲିରେ ଯେତେବେଳେ ଉଲ୍‌ର ଅଭାବ ଦେଖାଯାଇଥିଲା ସେତେବେଳେ ସେଠାକାର ବୈଜ୍ଞାନିକ କ୍ଷୀରରୁ କପଡ଼ା ତିଆରି କରିବା ଆରମ୍ଭ କଲେ । ସେତେବେଳେ ଏହାକୁ 'ଲାନିଟାଲ' କୁହାଯାଉଥିଲା । ହେଲେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷବେଳକୁ ଉଲ୍ ଏବଂ ସିନ୍ଥେଟିକ୍ କପଡ଼ା ଆସିବାରୁ ଏହା ହଜିଗଲା । ଏବେ ପୁଣି ୨୦୨୫ରେ ଏହା ଫେରିଛି । ଅନ୍ୟପଟେ ମିଲ୍କ ଫ୍ୟାବ୍ରିକ୍ ରେଶମଠାରୁ ତିନି ଗୁଣ ଅଧିକ ନରମ । ଝାଳରେ ବି ଏହା ଦୁର୍ଗନ୍ଧ ହେବ ନାହିଁ । ଏହା ଶୀତରେ ଗରମ ଏବଂ ଗରମରେ ଶରୀରକୁ ଶୀତଳତା ପ୍ରଦାନ କରେ । ସବୁଠୁ ବଡ଼ କଥା ହେଉଛି, ଏହା ଦୁଇ ବର୍ଷ ମଧ୍ୟରେ ମାଟିରେ ମିଶିଯିବ ।




# କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ



ସାଧାରଣତଃ ଲୋକେ ପ୍ରତିଦିନ ଯେଉଁ ପ୍ଲେଟ୍ ବା ଥାଳିରେ ଖାଦ୍ୟ ଖାଆନ୍ତି, ତାହାର ସିଧା ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ହୁଏତ ଅନେକ ଜାଣି ନଥିବେ । ଅନେକ ସମୟରେ ଲୋକେ ସହଜ, ସୁବିଧା, ଷ୍ଟାଇଲିସ୍ ପାଇଁ ନିଜ ହିସାବର ବାସନ ଚୟନ କରନ୍ତି । ହେଲେ ପ୍ରତ୍ୟେକ ବାସନ ଶରୀର ଉପରେ ଅଲଗା ଅଲଗା ପ୍ରଭାବ ପକାଏ । କିଛି ପ୍ଲେଟ୍‌ର ବ୍ୟବହାର ସୁରକ୍ଷିତ ହୋଇଥିବାବେଳେ ଆଉ କିଛି ପ୍ଲେଟ୍‌ରେ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚେ । ଏଭଳି କ୍ଷେତ୍ରରେ କାଚ, ପିତ୍ତଳ, ପ୍ଲାଷ୍ଟିକ୍, ପତ୍ର ଭଳି କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ, ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ତେବେ କାଚ ପ୍ଲେଟ୍‌କୁ ସବୁଠୁ ସୁରକ୍ଷିତ ବୋଲି କୁହାଯାଏ । ଏହା ବିଷାକ୍ତ ହୋଇ ନ ଥିବା ବେଳେ ଏଥିରେ ରାସାୟନିକ ପ୍ରତିକ୍ରିୟା ହେବା ଆଶଙ୍କା ନଥାଏ । ଏପରିକି ଏଥିରେ ଜୀବାଣୁ ବୃଦ୍ଧିର ଆଶଙ୍କା କମ୍ । ଏହାସହ କାଚ ପ୍ଲେଟ୍‌କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ସଫା କରିବା ବି ସହଜ । ଏଣୁ କାଚ ପାତ୍ରରେ ଖାଦ୍ୟ ଖାଇବା ସବୁଠୁ ସୁରକ୍ଷିତ । ସେହିପରି ପତ୍ର ପ୍ଲେଟ୍ ପରିବେଶ ପାଇଁ ଅନୁକୂଳ । ଏହା ପରିବେଶ ଅନୁକୂଳ ହେବା ସହ ଏବଂ ଏଥିରେ କୌଣସି ପ୍ରକାର କ୍ଷତିକାରକ ରସାୟନ ନ ଥାଏ । ତେବେ ପତ୍ର ପ୍ଲେଟ୍ ପରିଷ୍କାର ଥିବା ସହ ଏହା ଖରାପ ହୋଇ ନ ଥିବା ଆବଶ୍ୟକ । ଅନ୍ୟପଟେ ପତ୍ର ପ୍ଲେଟ୍ ଖରାପ ହୋଇଯାଇ ଥିଲେ ଏଥିରୁ ଜୀବାଣୁଜନିତ ସଂକ୍ରମଣ ହେବା ଆଶଙ୍କା ବୃଦ୍ଧି ପାଏ । ଏ ଦୃଷ୍ଟିରୁ ପତ୍ରରେ ବେଳେବେଳେ ଖାଦ୍ୟ ଖାଇବା ସୁରକ୍ଷିତ । ସବୁବେଳେ ଏହାକୁ ବ୍ୟବହାର କରିବା ଅନୁଚିତ । ଅନ୍ୟପଟେ କଂସା ପିତ୍ତଳ ବାସନ ସ୍ୱାସ୍ଥ୍ୟ ପକ୍ଷେ ହିତକର । ଏହା ଖାଦ୍ୟକୁ ଗରମ ରଖିବାରେ ସାହାଯ୍ୟ କରେ ଏବଂ ଏଥିରୁ କିଛି ପୋଷକ ତତ୍ତ୍ୱ ବି ମିଳିଥାଏ । ସେହିପରି ପିତ୍ତଳ ବାସନରେ ଟିଣ କୋଟିଂ ନ ଥିଲେ ଏବଂ ଏହା ପୁରୁଣା ହୋଇଯାଇଥିଲେ, ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ । ଏହାବାଦ୍ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଗରମ ଖାଦ୍ୟ ରଖିଲେ ଏଥିରେ ଥିବା ରସାୟନ ଖାଦ୍ୟରେ ମିଶି ଯାଇପାରେ । ଫଳରେ ଏହାଦ୍ୱାରା ହରମୋନ ଅସନ୍ତୁଳନ, ପାଚନ ସମସ୍ୟା ଏବଂ ଗମ୍ଭୀର ରୋଗ ଆଶଙ୍କା ବୃଦ୍ଧି କରେ । ବିଶେଷକରି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର ଅଧିକ ବିପଜ୍ଜନକ ହୋଇଥାଏ । ତେଣୁ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଖାଦ୍ୟ ଖାଇବା ଅନୁଚିତ । ଯଦି ସବୁଠୁ ସୁରକ୍ଷିତ ପ୍ଲେଟ୍ କଥା କୁହାଯିବ, ତେବେ କାଚ ପ୍ଲେଟ୍‌ରେ ଖାଦ୍ୟ ଖାଇବାକୁ ସବୁଠୁ ସୁରକ୍ଷିତ ବୋଲି କୁହାଯିବ । ସେହିପରି ପତ୍ର ପ୍ଲେଟ୍ ବି ସୁରକ୍ଷିତ । ହେଲେ ଏହା ସଫା ଓ ତାଜା ହୋଇଥିବା ଆବଶ୍ୟକ ।

# ୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା



ଏକଦା ରଣବୀର କପୁର ଓ ଦୀପିକା ପାଦୁକୋନ୍‌ଙ୍କ ପ୍ରେମ ସମ୍ପର୍କ ବଲିଉଡ୍‌ରେ ବେଶ୍ ଚର୍ଚ୍ଚାରେ ରହିଥିଲା । ଉଭୟ ଶେଷଥର ପାଇଁ ୨୦୧୫ରେ 'ତମାସା' ଫିଲ୍ମରେ ନଜର ଆସିଥିଲେ । ତେବେ ବଲିଉଡ୍‌ର ଏହି ହଟ୍ ଯୋଡ଼ିଙ୍କୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ତାଙ୍କ ପ୍ରଶଂସକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ । ଏବେ ଏହି ଯୋଡ଼ି ପୁଣି ଥରେ ଏକାଠି ପରଦାକୁ ଫେରୁଛନ୍ତି । ରଣବୀର ତାଙ୍କ ଫିଲ୍ମ 'ରାମାୟଣମ୍'କୁ ନେଇ ଚର୍ଚ୍ଚାରେ ଥିବାବେଳେ ଦୀପିକା ଏବେ ଶାହାରୁଖ୍ ଖାନ୍‌ଙ୍କ ସହ 'କିଙ୍ଗ୍'ରେ କାମ କରୁଛନ୍ତି । କିଛି ଦିନ ପୂର୍ବରୁ ଦୀପିକା ଓ ରଣବୀର ଏକାଠି ମୁମ୍ବାଇ ବିମାନବନ୍ଦରରେ ନଜର ଆସିଥିଲେ । ସେବେଠାରୁ ଉଭୟ କୌଣସି ଫିଲ୍ମରେ କାମ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରୁଥିଲେ । ଏବେ ଏହା ଉପରୁ ପରଦା ଉଠିଛି । ଅୟାନ ମୁଖାର୍ଜୀ କ୍ଲାସିକ୍ ଫିଲ୍ମ 'ଚୋରି ଚୋରି'(୧୯୫୬) ରୁ ପ୍ରେରିତ ହୋଇ ଏକ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି । ଏହି ଫିଲ୍ମରେ ରାଜ୍ କପୁର ଓ ନରଗିସ୍ ଦତ୍ତ ଲିଡ୍‌ରୋଲରେ ଦେଖାଯାଇଥିଲେ । ଅୟାନ୍ ଏହାକୁ ରିମେକ୍ କରିବା ବଦଳରେ ମୂଳ ଫିଲ୍ମରେ କେବଳ ନୂଆ ସ୍ପର୍ଶ ଦେବାକୁ ଚାହୁଁଛନ୍ତି । ତେବେ ଏହି ଫିଲ୍ମ ରାଜ୍ କପୁରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କରାଯାଉଥିବାରୁ ରଣବୀରଙ୍କ ପାଇଁ ଭାବନାତ୍ମକ ରୂପେ ଏହା ବେଶ୍ ସ୍ୱତନ୍ତ୍ର ହେବ । ରଣବୀର ଓ ଦୀପିକା ଏହି ଫିଲ୍ମ ମାଧ୍ୟମରେ ଏକ ରୋମାଣ୍ଟିକ୍ କାହାଣୀକୁ ହାଲ୍‌କା ଫୁଲ୍‌କା ଭାବେ ପରଦାରେ ଦେଖାଇବେ । ଏଠାରେ ପ୍ରକାଶ ଥାଉ କି, ୨୦୦୮ ରେ 'ବଚନା ଏ ହସିନୋ' ଫିଲ୍ମ ମାଧ୍ୟମରେ ରଣବୀର ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ୨୦୧୦ରେ ଅଲଗା ହୋଇଯାଇଥିଲେ । ଏହି ସମ୍ପର୍କ ଭାଙ୍ଗିବା ପରେ ଦୀପିକା ଦୀର୍ଘ ଦିନ ଧରି ଅବସାଦ ମଧ୍ୟରେ ରହିଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଆର୍ଥିକ ସମସ୍ୟା ଦୂର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ନିଜକୁ କମଜୋର ଭାବନ୍ତୁ ନାହିଁ । ଧୈର୍ଯ୍ୟ ରଖନ୍ତୁ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ରାଜନୀତିରେ ସକ୍ରିୟ ରହିପାରନ୍ତି । ଅଚାନ ଖୁସି ଖବର ପାଇବେ ।

**ସିଂହ:** ଭାବିଚିନ୍ତି କାର୍ଯ୍ୟ କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ନୂତନ ଜମି କ୍ରୟ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇପାରନ୍ତି । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ହାତେ ମାପି ଚାଖଣ୍ଡେ ଚାଲନ୍ତୁ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ ହସଖୁସିର ସମୟ ବିତାଇପାରନ୍ତି । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

# ରାଜ୍ୟରେ ୧୩୩ ଶୀତଳ ଭଣ୍ଡାରରୁ ୯୮ ଅଚଳ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ସେଥିମଧ୍ୟରୁ ମାତ୍ର ୩୫ଟି କାର୍ଯ୍ୟକ୍ଷମ ଅଛି। ବଳକା ୯୮ଟି ଅଚଳ ହୋଇ ପଡ଼ିଛି। ୩୫ଟି କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ମଧ୍ୟରୁ ୨ଟି ସରକାରୀ



ଏବଂ ୩୩ଟି ବେସରକାରୀ ଶୀତଳ ଭଣ୍ଡାର ରହିଛି ବୋଲି ବୁଧବାର ବିଧାନସଭାରେ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ବୁଧବାର ପ୍ରଶ୍ନକାଳରେ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ପ୍ରଶ୍ନ କରିଥିଲେ। ସରକାର ସବୁ ସବଡିଭିଜନରେ ଗୋଟିଏ ଲେଖାଏଁ ମୋଟ ୫୧ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଏହାର ସ୍ଥିତି ଏବେ କଣ। ସରକାର ସବୁ ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବେ କି ବୋଲି ସେ ଜାଣିବାକୁ ଚାହିଁଥିଲେ।

**■ ବଜେଟରେ ଥିଲା ୨୫୨ କୋଟିର ବ୍ୟୟବରାଦ**
**■ ୫ଟି ପ୍ରସ୍ତାବକୁ ରାଜ୍ୟ ସରକାର ଦେଇଛନ୍ତି ମଞ୍ଜୁରୀ**

ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଗତ ଜାନୁଆରୀ ମାସରୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଡିଭିଜନରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରାଯିବ। ଆବଶ୍ୟକ ହେଲେ ବ୍ଲକରେ ମଧ୍ୟ ଶୀତଳ ଭଣ୍ଡାର ହେବ। ଏଥିପାଇଁ ଚଳିତ ବଜେଟରେ ୨୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ଆସନ୍ତା ୨୦୨୯-୩୦ ଯାଏଁ ଜାରି ରହିବ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ବେସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଏସସି, ଏସଟି ବର୍ଗ ଓ ମହିଳାଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଏ ବାବଦରେ ସେମାନଙ୍କୁ ୬.୫୦ କୋଟି ଟଙ୍କା ସବ୍‌ସିଡି ବାବଦରେ ଅର୍ଥ ଦିଆଯାଉଛି। ଅନ୍ୟ ବର୍ଗଙ୍କୁ ଏକ୍ଷେତ୍ରରେ ୬ କୋଟି ଟଙ୍କା ବ୍ୟବସ୍ଥା ରହିଛି। ସେହିପରି ବିଦ୍ୟୁତ୍ ବିଲ୍ ବାବଦରେ ମଧ୍ୟ ରାଜ୍ୟ ସରକାର ଯୋଜନା ଅଧୀନରେ ୫୦ ପ୍ରତିଶତ ରିଆତି ବ୍ୟବସ୍ଥା ରଖିଛନ୍ତି। ଅଚଳ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ସରକାର ଷ୍ଟୋରେଜ ପିଛା ୧.୫ କୋଟି ଟଙ୍କା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସ୍ତରରେ ୧୫ଟି ଆବେଦନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୫ଟିକୁ ମଞ୍ଜୁରୀ ମିଳିଛି। ବାକି ପ୍ରକ୍ରିୟା ମଧ୍ୟରେ ଅଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଅତିରିକ୍ତ ପ୍ରଶ୍ନକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉତ୍ସାହିତ କରନ୍ତୁ। ବିଧାୟକଙ୍କ ସୁପାରିସକୁ ସରକାର ସର୍ବାଧିକ ପ୍ରାଥମିକତା ଦେବେ। ସେହିପରି ଅଚଳ ସରକାରୀ ଶୀତଳଭଣ୍ଡାରକୁ ସଚଳ କରିବା ପାଇଁ ବିଧାୟକମାନେ କରିଥିବା ଦାବିକୁ ସରକାର ବିଚାରକୁ ନେବେ ବୋଲି ସେ ଗୃହରେ ଅବଗତ କରିଥିଲେ।



ଜୟନ୍ତୀ ଅବସରରେ ବୁଧବାର ବିଧାନସଭା ପରିସରରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

## ମନୋଜ ମିଶ୍ରଙ୍କ ପ୍ରୟାସକୁ ପ୍ରଶଂସା କଲେ ଅମିର ଖାନ୍

ଭୁବନେଶ୍ୱର,୩।୧୨(ସମିସ): ବଲିଉଡ ଅଭିନେତା ଅମିର ଖାନ୍‌ଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି ଓଡ଼ିଆ ଅଭିନେତା ମନୋଜ ମିଶ୍ର। ଅମିରଙ୍କୁ ଭେଟିବା ପରେ ଭାବପ୍ରବଣ ହୋଇ ମନୋଜମିଶ୍ର କହିଛନ୍ତି ଯେ, ମୋତେ କିଏ କ'ଣ ବୁଝୁଛି, ମୁଁ ଜାଣିନି କିନ୍ତୁ ଆଜି ଅମିର ଖାନ୍‌ଙ୍କ ସହ ଦେଢ଼ଘଣ୍ଟା ଆଲୋଚନା ଭିତରେ ମୁଁ ବୁଝିଗଲି ଯେ, ଓଡ଼ିଶାରେ ତିଆରି ସିନେମାକୁ ନେଇ ମୋ ମୁଣ୍ଡରେ କ'ଣ ରହିଛି, ସେ କଥାକୁ ଅମିର ଖାନ୍ ଭଲ ଭାବରେ ବୁଝିଗଲେ। ୧୦ ମିନିଟ୍ ସମୟ ଦେଇଥିଲେ କିନ୍ତୁ ଦେଢ଼ଘଣ୍ଟା ଧରି ଏବିଷୟରେ ଆଲୋଚନା ହେଲା। ଏତେ ବଡ଼ ଷ୍ଟାର ହୋଇ ମଧ୍ୟ ତାଙ୍କର କଳାପ୍ରତି ଭଲ ପାଇବା ରହିଛି ବୋଲି ମୋ କଥାକୁ ସେ ବୁଝି ପାରିଛନ୍ତି ବୋଲି ମନୋଜ ମିଶ୍ର କହିଛନ୍ତି। ତେବେ ଏହି ଆଲୋଚନାରେ ଅମିର ଖାନ୍ ମଧ୍ୟ ମନୋଜଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଓଡ଼ିଶାର କଳା ସଂସ୍କୃତି ସହ ଓଡ଼ିଆ ସିନେମାକୁ ଆଗକୁ ନେବାକୁ ମନୋଜଙ୍କ ପ୍ରୟାସକୁ ବେଶ୍ ପ୍ରଶଂସା କରିଛନ୍ତି। ସିନେମା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାକୁ ତୃଣମୂଳସ୍ତରରେ ସେ ଯେଉଁଭଳି ଉଦ୍ୟମ କରିଛନ୍ତି ତାଙ୍କର ପ୍ରୟାସ ନିଶ୍ଚିତ ସଫଳ ହେବ ବୋଲି କହିବା ସହ ଆଗାବମ ଦିନରେ ତାଙ୍କୁ ସହଯୋଗ କରିବେ ବୋଲି ଅମିର ପ୍ରତିଶ୍ରୁତି ଦେଇଛନ୍ତି।

**ତୃଣମୂଳ ସ୍ତରରରେ ସିନେମା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାକୁ କରୁଛନ୍ତି ପ୍ରୟାସ**

## ମାଧୁରୀ ଦୀକ୍ଷିତଙ୍କ ଶାଢ଼ୀ ପିନ୍ଧା ଖର୍ଚ୍ଚ ୧.୬ କୋଟି

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶା ହସ୍ତତନ୍ତର ଚାହିଦା ସାରା ବିଶ୍ୱରେ ରହିଛି। ସମ୍ବଲପୁରୀ ବାନ୍ଧ, ବରଗଡ଼ ଓ ବ୍ରହ୍ମପୁରୀ ପାଟ ସାଙ୍ଗକୁ ମାଣିଆବନ୍ଧ ପାଟବସ୍ତ୍ରକୁ ଲୋକେ ଅନଲାଇନରେ ଖୋଜିଖୋଜି କିଣୁଛନ୍ତି। ସାରା ଦେଶରେ ଶ୍ରେଷ୍ଠ ୫ଟି ହସ୍ତତନ୍ତ ଶାଢ଼ୀ ବା ସାମଗ୍ରୀ ସୂଚୀରେ ଓଡ଼ିଶାର ହସ୍ତତନ୍ତ ରହିଛି। ଏହାକୁ ଆହୁରି ଅଧିକ ପ୍ରଚାର କରିବାକୁ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ବଲିଉଡ଼ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଦେଇଛି ୧.୬ କୋଟି ଟଙ୍କା। ଓଡ଼ିଶାକୁ ମାଧୁରୀ ଓ ତାଙ୍କ ସହାୟକମାନଙ୍କ ଯିବା ଆସିବା ନିମନ୍ତେ ବିମାନ ଖର୍ଚ୍ଚ, ତାରକା ହୋଟେଲରେ ରହିବା, ଖାଇବା ପିଇବା ଖର୍ଚ୍ଚ ମଧ୍ୟ ବିଭାଗ ବହନ କରିଛି। ମୋଟାମୋଟି ଦେଖିଲେ ମୋଟାମୋଟି ଖର୍ଚ୍ଚ ୨ କୋଟି ଟପିବ। ପୂର୍ବରୁ ଓଡ଼ିଆ ଅଭିନେତ୍ରୀମାନେ ଓଡ଼ିଶା ହସ୍ତତନ୍ତର ବିଜ୍ଞାପନ କରୁଥିଲେ। ମାତ୍ର ଏବେ ମାଧୁରୀ ଦୀକ୍ଷିତଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦିଆଯାଇଛି ଏବଂ ଓଡ଼ିଆ ହସ୍ତତନ୍ତ ଶାଢ଼ୀ ପିନ୍ଧିବାକୁ ତାଙ୍କୁ ୧.୬ କୋଟି ଟଙ୍କା ସହ ତାଙ୍କ ପାଇଁ ଅନ୍ୟାନ୍ୟ ବ୍ୟଞ୍ଚ ମଧ୍ୟ ହସତନ୍ତ ଓ ହସ୍ତଶିଳ୍ପ ବିଭାଗକୁ ବହନ କରିବାକୁ ପଡ଼ିଛି।

**■ ବିମାନ ଭଡ଼ା, ରହିବା ଓ ଖାଇବା ଖର୍ଚ୍ଚ ଅଲଗା**
**■ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଦେଲେ ବିସ୍ତୃତ ସୂଚନା**



ଅତୀତରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ପିନ୍ଧୁଥିଲେ, ତାହାକୁ ଆଦର କରୁଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓଡ଼ିଶା ହସ୍ତତନ୍ତ ଶାଢ଼ୀ ପିନ୍ଧି ବଜେଟ୍ ଆଗତ କରିଥିବା ଦେଖାଯାଇଛି। ସୋନପୁରର ପ୍ରସିଦ୍ଧ ହସ୍ତତନ୍ତ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଆ ବର୍ଣ୍ଣମାଳା ଲିଖିତ ଶାଢ଼ୀକୁ ଅଭିନେତ୍ରୀ ବିଦ୍ୟାବାଲାନ୍ ପିନ୍ଧି ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ଅଭିନୟ କରି ବିନାମୂଲ୍ୟରେ ଓଡ଼ିଆ ହସ୍ତତନ୍ତର ପ୍ରଚାର ପ୍ରସାର କରିଛନ୍ତି। ମାତ୍ର ଏବେ ମାଧୁରୀ ଓଡ଼ିଆ ହସ୍ତତନ୍ତକୁ ପ୍ରଚାର କରିବା ଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ଓ ସାମଗ୍ରୀ ବହୁଗୁଣ ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି ଓ ରାଜକୋଷରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଆଜି ବିଧାନସଭାରେ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ମାଧୁରୀଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦ୍ୱାରା ଓଡ଼ିଶା ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିମାନ ଯାତାୟତ ସହ ରହିବା ଓ ଖାଇବା ଖର୍ଚ୍ଚ ବାବଦରେ ଅଲଗା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ମାଧୁରୀ ଦୀକ୍ଷିତ ଆମ ଓଡ଼ିଆ ହସ୍ତତନ୍ତର କ'ଣ ପ୍ରଚାର ପ୍ରସାର କରିଛନ୍ତି ଓ ଏହାପରେ ଓଡ଼ିଶାରେ ଏହାର ପ୍ରଭାବ କେତେ ପଡ଼ିଛି ତାହାର ତର୍ଜମା କରିବାକୁ ପ୍ରସ୍ତାବ ଦେଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଏହା ସହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଏହି ପଦକ୍ଷେପ ଦ୍ୱାରା ବିକ୍ରିବଟା କେତେ ପରିମାଣରେ ବଢ଼ିଛି ଓ ବୁଣାକାର କେତେ ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

**■ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

## ଶିକ୍ଷା କର୍ମଚାରୀ ସଂଘଙ୍କ ଦାବି ଅନୁଧ୍ୟାନ କରିବାକୁ ଗଠନ ହେଲା କମିଟି

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକର କର୍ମଚାରୀ ସଂଘଙ୍କ ଦାବିର ଅନୁଶୀଳନ କରିବେ ସରକାର। ସେମାନଙ୍କ ଦାବି ଅନୁଶୀଳନ ପାଇଁ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକର ବିଭିନ୍ନ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାରର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଦାବି ସମୂହର ଅନୁଶୀଳନ ନିମନ୍ତେ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

**■ ପୂର୍ବତନ ଆଇଏଏସ୍ ଅଶୋକ ତ୍ରିପାଠୀ କମିଟି ଅଧ୍ୟକ୍ଷ ନିଯୁକ୍ତ**
**■ ୬ ମାସରେ ସରକାରଙ୍କୁ ଅନୁଶୀଳନ ରିପୋର୍ଟ ଦେବ କମିଟି**

**ଚାଲିଥିଲା ଆନ୍ତଃରାଜ୍ୟ ହାତୀ ଦାନ୍ତ କାରବାର; ଜଗିଥିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍**

## ୩ ଚୋରା ବେପାରୀ ଗିରଫ, ୧୫ କିଲୋ ଓଜନର ୩ଟି ହାତୀ ଦାନ୍ତ ଜବତ

କେନ୍ଦୁଝର/ଚମ୍ପୁଆ/ତୁରୁମୁଙ୍ଗା, ୩।୧୨(ସମିସ): ଚାଲିଥିଲା ହାତୀ ଦାନ୍ତର ବେଆଇନ କାରବାର। ମାଡ଼ିବସିଲା ବନ ବିଭାଗର ସ୍ୱତନ୍ତ୍ର ଚଢ଼ଉ ଟିମ୍। ଚଢ଼ଉରେ ୧୫ କିଗ୍ରା ଓଜନର ହାତୀ ଦାନ୍ତ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର କୌଳାସ ତିରିୟା, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଏବଂ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା।




ସୂଚନା ଅନୁସାରେ, ଅବୈଧ ବନ୍ୟଜୀବ ବ୍ୟବସାୟ ବିରୋଧରେ ଜେଟିଏଫ୍ (ପିସିସିଏଫ୍, ବନ୍ୟଜନ୍ତୁ) ପକ୍ଷରୁ ଏକ ବିଶ୍ୱସ୍ତ ସୂଚନା ରହିଥିଲା। ଏହି ଆଧାରରେ କେନ୍ଦୁଝର ଡିଏଫଓ ଏଚ୍‌ଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ଏକ ଘରୁ ଉକ୍ତ ଚଢ଼ଉ ଦଳ ୧୫ କି.ଗ୍ରା ଓଜନର ହାତୀ ଦାନ୍ତକୁ ଜବତ କରିଥିଲେ। ଯାଞ୍ଚ ବେଳେ ସମ୍ପୃକ୍ତ ୩ ଜଣ ଆନ୍ତରାଜ୍ୟ ହାତୀ ଦାନ୍ତ ବେପାରୀଙ୍କୁ ମଧ୍ୟ ବନ ବିଭାଗ କାବୁ କରି ନେଇଛି। ଚମ୍ପୁଆ ବନବିଭାଗ କାର୍ଯ୍ୟାଳୟରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡିଏଫଓ ଏହି ସୂଚନା ଦେଇଛନ୍ତି। ଏସିଏଫ୍ ଅଶୋକ ଦାସ, ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ସଞ୍ଜୀବ ରାଉତଙ୍କ ସମେତ କେନ୍ଦୁଝର ଓ ଶୁଆକାଟିର ବନାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ, ସ୍ଥାନୀୟ ପୁଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବଳରେ ଏହି କାରବାରକୁ ପର୍ଦ୍ଦାଫାସ କରାଯାଇଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ରାମକୃଷ୍ଣ ହେସାଙ୍କ ଘରେ ପୂଜା ପାଠ ଆଳରେ ହାତୀ ଦାନ୍ତ ବିକ୍ରି ପାଇଁ ଯୋଜନା ଚାଲିଥିଲା। ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ ସିଏଚ୍/୨୦୨୫-୨୬ ଏବଂ ବନ୍ୟଜୀବ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରାଯାଇଛି। ଚଢ଼ଉ ସମୟରେ ସେମାନଙ୍କଠାରୁ ୧୫ କି.ଗ୍ରା ଓଜନର ୨ଟି ହାତୀ ଦାନ୍ତ, ୩ଟି ମୋବାଇଲ, ୨ଟି ମଟର ସାଇକଲ ଓ ୧ଟି ସ୍କୁଟି ଜବତ କରାଯାଇଛି। ପୁଲିସ ସହାୟତାରେ ବନ ବିଭାଗ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶିମିଳିପାଳରେ କଳା ବାଘ ବଂଶବୃଦ୍ଧି

ବାରିପଦା,୩।୧୨(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧିଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ କଳା ବାଘଙ୍କ ବଂଶବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ଉକ୍ତ କଳାବାଘକୁ ଦେଖିଥିବାବେଳେ ଭିଡିଓ ଉତ୍ତୋଳନ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହାକି ଶିମିଳିପାଳରେ କଳା ବାଘଙ୍କ ଉପସ୍ଥିତି ସହ ତାଙ୍କ ବଂଶବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ଗତ କିଛିଦିନ ପୂର୍ବେ ବାଘ ଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସୋସିଆଲ ମିଡିଆରେ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ



କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ, ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବାବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ଯବାନ-ପୁଲିସ ଗୁଳି ବିନିମୟ**

## ୩ ଯବାନ ସହିଦ , ୧୨ ମାଓବାଦୀ ନିହତ

ମାଲକାନଗିରି, ୩।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଗତ କିଛିଦିନ ପୂର୍ବେ ଛତିଶଗଡ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମାଓ କମିଟି ପକ୍ଷରୁ ଅସ୍ତ୍ର ତ୍ୟାଗ ସହ ପିଏଲଜିଏ ସପ୍ତାହ ପାଳିବୁ ନାହିଁ, ଖୁବ୍‌ଶୀଘ୍ର ମାଓବାଦୀ ମାନେ ଆତ୍ମସମର୍ପଣ କରିବେ ବୋଲି ଏକ ଅଡିଓ ଟେପ୍‌ରେ ପ୍ରକାଶ କରିଥିଲେ। କିନ୍ତୁ କିଛିମାଓବାଦୀଙ୍କ ଆତ୍ମସମର୍ପଣ ପରେ ପୁଣି ମାଓବାଦୀ ମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଯାହାକି ମାଓବାଦୀଙ୍କ ଅସଲ ଚେହେରାକୁ ସାମ୍ନାକୁ ଆଣିଛି। ସୂଚନା ଅନୁଯାୟୀ ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଘଞ୍ଚ ଜଙ୍ଗଲରେ



ମାଓବାଦୀ ମାନେ ଲୁଚି ରହିଥିବା ଖବର ପାଇ ଯବାନ ମାନେ ତଲାସି ଅଭିଯାନରେ ବାହାରିଥିଲେ। ଯବାନଙ୍କୁ ଦେଖି ମାଓବାଦୀ ମାନେ ଗୁଳି ଚଳାଇଥିଲେ। ଯବାନ ମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବା ବେଳେ ମାଓବାଦୀଙ୍କ ଗୁଳିମାରେ ୩ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ସେହିପରି ଘଟଣା ସ୍ଥଳରୁ ୧୨ ଜଣ ମାଓବାଦୀଙ୍କ ମର ଶରୀର, ଏସ୍‌ଏଲଆର, ଇନ୍ସାସ ଭଳି ବନ୍ଧୁକ, ଅନ୍ୟ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଆଦି ଜବତ ହୋଇଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି। ଡିଆରଜି, ଏସ୍‌ଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ପଶ୍ଚିମ ବସ୍ତର ମାଓ ଡିଭିଜନର ମାଓବାଦୀ ସେଠାରେ ରହିଛନ୍ତି। ଜଣେ ଯବାନ ଆହତ ହୋଇଥିବା ଓ ୩ ଯବାନ ସହିଦ ହୋଇଥିବା ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଯବାନ ମାନେ ତଲାସି ଅଭିଯାନରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ।

**ରମାଦେବୀଙ୍କ ଜୟନ୍ତୀ ପ୍ରସଙ୍ଗ**

## ନାରୀନେତ୍ରୀଙ୍କୁ ଭୁଲିଯିବା ଅକ୍ଷମଣୀୟ ଅପରାଧ: ବିରୋଧୀ

### ବର୍ଷବ୍ୟାପୀ ଜୟନ୍ତୀ ପାଳିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି: ଶାସକ

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶାରେ ସର୍ବୋଦୟ ଆନ୍ଦୋଳନର ପ୍ରମୁଖ ନେତ୍ରୀ ମା' ରମାଦେବୀ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ତାଙ୍କର ପୂରା ପରିବାର ସ୍ୱାଧୀନତା ଆନ୍ଦୋଳନରେ ଜୀବନ ସମର୍ପି ଦେଇଥିଲେ। ଜଣେ ସମାଜ ସଂସ୍କାରକ, ସାରସ୍ୱତ ସାଧିକ ଭାବେ ମଧ୍ୟ ମା' ରମାଦେବୀ ଅନନ୍ୟା। ତାଙ୍କ ୧୨୫ତମ ଜନ୍ମବାର୍ଷିକକୁ ସରକାର ବର୍ଷବ୍ୟାପୀ ପାଳନ କରିବା ଲାଗି ଘୋଷଣା କରି ଚୁପ୍ ବସିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଧବାର ଶୂନ୍ୟକାଳରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ବିଧାୟକ। ଏପରି ନାରୀନେତ୍ରୀଙ୍କୁ ଭୁଲିଯାଇ ସରକାର ଅକ୍ଷମଣୀୟ ଅପରାଧ କରିଛନ୍ତି। କେବଳ ମା' ରମାଦେବୀ ନୁହଁନ୍ତି; ସହିଦ ଲକ୍ଷ୍ମଣ ନାଏକଙ୍କର ୧୫୨ ତମ ଜୟନ୍ତୀ ପାଳନ କରାଯାଇ ନାହିଁ। ସରକାର ତୁରନ୍ତ ବର୍ଷବ୍ୟାପୀ ଜୟନ୍ତୀ ପାଳନ କରନ୍ତୁ ବୋଲି ଶୂନ୍ୟକାଳରେ ଦାବି ହୋଇଛି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ଆଜି ଥିଲା ମା' ରମାଦେବୀଙ୍କ ୧୨୬ତମ ଜୟନ୍ତୀ ଅର୍ଥାତ ୧୨୫ତମ ଜନ୍ମବାର୍ଷିକୀର ବର୍ଷପୂର୍ତ୍ତିର ଦିନ। ଗତ ଜାନୁଆରୀ ୨ ତାରିଖରେ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସରକାର ପାଳନ କରିବେ ବୋଲି ଘୋଷଣା କରିଥିଲେ; କିନ୍ତୁ ତାହା କଲେନାହିଁ। ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ଏ ସରକାର ଯାହା କଥା ଦିଅନ୍ତି, ତାହା କରନ୍ତି ବୋଲି ସ୍ଲୋଗାନ ଦେଉଛନ୍ତି। କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ସରକାର ସେଭଳି ଜଣେ ମହିୟସୀ ମହିଳାଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରି ମଧ୍ୟ ଭୁଲିଗଲେ। ବର୍ଷତମାମ୍ ଦିନଟିଏ ତାଙ୍କ କଥା ମନେପକାଇଲେ ନାହିଁ। ଏପରିକି ସହିଦ ଲକ୍ଷ୍ମଣ ନାଏକଙ୍କୁ ମଧ୍ୟ ଏ ସରକାର ଭୁଲି ଯାଇଛନ୍ତି। ତାଙ୍କର ୧୨୫ତମ ଜୟନ୍ତୀ ପାଳନ କରାଗଲା ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

**ପୂଜ୍ୟପୂଜାରେ ଉପଯୁକ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ବାଚସ୍ପତିଙ୍କ ପରାମର୍ଶ**

ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ ଯେ ମା' ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ଆଜି ସରିଗଲା। ଏବେ ତାଙ୍କର ୧୨୬ତମ ଜୟନ୍ତୀ ପାଳନ ହେବ। ଓଡ଼ିଆ ଅସ୍ମିତାକୁ ଯିଏ ତୋଳିଧରି ଆତ୍ମଉତ୍ସର୍ଗ କରିଥିଲେ, ତାଙ୍କୁ ଏ ସରକାର ସମ୍ମାନ ଦେଇପାରିଲେ ନାହିଁ।

ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ଅନ୍ୟମାନଙ୍କର ଜନ୍ମଦିନରେ ରାଜଧାନୀଠାରୁ ଗାଁ ଗହଳି ଯାଏଁ ଫଟୋ, ହୋର୍ଡିଂ ଛାଇ ହୋଇ ଯାଉଛି। ମାତ୍ର ରମାଦେବୀଙ୍କ ପାଇଁ ଗୋଟିଏ ଫଟୋ ମଧ୍ୟ ଲାଗି ପାରିଲା ନାହିଁ। ମା' ରମାଦେବୀ କଂଗ୍ରେସ ସହିତ ସମ୍ପୃକ୍ତ ଥିଲେ ବୋଲି ତାଙ୍କ ଜୟନ୍ତୀକୁ ସରକାର ପାଳନ କରି ନ ଥିବା ଶୁଣିବାକୁ ମିଳୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଭୋଗରାଇର ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ସମାନ କ୍ଷୋଭ ପ୍ରକଟ କରି କହିଥିଲେ ଯେ ମା' ରମାଦେବୀଙ୍କ ୧୨୬ତମ ଜୟନ୍ତୀ ସରକାର କଳିଙ୍ଗ ଷ୍ଟାଡିୟମ ଟେନିସ୍ କୋର୍ଟରେ କରିବାକୁ ନିଷ୍ପତ୍ତି କରିଛନ୍ତି। ସରକାରଙ୍କୁ ଏଥିପାଇଁ ଭୁବନେଶ୍ୱରରେ ଅଡିଟୋରିୟମଟିଏ ମିଳିଲା ନାହିଁ। ବିଧାନସଭାରେ ହରେକୃଷ୍ଣ ମହତାବ, ସହିଦ ଲକ୍ଷ୍ମଣ ନାଏକ ଓ ମା' ରମାଦେବୀଙ୍କର ଜୟନ୍ତୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆଲୋଚନା କରିବାକୁ ଦାବି କରିଥିଲେ।

ଶାସକ ଦଳ ବିଧାୟକ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥଲଲେ ଯେ ମା' ରମାଦେବୀଙ୍କ ତ୍ୟାଗ ଓ ବଳିଦାନକୁ ସରକାର ଭୁଲିନାହାନ୍ତି। ସରକାର ବର୍ଷବ୍ୟାପୀ ତାଙ୍କ ଜୟନ୍ତୀ ପାଳନ କରିବେ। ଏ ସମ୍ପର୍କରେ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଗତକାଲି ଆଲୋଚନା କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମରେ ଜୟନ୍ତୀ ଉତ୍ସବର ଆୟୋଜନ କରାଯାଇଛି। ମା' ରମାଦେବୀଙ୍କ ସାମଗ୍ରିକ ଜୀବନୀକୁ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ପୁସ୍ତକ ପ୍ରକାଶନର ନିଷ୍ପତ୍ତି ହୋଇଛି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଏହି ପ୍ରସଙ୍ଗରେ ତାଙ୍କର ମତ ରଖି କହିଥିଲେ ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବରପୁତ୍ରମାନଙ୍କର ଜୟନ୍ତୀ ତଥା ଶ୍ରାଦ୍ଧତିଥି ପାଳନ କରାଯାଉଛି। ଏଥିପାଇଁ ଯେଉଁ ସୂଚୀ ରହିଛି, ତାକୁ ସରକାର ଆଉଥରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ। ପୂଜ୍ୟପୂଜା କ୍ଷେତ୍ରରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବାଚସ୍ପତି ପରାମର୍ଶ ଦେବା ସହ ସମସ୍ତେ ଏ ଦିଗରେ ସଚେତନ ହେବାକୁ କହିଥିଲେ।

# ଗୋ-ହତ୍ୟା ମାମଲାରେ ୨ ଗିରଫ

ଜୟପୁର,୩।୧୨(ସମିସ): କୋରାପୁଟ ଜିଲ୍ଲାରେ ଦୂରଦୂରନ୍ତା ଗ୍ରାମାଞ୍ଚଳରେ କିଛି ଜଳାଶୟ, ଜଙ୍ଗଲ ଓ ଲଟାବୁଟା ସୁଯୋଗ ନେଇ ଗୋରୁଗାଈକୁ ହତ୍ୟା କରାଯାଇ ମାଂସ ଚାଲଣ ଏବଂ ବିକ୍ରି କରାଯାଉଥିବା ବେଳେ ବର୍ତ୍ତମାନ ସହରର ମଧ୍ୟସ୍ଥଳୀରେ ଗୋରୁଗାଈକୁ ହତ୍ୟା କରାଯାଇ ମାଂସ ଚାଲାଣ ବିକ୍ରି କରାଯାଉଥିବା ନଜରକୁ ଆସିଛି। ଗୃହପାଳିତ ଗାଈ ରାସ୍ତାରେ ବୁଲୁଥିବା ବେଳେ ରାତିରେ ଉଠାଇ ସେମାନଙ୍କୁ ହତ୍ୟା କରିବା ସହିତ ମାଂସକୁ ଚାଲଣ ଏବଂ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି। ଆଜି ସକାଳେ ସହରର ପଞ୍ଚାନନ ମନ୍ଦିର ଛକକୁ ସଂଯୋଗ କରୁଥିବା ବାଇପାସ ରୋଡରୁ ଜୟନଗର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ଜଗନ୍ନାଥ ସାଗର କୂଳବର୍ତ୍ତୀ ମତ୍ସ୍ୟ ବିଭାଗ ପୋଖରୀ ନିକଟରେ ଏକ ଜର୍ସି ଗାଈକୁ ହତ୍ୟା କରାଯାଇ କିଛି ମାଂସ ଚାଲଣ କରାଯାଇଥିବା ବେଳେ ଗାଈର ମାଲିକ ଏବଂ ସ୍ଥାନୀୟ କିଛି ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଧରିବା ସହ ପୁଲିସକୁ ହସ୍ତାନ୍ତର କରିଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରୁ ଦୁଇ ଯୁବକ ଖ୍ରୀଷ୍ଟିଆନ ସାହିର ପିଣ୍ଟୁ ନାଗ (୨୭) ଏବଂ ଅମିତ ନାୟକ (୪୬)ଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୮ଟା ସମୟରେ ଏକ ଅସ୍ଥାୟୀ କୁଡିଆ ନିକଟରେ ଏକ ଗାଈକୁ ହତ୍ୟା କରିବା ସହ ମାଂସକୁ କାଟି କିଛି ଜରି ବସ୍ତାରେ ଚାଲାଣ କରାଯାଇଥିବା ବେଳେ ସ୍ଥାନୀୟ ଲୋକ ମାନେ ଘଟଣା ସ୍ଥଳକୁ ଯାଇ ୫ଜଣଙ୍କ ମଧ୍ୟରୁ ଦୁଇ ଗାଈ ହତ୍ୟାକାରୀଙ୍କୁ ଅଟକ ରଖିଥିଲେ । ଗତକାଲି ଠାରୁ ନୂଆ ସାହି ପାର୍କ ଲାଇନର ରବି ନାୟକଙ୍କ ଗାଈ ହଜିଯାଇଥିବା ଜାଣିଥିବା ଯୋଗୁଁ ଶ୍ରୀ ନାୟକକୁ ସୂଚନା ଦେଇଥିଲେ। ସେ ତାଙ୍କ ଗାଈକୁ ଚିହ୍ନଟ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଗୋମାଂସ ସମେତ ଦୁଇଜଣ ଅଭିଯୁକ୍ତକୁ ଗିରଫ କରିବା ସହ ସେଠାରୁ ଟାଙ୍ଗିଆ, ଫାର୍ସା ଏବଂ ଗୋରୁଗାଈ କାଟିବା ପାଇଁ ବ୍ୟବହୃତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି। ପ୍ରକାଶଯେ, ଗତ ନଭେମ୍ବର ୧୧ ତାରିଖରେ ଜୟପୁର ସଦରଥାନା ଅଞ୍ଚଳରେ ବାରିଣିପୁଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଡୁଗୁଡା ନିକଟସ୍ଥ ପୁଟ୍ରା ନାଳ ନିକଟରେ ଗାଈକୁ ହତ୍ୟା କରିବା ସହ ମାଂସ ବାହାର କରିବା ନେଇ ଏକ ଅସ୍ଥାୟୀ କସେଇ ଖାନାରୁ ୫ଟି ଜୀବନ୍ତ ଗାଈକୁ ସଦରଥାନା ପୁଲିସ ଉଦ୍ଧାର କରିଥିଲେ। ଏହିପରି ଉକ୍ତ ଚାଳ ଛପର ଅସ୍ଥାୟୀ କଂସେଇ ଖାନାକୁ ପୁଲିସ ନିଆଁ ଲଗାଇ ନଷ୍ଟ କରିଥିଲେ। ସେହିପରି ଗତ ଅକ୍ଟୋବର ୨୬ ତାରିଖରେ ଜୟପୁର ସଦରପୁଲିସ କେବିଡି ଗ୍ରାମରେ ଜଣେ ବୃଦ୍ଧବ୍ୟକ୍ତି ଗୋ ମାଂସ ବିକ୍ର କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ ମାଂସ ଜବତ ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଅଗ୍ନି ବିପନ୍ନଙ୍କୁ ସାହାଯ୍ୟ କଲା ଗୁଣପୁର ଫାଉଣ୍ଡେସନ୍



ଗୁଣପୁର,୩।୧୨(ସମିସ): ସ୍ଥାନୀୟ ବେବର୍ତ୍ତା ଢେପରେ ଗତ ମାସରେ ଅଗ୍ନିକାଣ୍ଡ ଘଟି ତିନୋଟି ଘର ପୋଡିଯିବା ପରେ ଆଜି ଉକ୍ତ ଅଗ୍ନିବିପନ୍ନ ୩ ପରିବାରଙ୍କୁ ଆର୍ଥିକ ସାହାର୍ଯ୍ୟ ମିଳିଛି। ଉକ୍ତ ପରିବାର ପାଖରେ ପହଞ୍ଚି ଆର୍ଥିକ ସାହାଯ୍ୟ କରିଛନ୍ତି ୧୯୯୫ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଗଠିତ ଗୁଣପୁର ଫାଉଣ୍ଡେସନ। ଅଗ୍ନିକାଣ୍ଡରେ ପୀଡ଼ିତା ଲଳିତା ବାଉରୀ, ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କୁ ଭେଟି ଫାଉଣ୍ଡେସନର ସଦସ୍ୟ ମାନେ ୧୦ ହଜାର ଲେଖାଏଁ ଆର୍ଥିକ ସାହାଯ୍ୟ ରାଶି ପହଞ୍ଚାଇ ଥିଲେ। ଏହି ଆର୍ଥିକ ରାଶି ପ୍ରଦାନ ବେଳେ ସାହିର ପୂର୍ବତନ କାଉନସିଲର ମୁନା ପାଣି, ସନ୍ତୋଷ ଗୌଡ଼ଙ୍କ ସମେତ ଫାଉଣ୍ଡେସନର ସିଲୁ ଆଚାର୍ଯ୍ୟ, ଶିବ ପୂଜାରୀ, ରାଜେଶ ଆ‡ା, ଅନୀଲ ସାଉକାର, କଲ୍ୟାଣ କୋରା, ଟଂଜିତ ପାଢି, ପ୍ରଭାକର ବାଙ୍ଗାରି, ସନ୍ତୋଷ ସୁବୁଦ୍ଧି, ଅଶଃକ ଶତପଥି, ମଧୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇମ୍ଫା ଥେରୁବାଲିର ଆମ୍ବୁଲାନ୍ସ ସେବା ଲୋକାର୍ପିତ



ରାୟଗଡା, ୩।୧୨(ସମିସ) 'ଇମ୍ଫା'ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକାରୀ ସଂସ୍ଥା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ଦ୍ୱାରା ଥେରୁବାଲି ଅଞ୍ଚଳବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏକ ନୂତନ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇଛି। ଏହି ଲୋକାର୍ପଣ ସମାରୋହରେ ଥେରୁବାଲି ସରପଞ୍ଚ ସୁଶ୍ରୀ ମମତା ପୁଲକା, ଖେଦପଡା ସରପଞ୍ଚ ନରସିଂହ କିଲକା, ଡୁମୁରିଗୁଡା ସରପଞ୍ଚ ସୁଶ୍ରୀ ମାଣିକ ପିର୍ବାକା, କାର୍ତ୍ତୀକଗୁଡ଼ା ସରପଞ୍ଚ ସୁଶ୍ରୀ ରୀନା କାଡ୍ରାକା ,କେଲିଗୁଡା ସରପଞ୍ଚ ଶ୍ରୀମତୀ ସୁଶାନ୍ତି କୁତ୍ରକା , କୋଲନରା ପଞ୍ଚାୟତ ସମିତିର ଉପାଧକ୍ଷ୍ୟ ହଳଧର ହିମିରିକା ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ଫିତା କାଟି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର ଉପସଭାପତି ଧର୍ମେଶ ଗୋଏଲ, ଇମ୍ଫା-ଥେରୁବାଲିର ଉପସଭାପତି ଆଶୀଷ କୁମାର ରାୟ, ସାଧାରଣ ପରିଚାଳକ(ଯାନ୍ତ୍ରିକ) ଏମ୍. ଶ୍ରୀନିଭାସ, ସାଧାରଣ ପରିଚାଳକ (ଯୋଗାଣ ଶୃଙ୍ଖଳା) ଅତନୁ ମିଶ୍ର , ଉପମୁଖ୍ୟ ପରିଚାଳକ (ମାନବ ସମ୍ବଳ ଓ ସାଧାରଣ ପ୍ରସାଶାନ) କ୍ଷୀତିଶ ଚନ୍ଦ୍ର ମହାପାତ୍ର ଓ ସମସ୍ତ ବିଭାଗର ମୁଖ୍ୟ, ଇମ୍ଫା ହସ୍ପିଟାଲର ମୁଖ୍ୟ ଡାକ୍ତର ବାଗ୍ମୀ ପଣ୍ଡା, ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ବିଭାଗର ସରକାରୀ ପରିଚାଳକ ଦୀପକ କୁମାର ଓଝା ଓ ସହ କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୮ ମସିହାରୁ ଏହି ମାଗଣା ଅମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୨୦୦୦ରୁ ଅଧିକ ଲୋକଙ୍କ ପାଇଁ ଆଉ ଏକ ନୂତନ ଅମ୍ବୁଲାନ୍ସ ସଂଲଗ୍ନ କରାଯାଇଛି। ଇମ୍ଫାର ଏଭଳି ଜନହିତକର କାର୍ଯ୍ୟକ୍ରମକ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଇମ୍ଫା କର୍ତ୍ତୃପକ୍ଷ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳବାସ ମାଗଣାରେ ଜରୁରୀକାଳୀନ ଅମ୍ବୁଲାନ୍ସ ସେବା ପାଇ ପାରିବେ ବୋଲି ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନର କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାକର ପଣ୍ଡା ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ




ମାଲକାନଗିରି, ୩।୧୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହା ସମାରୋହରେ ପାଳନ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ୧ ଡିସେମ୍ବରରେ ନାୟକଗୁଡା ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ ଖେଳ ପଡିଆ ଠାରେ ଏକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାପରେ ୨ ଡିସେମ୍ବରରେ ମାଲକାନଗିରି ସଦର ସ୍ଥିତ ବୁଟିଗୁଡା ପ୍ରକଳ୍ପ ବିଦ୍ୟାଳୟ ଠାରେ ଏକ ଅନ୍ତଃ ବିଦ୍ୟାଳୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଏବଂ ଶେଷ ଦିନ ଅର୍ଥାତ୍ ୩ ଡିସେମ୍ବର ପୂର୍ବାହ୍ନ ୮ଟାରେ ଏକ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସବୁଜ ପତାକା ଦେଖାଇ ଉଦ‡ାଟନ କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ବିଧାୟକ ପ୍ରତିନିଧି ନିହାର ରାୟ ଓ ଜଗତ ଜୀବନ ପାତ୍ର ପ୍ରମୁଖ ଯୋଗ ଦେଇ ସଭାରେ ଉପସ୍ଥିତ ୪୫୦ ଦିବ୍ୟାଙ୍ଗଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୩ ଜଣଙ୍କୁ ସ୍ୱୟଂନିଯୋଜନ ସରଞ୍ଜାମ, ୨ ଜଣ ଦିବ୍ୟାଙ୍ଗ ଥିବା ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ବିବାହ ପ୍ରତ୍ସାହନ ରାଶି ସ୍ୱରୂପ ଚେକ୍ ପ୍ରଦାନ କରାଯାଇଥିଲା। ପୂର୍ବରୁ ହୋଇଥିବା ସମସ୍ତ ପ୍ରତିଯୋଗିତାର ବିଜେତା ମାନଙ୍କୁ କାର୍ଯକ୍ରମରେ ସମ୍ମାନିତ କରାଯାଇଥିଲା। ସମସ୍ତ ବ୍ଲକରୁ ଆସିଥିବା ନୂତନ ଭାବେ ମଞ୍ଜୁର ହୋଇଥିବା ଦିବ୍ୟାଙ୍ଗ ଭତ୍ତା ବାବଦରେ ୪୨ ଜଣଙ୍କୁ ଆଜିର ଦିନରେ ନୂତନ ଭାବେ ସାମିଲ କରାଯାଇଥିଲା। ଏହି ସଂପୂର୍ଣ୍ଣ କାର୍ଯକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## 'ପରବ'ମୁଖ୍ୟ ସମାରୋହ ପାଇଁ ଭୂମି ପୂଜନ



କୋରାପୁଟ,୩।୧୨ (ସମିସ): ଲୋକ ମହୋତ୍ସବ ପରବ ୨୦୨୫ର ମୁଖ୍ୟ ସମାରୋହ ଆସନ୍ତା ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବେଳେ ବୁଧବାର ଏଥି ନିମନ୍ତେ ଭୂମି ପୂଜନ କରାଯାଇଛି। ପରବ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯଜ୍ଞରେ ବସି ପୂଜାର୍ଚ୍ଚନା କରିଥିଲେ। ପରବ ମୁଖ୍ୟ ମହୋତ୍ସବରେ ବାହାର ରାଜ୍ୟର କଳା ସଂସ୍କୃତି ପରମ୍ପରା ସ୍ଥାନୀୟ କଳାକାର ଜାଣିବା ସହ କିଛି ଶିକ୍ଷା ଗ୍ରହଣ କରିବେ। ବାହାର ରାଜ୍ୟରୁ ଆସୁଥିବା କଳାକାର ମାନେ ଆମ ଆଦିବାସୀ ପରମ୍ପରା ସଂସ୍କୃତି ବିଷୟରେ ଜାଣିବା ପରବର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଅନ୍ୟତମ ଅତିଥି କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ଚଳିତବର୍ଷ ଜାତୀୟ ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ମୁଖ୍ୟ ମହୋତ୍ସବରେ ରାଜ୍ୟ ବାହାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯିବ। ସେଠାକାର ଖାଦ୍ୟ ସ୍ଥାନୀୟ ଲୋକେ ଦେଖିବା ସହ ସ୍ୱାଦ ନେଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନବରଙ୍ଗପୁରରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ





ନବରଙ୍ଗପୁର,୩।୧୨(ସମିସ): ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ ଠାରେ ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ଆନ୍ତର୍ଜାତୀକ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ମା' ଭଣ୍ଡାରଘରଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ ଏବଂ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଦିବ୍ୟଙ୍ଗ ଭାଇ ଭଉଣୀ, ବରିଷ୍ଠ ନାଗରିକ, ସାମାଜିକ କର୍ମକର୍ତା, ବେସରକାରୀ ସଂସ୍ଥା ସହିତ ବିଭିନ୍ନ ସରକାରୀ ପଦାଧିକାରୀ ସାମିଲ ହୋଇ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚି ଥିଲେ। ଅତିରିକ୍ତ ଜିଲ୍ଲାପାଳ ନବରଙ୍ଗପୂର ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧାଂଶୁ ପାତ୍ର, ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଭରତ ଚନ୍ଦ୍ର ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୌପଦୀ କହଁର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ଭିନ୍ନକ୍ଷମ ସଂଘ ସଭାପତି ତଥା ସମାଜସେବୀ ଜଗନ୍ନାଥ ମହାପାତ୍ର, ପୌରପାଳିକା ୱାର୍ଡ ସଭ୍ୟା ଶର୍ମିଷ୍ଠା ଦେଓ ," ସକ୍ଷମ" ସଭାପତି ସୁଜିତ୍ ରଥ, "ଆଶକିରଣ" ସଭାପତି ଜଗନ୍ନାଥ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଝରିଗାଁ ଖଗେଶ୍ୱର ଗଉଡ ଦିବ୍ୟାଙ୍ଗ ପରିବାରଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ ଲକ୍ଷ ୫୦ ହଜାର ଟଙ୍କାର ଡମି ଚେକ ପ୍ରଦାନ କରାଯାଇଥିଲା। ପାରା ଅଲମ୍ପିକସରେ ସ୍‌ର୍ଣ ପଦକ ବିଜେତା ଜଗନ୍ନାଥ ସାଆନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଗଲା। ଏଥିରେ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ।

## ଟ୍ରକ୍ ଦୁର୍ଘଟଣା ଗସ୍ତ, ହେଲପର ମୃତ

ପଟ୍ଟାଙ୍ଗି, ୩।୧୨(ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନା ଅନ୍ତର୍ଗତ ଲାଉଡି ଘାଟିରେ ସେଟିଂ ପାଇପ୍ ବୋଝେଇ ଟ୍ରକ୍‌ର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଗାଡ଼ିର ହେଲପର୍‌ର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗୋଲୁର ପଞ୍ଚାୟତ ନିକଟରେ ଭାରତମାଳା ପରିଯୋଜନା ରେ ଚାଲିଥିବା ବ୍ରିଜ କାମରେ ବ୍ୟବହାର ହୋଇଥିବା ସେଟିଂ ପାଇପ ଗୁଡ଼ିକୁ ଏକ ଟ୍ରକ ଆନ୍ଧ୍ରର ବିଜୟୱାଡ଼ା ଅଭିମୁଖେ ନେଉଥିଲା। ଲାଉଡି ଗ୍ରାମ ନିକଟରେ ଏକ ଘାଟି ଖସୁଥିବା ସମୟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ଯାଇଥିଲା। ହେଲ୍ପର୍ ଜଣକ ଟ୍ରକ ତଳେ ଚାପି ହୋଇ ରହିଯାଇଥିଲା। ଦୁର୍ଘଟଣା ହେବା ନେଇ ପୋଲିସ ସୂଚନା ପାଇବା ସହ ଘଟଣା ନିକଟରେ ଥାନା ଅଧିକାରୀ ଚତୁର୍ଭୁଜ ନାୟକ ପହଞ୍ଚିଥିଲେ। ଦମକଳ ବାହିନୀ ଅଧିକାରୀ ହରେରାମ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ପହଞ୍ଚିଥିଲେ। ସ୍ଥାନୀୟ ଡ୍ରାଇଭର ସଂଘ ଏବଂ ପୁଲିସ ସହଯୋଗରେ ଗାଡ଼ି ତଳେ ଚାପି ହୋଇ ରହିଥିବା ହେଲପରକୁ ବାହାର କରିଥିଲେ। ଡ୍ରାଇଭର ଜଣକୁ ନିକଟସ୍ଥ ଆନ୍ଧ୍ରର ସାଲୁର ସହରକୁ ଚିକିତ୍ସା କରିବା ନିମନ୍ତେ ନେଇଥିବା ବେଳେ ମୃତଦେହଟିକୁ ବ୍ୟବଚ୍ଛେଦ କରିବାକୁ ନେଇଥିବା ଜଣାପଡିଛି।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




କୋରାପୁଟ,୩।୧୨(ସମିସ): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ସରକାରୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ପାଳିତ ହୋଇଛି। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଭିନ୍ନକ୍ଷମଙ୍କ ସମାଜରେ ଅବଦାନ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧନ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସସ୍ମିତା ମେଲକା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଏଡିପିଅଚଓ ଡାକ୍ତର ସାଇ ସ୍ୱରୂପ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଶ୍ରୀମତୀ ନିଶା କେ. ଏସ୍ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ଭିନ୍ନକ୍ଷମ ବିଦ୍ୟାଳୟ ଛାତ୍ର ଛାତ୍ରୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଶୋଭାଯାତ୍ରା ସରକାରୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ପରବର୍ତ୍ତୀ ସମୟରେ ଅତିଥି ମାନଙ୍କ ଅଭିଭାଷଣ ସହ କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ, ଶିଶୁ ବିଦ୍ୟା ମନ୍ଦିର, କୋରାପୁଟ, ମାନସ ବିଦ୍ୟାଳୟ, କୋରାପୁଟ, ଦୃଷ୍ଟିବାଧିତ ବିଦ୍ୟାଳୟ, କୋରାପୁଟ ଏବଂ ଶ୍ରବଣବାଧିତ ବିଦ୍ୟାଳୟ, ସୁନାବେଡାରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ, ବକ୍ତୃତା, ନାଟକ ଏବଂ ସଂଗୀତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯିବା ସହ ବିଶିଷ୍ଟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନ ବୈଦ୍, ସୁବ୍ରତ ପାଣିଗ୍ରାହୀ, କନିଷ୍ଠ ସହାୟକ,ସୁଧାଂଶୁ ସିଂ, ଅର୍ଜୁନ ମାଝୀ ଏବଂ ସାମାଜିକ ସୁରକ୍ଷା ଉପବିଭାଗର ସମସ୍ତ ସଦସ୍ୟ,କାର୍ଯ୍ୟକ୍ରମର ଆୟୋଜନ ଏବଂ ପରିଚାଳନା କରିଥିଲେ। ଏହି ଦିବସ ଉପଲକ୍ଷେ ଏହି ଜିଲ୍ଲାର ବିଭିନ୍ନ ବ୍ଲକ ପରିସରରେ ଆୟୋଜିତ ପରବ କାର୍ଯ୍ୟକ୍ରମ ଗୁଡିକରେ ହୁଇଲ୍ ଚେୟାର ବଣ୍ଟନ କରାଯିବା ସହ ଆଜି ଦାମନଯୋଡି, କୋରାପୁଟ ଠାରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର କୁଶଳି ଉପକରଣ ବଣ୍ଟନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ରାୟଗଡା,୩।୧୨(ସମିସ): ରାୟଗଡ଼ା ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏହି ଦିବସରେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଜିଲ୍ଲାରେ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆବଶ୍ୟକ ସମସ୍ତ ସରକାରୀ ସୁବିଧା ସୁଯୋଗ ଗୁଡିକୁ ଅପଣେଇବା ନିମନ୍ତେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସକାଳ ସାଢେ ଆଠଟା ସମୟରେ ଏକ ସଚେତନତା ପଦଯାତ୍ରା ପୌର ପାଳିକା ସମ୍ମୁଖରୁ ବାହାରି ମହା।ାଗାନ୍ଧୀ ପାର୍କ ଦେଇ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାୟଗଡା ପୌରପାଳିକା ଅଧ୍ୟକ୍ଷ ପି ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ରାୟଗଡା ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ରାୟଗଡା ବିଡିଓ ସୁଜିତ କୁମାର ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୁମା ମହାପାତ୍ର, ରାୟଗଡା ଜିଲ୍ଲା ଭିନ୍ନକ୍ଷମ ମହାସଙ୍ଘ ସଭାପତି ଶିଶିର ରାଉଳ, ସଂପାଦକ ଅମରେନ୍ଦ୍ର ନାଥ, ଓଡିଶା ବିକଳାଙ୍ଗ ମଞ୍ଚ ସଭାପତି ରାକେଶ ହିମିରିକା ପ୍ରମୁଖ ମଞ୍ଚାସୀନ ଥିଲେ। ହେଲେନ କେଲେର, ଲିଖି ବୃଜିକ୍, ଜେସିକା କ୍ରବ୍, ଅରୁଣିମା ସିହ୍ନା, ଦୀପା ମଲିକ ଆଦି ଭିନ୍ନକ୍ଷମ ହୋଇ ମଧ ବିଶ୍ୱପାଇଁ ଜଣେ ଜଣେ ସଫଳ ତଥା ସକ୍ଷମ ବ୍ୟକ୍ତିତ୍ୱର ଉଦାହରଣ ହେଇପାରିଛନ୍ତି। ଏହି ଅବସରରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପାଞ୍ଚ ଜଣ ହିତାଧିକାରୀଙ୍କୁ ବ୍ରେଲି ଲିପିର ଏନି ଯନ୍ତ୍ର, ସାତ ଜଣ ହିତାଧିକାରୀଙ୍କୁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ଏବଂ ଏକଶହ କୋଡ଼ିଏ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଥିଲା। ପାଞ୍ଚ ଜଣ ତୃତୀୟ ଲିଙ୍ଗ, ତିରିଶି ଜଣ ଭିନ୍ନକ୍ଷମ ତଥା ଜ୍ଞାନବର୍ଧିନୀ ସ୍ୱତନ୍ତ୍ର ବିଦ୍ୟାଳୟର ୧୧ ଜଣଙ୍କୁ ସଙ୍ଗୀତ, ନତ୍ୟ ଓ ସମାଜସେବା କ୍ଷେତ୍ରରେ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଜ୍ଞାନବର୍ଦ୍ଧିନୀର ମାଝୀଗୌରୀ ସିବିଓ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ। ରାୟଗଡା ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟର ସୋମନାଥ ମହାରଣା, ସିଲ୍ପିକା ମହାନ୍ତି, ପି.ପଦ୍ମଯା, ସମୀର ପଦକା, ରାଜେଶ ରେ‡ୀ, ପେଦିନା ଶ୍ରୀକାନ୍ତ, ବସନ୍ତ କୁମାର ପଲେଇ, ମିଳନ ଗନାୟକ ଓ ମେନାସ ଶବର ପ୍ରମୁଖ ସହଯୋଗ କରିଥିଲେ।






# ଚାଷଜମିରେ ମାଟି ପକାଇ ରାସ୍ତା ନିର୍ମାଣ ନେଇ ଅସନ୍ତୋଷ



ପାପଡାହାଣ୍ଡି,୩।୧୨ (ସମିସ): ଦୁଇ ବର୍ଷ ହେବ ଚାଷ ହୋଇପାରିନି। ଚାଷ ଜମିରେ ନୂତନ ରାସ୍ତା ନିର୍ମାଣ ନାମରେ ପାଖାପାଖି ୧୨ ଫୁଟ ମାଟି ପକାଇ ଦେଇଛି ଆରଏଣ୍ଡବି ବିଭାଗ। ଜମି ବାବଦକୁ ନା' ମିଳିଛି କ୍ଷତିପୂରଣ ରାଶି, ନା ବଦଳା ଚାଷ ଜମି। ଏମିତିରେ କେମିତି ଚାଷ ଜମି ଟେକିଦେବୁ ସରକାରଙ୍କ ହାତରେ, ଜୋର୍ ଯାହାର ମୁଲକ ତାର ଭଳି କାମ କରୁଛି ସରକାର। ବିଭିନ୍ନ ସମୟରେ ଜନପ୍ରତିନିଧି ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇ ନୟନ୍ତା ହେଲୁଣି। ନା ଜମି ମିଳୁଛି ନା କ୍ଷତିପୂରଣ...ଏଭଳି ଅଭିଯାଗ କରିଛନ୍ତି ପାପଡାହାଣ୍ଡି ବ୍ଲକ ଶିରିସୀ ପଞ୍ଚାୟତ ଅନ୍ତର୍ଗତ ସରିଶପଦର ଗ୍ରାମର ଦଶ ଜଣ ଚାଷୀ। ସୂଚନା ଅନୁଯାୟୀ, ପାପଡାହାଣ୍ଡିରୁ କସାଗୁମୁଡା ରାଜ୍ୟ ରାଜପଥର ପଶସ୍ତି କରଣ କରାଯାଉଛି ଝ୍ ପାପଡାହାଣ୍ଡି ମୁଖ୍ୟ ଛକଠାରୁ ଚାରି କିଲୋମିଟର କସାଗୁମୁଡା ଯିବା ବାଟରେ ଦୁଇଗୋଟି କ୍ଷିପ୍ର ବୁଲାଣି ପଡେ ସେହି କ୍ଷିପ୍ର ବୁଲାଣୀକୁ ସିଧା କରିବାକୁ ଯାଇ ବିଭାଗୀୟ ତରଫରୁ କୌଣସି ଅଗ୍ରିମ ନୋଟିସ ଚାଷୀଙ୍କୁ ନଦେଇ ସିଧା ସିଧା ଦଶଜଣ ଚାଷୀଙ୍କ ଜମିରେ ଛଅ ମିଟର ଓସାର ଏବଂ ପାଖାପାଖି ୧୨ ଫୁଟ ଉଚ୍ଚତାରେ ମାଟି ପକେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହି ବୁଲାଣି ବହୁତ କ୍ଷୀପ୍ର ଥିବାରୁ ବିଗତ ଦିନରେ ବହୁ ଯାନବାହାନ ଦୁର୍ଘଟଣା ହୋଇଥିବା ନଜିର ରହିଛି । ପ୍ରକାଶ ଥାଉକି ଗତ ପଞ୍ଚାୟତ ନିର୍ବାଚନ ସମୟରେ ସୁରକ୍ଷା ବାହିନୀକୁ ନେଇ ଏକ ବସ ନନ୍ଦାହାଣ୍ଡି ବ୍ଲକରୁ କସାଗୁମୁଡା ଅଭିମୁଖେ ଯିବା ସମୟରେ ସେହି ସ୍ଥାନରେ ଦୁର୍ଘଟଣା ହୋଇ ୩ଜଣ ସୁରକ୍ଷା ବାହିନୀଙ୍କ ପ୍ରାଣ ଚାଲିଯାଇଥିଲା। ସେହି ସମୟରେ ଉକ୍ତ ଦୁର୍ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସେହି ରାସ୍ତାକୁ ସିଧା କରିବାକୁ ଯାଇ ୧୦ ଜଣ ଚାଷୀଙ୍କ ଚାଷ ଜମିରେ ମାଟି ପକା ଯାଇଛି। ଚାଷୀ ତିନିବର୍ଷ ହେବ ଚାଷ କରି ପାରୁନାହାନ୍ତି । ଯେଉଁ ଜାଗାରେ ମାଟି ପଡିଛି, ସେହି ଜାଗାରେ ଚାଷ ହେଉନାହିଁ। ଏହାସହ ମାଟି ପକେଇ ଥିବା ଉଭୟ ପାର୍ଶ୍ୱର ପାଖାପାଖି ତିନି ଏକର ଜାଗାରେ ପୋଖରୀ ଭଳି ପାଣି ଜମିଯିବାରୁ ମଧ ଚାଷ ହୋଇପାରୁନାହିଁ । ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମର ମାର୍ଟିନ ଲୁଥର ଖଣ୍ଡପାଣି, ମଙ୍ଗରୁ ଭତରା, ରତନ ଭତରା, ଦୁର୍ଜନ ଭତରା, ସାଦା ଭତରା, ଚନ୍ଦ୍ର ଭତରା, ମଧୁ ଭତରା, ସନାଇ ଭତରା, ବଲ ଭତରା, ରାଜେଶ ଅଗ୍ରୱାଲ ଓ ଗୁରୁବନ୍ଧୁ ଭତରା ପ୍ରମୁଖ ଚାଷୀ ମାନେ ଦାବି କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଯୋଗାଯୋଗ କରିଥିବାରୁ ଚାଷୀଙ୍କ କ୍ଷତିପୂରଣ ବାବଦକୁ ଉପରସ୍ଥ ଅଧିକାରୀଙ୍କୁ ଜଣାଯାଇଛି, ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ମତ ରଖିଥିବା ଉପାଧକ୍ଷ ସୂଚନା ଦେଇଛନ୍ତି ।

# ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟକ୍ରମ

କୋଷାଗୁମୁଡ଼ା,୩।୧୨(ସମିସ): ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କୋଡୀଙ୍ଗା ପକ୍ଷରୁ କୋଡୀଙ୍ଗା ଡିଗ୍ରୀ କଲେଜ, ଏସ୍‌ବିଆଇ କୋଷାଗୁମୁଡା ପକ୍ଷରୁ ପଣ୍ଡୁଗୁଡା ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରାଜଡ଼ା ପକ୍ଷରୁ ରାଜଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆର. ବି.ଆଇ ନିର୍ଦ୍ଦେଶ ମୁତାବକ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ନିର୍ଦ୍ଦେଶ ମୁତାବକ ବ୍ୟାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଜିଲ୍ଲାରେ ପଞ୍ଚାୟତ ଏବଂ କଲେଜ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କାରେ ୨ ଲକ୍ଷ ଟଙ୍କାର ଆର୍ଥିକ ରାଶି ବୟସ ସୀମା ୧୮ ରୁ ୫୦ ବର୍ଷ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା ଜନିତ ବୀମା ରାଶି ବାର୍ଷିକ ୨୦ ଟଙ୍କାରେ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ଅଟଳ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ସମସ୍ତେ ଅନ୍ତର୍ଭୁକ୍ତ ହୋଇ ପାରିବା ସେ ସମ୍ପର୍କରେ ବୁଝାଇଥିଲେ। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ, ଶିକ୍ଷା ଋଣ, ବିଭିନ୍ନ ପ୍ରକାର ଠକେଇ, ଋଣ ସମ୍ବନ୍ଧରେ ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଫଏଲସି ତନ୍ମୟ ଦାଶ, କୋଡିଙ୍ଗା କଲେଜ ପ୍ରିନ୍ସପାଲ ରାଜୀବ ଜାଲ, ରାଜଡ଼ା ସରପଞ୍ଚ ବନମାଳୀ ଭତ୍ରା, ପଣ୍ଡୁଗୁଡା ସରପଞ୍ଚ ନରସିଂହ ବାବୁ, ରାଜଡ଼ା ବ୍ୟାଙ୍କ ମ୍ୟାନେଜର ସୁଜ୍ଞାନ ସିଂ, କୋଷାଗୁମୁଡା ବ୍ୟାଙ୍କ କର୍ମଚାରୀ, କୋଡୀଙ୍ଗା ବ୍ୟାଙ୍କ କର୍ମଚାରୀ, ଧାନ ଫାଉଣ୍ଡେସନ ସିଏଫଏଲ କୋର୍ଡିନେଟର, ଆସୋସିଏଟ, ଏମ୍‌ବିକେ, ସିଆରପିଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

# ସୀମା ସୁରକ୍ଷା ବାହିନୀ ପ୍ରତିଷ୍ଠା ଦିବସ

କୋରାପୁଟ,୩।୧୨(ସମିସ): କୋରାପୁଟର ସେକ୍ଟର ମୁଖ୍ୟାଳୟରେ ସୀମା ସୁରକ୍ଷା ବଳ ୬୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ସୀମା ସୁରକ୍ଷା ବଳ ଭାରତର ପ୍ରଥମ ପ୍ରତିରକ୍ଷା ରେଖାରେ ପରିଣତ ହୋଇଛି ଯାହା ଦେଶର ସୀମାକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କୋରାପୁଟ ସେକ୍ଟର ଡିଆଇଜି ସତ୍ୟବାନ ଖାନଚି ବକ୍ତବ୍ୟ ରଖିଥିଲେ। ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ବାହିନୀର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମାଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ସଂସଦୀୟ ଖେଳ ମହୋତ୍ସବ ଉଦ୍‌ଯାପିତ



ନବରଙ୍ଗପୁର/ନନ୍ଦାହାଣ୍ଡି,୩।୧୨(ସମିସ):

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସ୍ତରୀୟ ସଂସଦୀୟ ଖେଳ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ସଂସଦୀୟ କ୍ରିକେଟ ପାଇଁ ସମସ୍ତ ୧୧ ପଞ୍ଚାୟତର ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିନ ମ୍ୟାଚରେ ନନ୍ଦାହାଣ୍ଡି ଓ ଧଣ୍ଡରା ପଞ୍ଚାୟତ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନନ୍ଦାହାଣ୍ଡି ଗ୍ରାମପଞ୍ଚାୟତ ଦଳ ଚାମ୍ପିଅନ୍ ହୋଇଥିଲା। ବିଜୟୀ ଦଳର ଅଧିନାୟକ ମାନସ ସୁନା ଓ ପ୍ରତିଦ୍ୱନ୍ଦ୍ୱୀ ଦଳର ଅଧିନାୟକ ଧନୁର୍ଜୟ ହରିଜନ ରହିଥିବାବେଳେ ମୁନା ସମରଥ ଓ ଅରୂପ ବେହେରା ଏମ୍ପାୟର ରୂପେ ଖେଳ ପରିଚାଳନା କରିଥିଲେ। ଶେଷରେ ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଯାହାକି ଡିସେମ୍ବର ପଚିଶ ତାରିଖରେ ସମାପନ ହେବ। ମହୋତ୍ସବରେ ଲଙ୍ଗ ଜମ୍ପ, ହାଇଜମ୍ପ ଓ ଦୌଡ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଖେଳାଳୀମାନେ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଯୋଗ ଦେଇଥିବା ବେଳେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ , ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ଓ ଲକ୍ଷ୍ମଣ ନାୟକ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରିତେଶ କୁମାର ଭଞ୍ଜ, ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପାଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳନ

ନବରଙ୍ଗପୁର, ୩।୧୨(ସମିସ) ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଆଶାକିରଣ (ମାନସିକ ଅନଗ୍ରସର ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର) ପରିସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଅଧିକାରୀ ଡ. ସୁକାନ୍ତ ଶତପଥି, ଡକ୍ଟର ଅଳକା ମିଶ୍ର, ରାଜ କିଶୋର ନାଗ, ଆଶା କିରଣ ସ୍କୁଲର ଅଧକ୍ଷ ଜଗନ୍ନାଥ ବେହେରା ଯୋଗ ଦେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ମହତ୍ତ୍ୱ ବିଷୟରେ ଭିନ୍ନକ୍ଷମ ପିଲାଙ୍କୁ ବୁଝାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ



ନାରାୟଣପାଟଣା,୩।୧୨(ସମିସ): ନାରାୟଣପାଟଣା ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିରରେ ଏକ ଧନ୍ୟବାଦ ସଭା ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଙ୍କ ଗଣ ଶିକ୍ଷା ବିଭାଗର ଚିଠି ନମ୍ବର ୧୨୮୦୧/ପି ଇ ଡି /୨୫ ତା.୧/୧୨/୨୦୨୫ ଅନୁସାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ଗୋଷ୍ଠୀ ସାଧନ ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ଯୋଗ୍ୟ ବିବେଚିତ ହେବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଏନ.ତିରୁମୁଲା ନାୟକ,ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିର୍ଦ୍ଦେଶ ଯୋଗୁଁ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆଗକୁ ବିଭିନ୍ନ ପଦପଦବୀରେ ରହିବା ବ୍ୟବସ୍ଥା ଯୋଗୁ ଖୁସିର ଲହରୀ ଖେଳିଯାଇଛି। ଆୟୋଜିତ ଧନ୍ୟବାଦ କାର୍ଯ୍ୟକ୍ରମରେ ଚନ୍ଦନ ସେଠୀ , ଜି.ସନ୍ତୋଷ, ଜାମି ସୁରିଆ, ସୁରେଶ ତୁରୁକ, ଉମେଶ୍ୱର ସୁବୁଦ୍ଧି, ଟଂଜନ ସାରା, ଲିଟୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଚଆଇଭି ଓ ସିଫିଲିସ ସଚେତନତା ଶିବିର

ଜୟପୁର,୩।୧୨(ସମିସ): ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏଚଆଇଭି ଓ ସିଫିଲିସ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନା ବ୍ୟୁରୋ ତଥା ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଲେପ୍ରା ଇଣ୍ଡିଆ ପକ୍ଷରୁ ଲେପ୍ରା କାଉନସିଲର ବିଜ୍ଞାନିକା ଦାସ, କାଉନସିଲର ମନ୍ଦ୍ୱିନୀ ଟାକ୍ରି ଯୋଗ ଦେଇ ଏଚଆଇଭି ଓ ସିଫିଲିସ ବିଷୟରେ ଅବଗତ ହେବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜାତୀୟ ସେବା ଯୋଜନାର ପୁରଷ ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଲୋକେଶ ପ୍ରଧାନ ଓ ମହିଳା ଶାଖାର ଅଧିକାରୀ ସୁକାନ୍ତି ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଛାତ୍ରଛାତ୍ରୀ ମାନେ ପ୍ରଶ୍ନ ପଚାରି ବୁଝିବା ସହିତ ଏଚ୍‌ଆଇଭି ମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବଚପନ୍ ଏଏଚପିଏସ୍ ବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ କାର୍ଯ୍ୟକ୍ରମ




ରାୟଗଡ଼ା,୩।୧୨(ସମିସ):

ରାୟଗଡ଼ା ସହର ସ୍ଥିତ ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ପବ୍ଲିକ୍ ବିଦ୍ୟାଳୟରେ ଦୁଇ ଦିନ ଧରି ବିଜ୍ଞାନ, ହସ୍ତକଳା, ଚିତ୍ରକଳା ଓ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଅଶ୍ୱନୀ କୁମାର ଦାସ, ନିର୍ଦ୍ଦେଶିକା ସୁଶ୍ରୀତା ଦାସ , ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଡି ନାରାୟଣ ମୂର୍ତ୍ତି ଓ ସହ ପ୍ରଧାନଶିକ୍ଷକ ଶ୍ରୀଧର ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ ଏବଂ ସମ୍ମାନିତ ଅତିଥି ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ସୁଶ୍ରୀ ଅର୍ଚ୍ଚନା ପଟ୍ଟନାୟକଙ୍କ କର କମଳ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ବିଚାରକ ଭାବେ କସ୍ତୁରୀ ସାହୁ ଓ ବିନା କେ ଜନ୍ ଏହାର ମୂଲ୍ୟାଙ୍କନ କରିଥିଲେ । ପ୍ରମୋଦ କୁମାର ମହାପାତ୍ର ଏବଂ ଦେବବ୍ରତ ପାଢ଼ୀ ଯୋଗ ଦେଇ ସମସ୍ତ ପରିଯୋଜନା ଗୁଡ଼ିକର ସୂଚାରୁ ରୂପେ ବିଚାର କରିଥିଲେ। ସେହିପରି ନିମନ୍ତ୍ରିତ ଅତିଥି ଦୁଃଖିଶ୍ୟାମ ଦାସ , ଅଳକା ଦାସ, ଟି ଜୟରାମ , ଲକ୍ଷ୍ମୀ ନାରାୟଣ ସାହୁ, ସତ୍ୟବାଦୀ ପତି , ଲାଲବିହାରୀ ଲେଙ୍କା , ବୀର ବାବୁ , ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ତଥା ସମସ୍ତ ଅଭିଭାବକ ଓ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଯୋଗ ଦେଇଥିଲେ। ଆମ ଦେଶରେ ଯୁବକଙ୍କ ଅଭିନବ ଚିନ୍ତାଧାରା ଓ ଉନ୍ନତ ମାନର ଦେଶର ପରିଚାଳନା ବିଷୟକୁ ଆଧାର କରି ଏକ "ଯୁବ ସଂସଦ " ନାଟକ ପ୍ରସ୍ତୁତ କରାଯାଇଥିଲା। ଏହି ଯୁବ ସଂସଦ କାର୍ଯ୍ୟକ୍ରମରେ ସମସ୍ତ ୭ମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମିଳିତ ଯୋଜନାରେ କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା। ଏହି ପ୍ରକଳ୍ପ ସମସ୍ତ ପ୍ରକଳ୍ପ ଠାରୁ ସ୍ୱତନ୍ତ୍ର ଓ ଅଭିନବ ଥିଲା।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ଉମରକୋଟ,୩।୧୨(ସମିସ): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତଥା ଶିକ୍ଷକ ଓ ଶିକ୍ଷକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପଞ୍ଚାୟତ ସମିତି ସ୍ତରୀୟ ବାଲ ବୈଜ୍ଞାନିକ ତଥା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରଦର୍ଶନୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜାମରୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସରପଞ୍ଚ ଜଗଦୀଶ ଗଣ୍ଡ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ, ଓ ଦେବେନ୍ଦ୍ର ବାଘ। ବ୍ଲକର ବିଭିନ୍ନ ବିଦ୍ୟାକୟରୁ ୧୨୦ ପ୍ରକଳ୍ପ ଶିଶୁ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସଭାପତି ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ମାଝି ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧ ଅଶୋକ କୁମାର ପାଢ଼ୀ, ବରଣ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ରାମ ନାହାକ, ଅନ୍ୟତମ ଅତିଥି ଝରୀଗାଁ ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ରାୟ, ଆବାହକ ଘନଶ୍ୟାମ ମାଝୀ, ମୁଖ୍ୟବକ୍ତା ଡ. ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜଗଦୀଶ ହାଲଦାର ଓ ନୀଳରତନ ସରକାର, ପ୍ରଶାନ୍ତ ଦତ୍ତ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ ବୈଜ୍ଞାନିକ ଡ. ବିମାନ ରଞ୍ଜନ ବେହେରା ଓ ଅଧାପକ ଜଗନ୍ନାଥ ସ୍ୱର୍ଣ୍ଣକାର, ଜିଲ୍ଲାସ୍ତରକୁ ସାତୋଟି ପ୍ରକଳ୍ପ ମନୋନୀତ ହୋଇଥିଲା। ମଞ୍ଚ ସଂଚଳନା କରିଥିଲେ ବରିଷ୍ଠ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରିୟବ୍ରତ ପ୍ରଧାନ।

# କାଶୀପୁରରୁ ଚଇତି କଳସ ଆଣିଲା ପଦ୍ମପୁର ବ୍ଲକ୍ ପ୍ରଶାସନ

ପଦ୍ମପୁର,୩।୧୨(ସମିସ): ଗଣପର୍ବ ଚଇତି-୨୦୨୫ର ଶୁଭାରମ୍ଭ କାଶୀପୁର ସ୍ଥିତ ମାଁ ମାଣିକେଶ୍ୱରୀ ମନ୍ଦିରରୁ ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପଦ୍ମପୁର ବ୍ଲକ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ପକ୍ଷରୁ ଆଜି ସକାଳୁ ପଦ୍ମପୁର ବ୍ଲକ୍ ଚଇତି ସଭାପତି ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀଙ୍କ ଅଧକ୍ଷତାରେ ବ୍ଲକ୍ ଅଧକ୍ଷ ମଣିମାଳା ଶବର, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି, ବ୍ଲକ୍ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର 'ଖ' ଜୋନ୍‌ର ରବିନାରାୟଣ ଆଚାର୍ଯ୍ୟ, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଜଗନମୋହନ୍ ପଣ୍ଡା, ଅଦିତ୍ୟ ମିଶ୍ର, ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସାବିତ୍ରୀ ନାୟକ, ବ୍ଲକ୍ ଯୋଗାଣ ଅଧିକାରୀ ଅମର ଶବର, ବ୍ଲକ୍ ମିଶନ ଶକ୍ତି କୋର୍ଡିନେଟର ସୁକାନ୍ତ ପାଢ଼ୀ, ଜିପିଓ ଗୌରାଙ୍ଗ କାଦମ୍ବୁଲ୍ ପ୍ରମୁଖ ଦୀର୍ଘ ୧୫୦ କିମି ଯାଇ ମା' ମାଣିକେଶ୍ୱରୀଙ୍କ ପୀଠରୁ ଘଟକଳସୀ ଆଣି ପଦ୍ମପୁରରେ ପହଞ୍ଚି ଛନ୍ତି। ତେବେ ଆସନ୍ତା ଡ଼ିସେମ୍ବର ୧୪ତାରିଖ ଦିନ ପଦ୍ମପୁରରେ ଚଇତି ମହୋତ୍ସବ ପାଳନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ କହିଛନ୍ତି।




# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖଇରପୁଟ, ୩।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଦୁଇ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଖଇରପୁଟଙ୍କ ଜରିଆରେ ପଠାଇଥିଲେ। ଦୁଇ ଦାବି ମଧ୍ୟରେ ସମସ୍ତଙ୍କୁ କେନ୍ଦ୍ରୀୟ ହରରେ ୩୪୫୦୦ଟଙ୍କା ଦରମା ଓ ୬ ବର୍ଷ ଗଣନା ସହ ୬ ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ। ଏହି ଅବସରରେ ସଂଘର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଡମ୍ବରୁଧର ସୀସା, ଗୋଲୋକ ସାହୁ, କ୍ରିଷ୍ଣା ରାଓ, ଜିତୁ ପରିଛା, ଚନ୍ଦ୍ର ଖିଲ ଓ ବାସୁଦେବ ସମରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଜୁନିଅର୍ ରେଡ୍‌କ୍ରସ ପରାମର୍ଶଦାତା ତାଲିମ ଶିବିର

ନବରଙ୍ଗପୁର,୩।୧୨(ସମିସ): ସରକାରୀ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟ କୁକୁଡାବାଇ ଠାରେ ନବରଙ୍ଗପୁର ଜିଲ୍ଲା ଜୁନିଅର ରେଡକ୍ରସ ଶାଖା ତଥା ରାଜ୍ୟ ଜୁନିଅର ରେଡକ୍ରସ ଶାଖାର ମିଳିତ ସହଯୋଗରେ ଗୋଷ୍ଠୀ ସ୍ତରୀୟ ଏକ ଦିବସୀୟ ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଭାସିନୀ ମହାନ୍ତି ଓ ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପାଲ, ପ୍ରଶିକ୍ଷକ ଭାବେ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ଯୁଗ୍ମ ସମ୍ପାଦକ ନଳିନୀ କାନ୍ତ ପାତ୍ର ଓ ମିଥୁନ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଲିକ ମାନବ ସେବା ହିଁ ମାଧବ ସେବା ଓ ରେଡକ୍ରସର ମୂଳ ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଶିକ୍ଷକ ନଳିନୀ କାନ୍ତ ପାତ୍ର ରେଡ୍‌କ୍ରସର ଇତିହାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଶିବିରରେ ନବରଙ୍ଗପୁର ସମେତ ନନ୍ଦାହାଣ୍ଡି ଓ ତେନ୍ତୁଲିଖୁଣ୍ଟି ବ୍ଲକର ସମସ୍ତ ଜେଆରସି କାଉନସିଲର ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ 'ପରବ'ନାଟକ ପ୍ରତିଯୋଗିତା

ଜୟପୁର,୩।୧୨(ସମିସ):

କୋରାପୁଟ ଜିଲ୍ଲାରେ ରାଜ୍ୟସ୍ତରୀୟ ଲୋକମହତ୍ସୋବ "ପରବ' ଅବସରରେ ଜୟପୁର ଠାରେ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତାର ୨ୟ ସଂଧ୍ୟାରେ ନାରାୟଣପାଟନା ବ୍ଲକର ରେବତୀ, ପଟାଙ୍ଗି ବ୍ଲକର ବାଲ୍ୟ ବିବାହର କରୁଣ କାହାଣୀ ଓ ବୈପାରିଗୁଡା ବ୍ଲକର ପୁସପୁନୀ ପରବ ନାଟକ ମଞ୍ଚସ୍ଥ ହୋଇଥିଲା। ଆଜିର ଏହି ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଗୀତାଞ୍ଜଳି ମଣ୍ଡପଠାରେ ଆୟୋଜିତ ପ୍ରତିଯୋଗିତାରେ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଓଡିଶୀ ନୃତ୍ୟଗୁରୁ ତଥା ସଂଗୀତ ନାଟକ ଏକାଡେମୀରେ ସମ୍ମାନିତ କାହ୍ନୁଚରଣ ପ୍ରଧାନ, ପ୍ରିୟାଥିଏଟର ଗ୍ରୁପ୍ ସଭାପତି ଦିଲ୍ଲୀପ ମହାପାତ୍ର, ସାମ୍ବାଦିକ ହୃଷିକେଶ ମିଶ୍ର ମଞ୍ଚାସିନ ଥିଲେ। ବିଚାରକ ଭାବେ ମୁରଲୀ ପଟ୍ଟନାୟକ,ଗୋପାଳ କୃଷ୍ଣ ସାମନ୍ତରାୟ, ଶିବ ରଥ ଯୋଗ ଦେଇଛନ୍ତି। ସାଂସ୍କୃତିକ ମହତ୍ସୋବ କମିଟିର କମଳାକାନ୍ତ ରଥ, ଗୁପ୍ତେଶ୍ୱର ପାଣିଗ୍ରାହୀ, ବରିଷ୍ଠ କଳାକାର ମହମ୍ମଦ ସରିଫ, ମଧୁସ୍ମିତା ମିଶ୍ର ପ୍ରମୁଖ ନାଟକ ପରିଚାଳନରେ ସହଯୋଗ କରିଥିଲେ। ଆସନ୍ତା କାଲି ଜୟପୁର ବ୍ଲକ, ଜୟପୁର ପୌରପରିଷଦ ଓ ସୁନାବେଡାର ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତା ଗତକାଲି ସଂଧ୍ୟାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କୋରାପୁଟ ବ୍ଲକସ୍ତରୀୟ 'ପରବ'

କୋରାପୁଟ,୩।୧୨(ସମିସ): କୋରାପୁଟ ବ୍ଲକ୍‌ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀଙ୍କ ଅଧକ୍ଷତାରେ ସ୍ଥାନୀୟ ନିଶାଣୀମୁଣ୍ଡା ଠାରେ ପୂଜାର୍ଚ୍ଚନା କରାଯାଇ ମଶାଲ ପ୍ରଜ୍ୱଳନ କରି ଏକ କଳସ ଯାତ୍ରାର ଆୟୋଜନ କରାଯାଇଥିଲା। କୋରାପୁଟ ବ୍ଲକର ୧୪ ଟି ପଞ୍ଚାୟତରୁ ଆସିଥିବା ବିଭିନ୍ନ ବିଭାଗର ପ୍ରତିନିଧି ମାନେ ଢେମସା ନାଚର ତାଳେ ତାଳେ ମସାଲକ ନେଇ ସହର ପରିକ୍ରମା କରି ସ୍ଥାନୀୟ ଟାଉନହଲ ଠାରେ ପହଞ୍ଚିଥିଲେ।



ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼, ସାଂସଦ ପ୍ରତିନିଧି ବାବୁଲା ବେନିଆ, କୋରାପୁଟ ବ୍ଲକ୍ ଅଧକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ରଘୁ ଯାନୀ ଓ ମିହିର କୁଲଦୀପଙ୍କ ସମେତ ୧୪ଗୋଟି ପଞ୍ଚାୟତର ସରପଞ୍ଚ ଓ ସମସ୍ତ ପଞ୍ଚାୟତର ଅଧିକାରୀ ମାନେ ଯୋଗ ଦେଇଥିଲେ। ପରେ ଟାଉନ୍ ହଲ ଠାରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ଖାଲି ପଦବୀ |
|---|---|
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 02.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସକାଳ
THE SAKALA

## ଜେଲ୍ ବଦଳରେ ଜୋରିମାନା

ଓଡ଼ିଶା ନଦୀମାତୃକାର ରାଜ୍ୟ। ରାଜ୍ୟର ୭ଟି ପ୍ରମୁଖ ନଦୀ ଜଳ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଓ ଅଗ୍ରାଧିକାରକୁ ଉପେକ୍ଷା କରାଯାଇପାରିବ ନାହିଁ। ଅଥଚ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପସଂସ୍ଥାମାନଙ୍କରୁ ନିର୍ଗତ ବର୍ଜ୍ୟ ଯୋଗୁଁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଏହାର ପ୍ରତିକାର ପରିବର୍ତ୍ତେ ଶିଳ୍ପ ସ୍ୱପ୍ନରେ ବିଭୋର ରାଜ୍ୟ ସରକାର ନଦୀଜଳକୁ ଶିଳ୍ପସଂସ୍ଥାଙ୍କ ହାତକୁ ସହଜରେ ଟେକି ଦେବାକୁ ମନସ୍ଥ କରିଥିବା ଭଳି ମନେ ହେଉଛି। ଜଳ ପ୍ରଦୂଷଣ ସକାଶେ ଦଣ୍ଡବିଧାନ ପାଇଁ ନ୍ୟାୟପାଳିକା ହାତରେ ଥିବା କ୍ଷମତାକୁ ସରକାର କାର୍ଯ୍ୟପାଳିକାକୁ ହସ୍ତାନ୍ତର କରିଛନ୍ତି। ଏଣିକି ଜଳପ୍ରଦୂଷଣକାରୀ ସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡ ବଦଳରେ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସକ ଜୋରିମାନା ନିର୍ଦ୍ଧାରଣ କରିବେ। ନ୍ୟାୟପାଳିକା ଉପରେ ସରକାରଙ୍କ କର୍ତ୍ତୃତ୍ୱ ନାହିଁ କି ଓକିଲ ଓ ଅଦାଲତ ପଛରେ ଧାଇଁବାର ସମୟ ନାହିଁ। ତେଣୁ ଏହି ଜଞ୍ଜାଳରୁ ମୁକ୍ତ ହେବା ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଥିବା ବେଳେ ନିୟମ ଖିଲାପକାରୀ ଶିଳ୍ପସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡର ଆଶଙ୍କା ଦୂର ହୋଇଛି। ଅପରପକ୍ଷରେ ନଦୀ କୂଳରେ ଗଢ଼ି ଉଠିଥିବା ସଭ୍ୟତା ପ୍ରତି ଆଗକୁ ଯେ ବିପଦ ମାଡ଼ି ଆସୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକା ସର୍ବାଗ୍ରେ। ବହୁମତରେ ନିର୍ବାଚିତ ସରକାର ଯାହା ଆଇନଗତ ବ୍ୟବସ୍ଥା ଏବଂ ସଂଶୋଧନ ପଦକ୍ଷେପ ଗ୍ରହଣ କରିବେ ତାହା ସପକ୍ଷରେ ରାଜ୍ୟର ବୃହତ୍ତର ଜନସମୁଦାୟଙ୍କ ସମର୍ଥନ ଅଛି ବୋଲି ଧରି ନିଆଯାଉଛି। କିନ୍ତୁ ପାଣି, ପବନ ଓ ପରିବେଶ ଜନିତ ପ୍ରତିକୂଳ ପରିସ୍ଥିତିକୁ ଯିଏ ସମ୍ମୁଖୀନ ହେବେ ସେମାନଙ୍କ ନିକଟରେ ସରକାର ଉତ୍ତରଦାୟୀ ହେବା ବିଧେୟ। 'ଜଳ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪'ରେ ସରକାରଙ୍କ ଏହି ଉତ୍ତରଦାୟିତ୍ୱ ପରିଲକ୍ଷିତ ହୋଇପାରିନାହିଁ। ବିରୋଧୀ ଦଳର ପ୍ରତିବାଦ ମଧ୍ୟ ମୂଲ୍ୟହୀନ ହୋଇଛି।

ପରିସଂଖ୍ୟାନ ଅନୁଯାୟୀ ରାଜ୍ୟର ୫୭ଟି ଶିଳ୍ପାନୁଷ୍ଠାନ ଉପରେ ଦୁଇବର୍ଷରେ ୫୮୯୦.୬୫ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ତାହା ଆଦାୟ କରିବାକୁ ଯେଉଁ ସରକାର ଅସମର୍ଥ ସେ ଜୋରିମାନା କିଭଳି ଆଦାୟ କରିବେ? ପରିସ୍ଥିତି ଏପରି ହୋଇଛି ଯେ ଦ୍ରୁତ ଶିଳ୍ପାୟନ ନାମରେ କିଛି ସଂସ୍ଥାଙ୍କ ହାତକୁ ସରକାର ମୂଲ୍ୟବାନ ଜଙ୍ଗଲ ଓ ଜମି ଟେକି ଦେବା ସହିତ ରାଜ୍ୟବାସୀଙ୍କୁ ଜଳ ଓ ବାୟୁ ପ୍ରଦୂଷଣରେ ହନ୍ତସନ୍ତ କରିବେ। ଓଡ଼ିଆ ଅସ୍ମିତା ନାମରେ କ୍ଷମତାକୁ ଆସିଥିବା ସରକାର ସଂସ୍କୃତି ଓ ସଭ୍ୟତାର ପ୍ରତୀକ ଆମ ନଦୀକୁ ଯେଉଁମାନଙ୍କ ହାତରେ ଟେକିଦେବାକୁ ଯାଉଛନ୍ତି ସେମାନେ କ'ଣ ଆମ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା କବଚ ହେବେ? ଦେଶ ରାଜନୀତିରେ ଉତ୍ତରାୟଣର ପ୍ରଭାବରେ ଯେଉଁ ବିଲକ୍ଷଣମାନ ଆମ ରାଜ୍ୟରେ ପରିଲକ୍ଷିତ ହେବା ଆରମ୍ଭ କରିଛି ତାହାର ସୁଦୂର ପ୍ରସାରୀ ପ୍ରଭାବ ଖୁବ୍‌ଶୀଘ୍ର ଅନୁଭୂତ ହେବ।

ଶିଳ୍ପ ନିବେଶକୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧିତ ଆଇନ ଅଣାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଶିଳ୍ପ ସଂସ୍ଥାଙ୍କୁ ଛୋଟଛୋଟ ଅପରାଧରୁ ମୁକ୍ତ କରିବା, ନିୟାମକ ବୋଝ ହ୍ରାସ ଏବଂ ଦଣ୍ଡ ବଦଳରେ ଅନୁପାଳନକୁ ଗୁରୁତ୍ୱ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିବା ପରେ ଏ ନେଇ ଅଧିକ ବିତର୍କର ଆବଶ୍ୟକତା ନାହିଁ। କିନ୍ତୁ ବୁଝାମଣା ସ୍ୱାକ୍ଷର ବେଳେ ନିଯୁକ୍ତି ସୁଯୋଗର ଯେଉଁ ପରିସଂଖ୍ୟାନ ଦର୍ଶାଯାଇଛି ସେଥିରେ ମନେହୁଏ ଆମ ରାଜ୍ୟରେ ଆଉ କେହି ବେକାର ରହିବେନି। ସମଗ୍ର ଦେଶରେ ଯେଉଁ ସମସ୍ୟା ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି, ତାହାକୁ ସତେଯେପରି ଓଡ଼ିଶା ହିଁ ପ୍ରଥମେ ସମାଧାନ କରିଦେବ। ହୁଏତ ସେଥିପାଇଁ ରାଜ୍ୟବାସୀଙ୍କୁ ଜୀବନଜୀବିକାର ଆଧାର ନଦୀ ଜଳ ପ୍ରଦୂଷଣ ଭଳି ବଡ଼ ବଳିଦାନ ଦେବାକୁ ହେବ।

## ସାଇବର ଅପରାଧ ଗୁମର ଖୋଲିଲା

ସାଇବର ଅପରାଧୀଙ୍କ ଦଲାଲ୍ ଓଡ଼ିଶାରେ ସକ୍ରିୟ। ଦୁଇଦିନ ତଳେ ରାଉରକେଲାରେ ହୋଇଥିବା ଧରପଗଡ଼ରୁ ଏହା ସ୍ପଷ୍ଟ ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଓ ସହଯୋଗ ବିନା ଅଚଳ ଆକାଉଣ୍ଟକୁ ସଚଳ କରାଇ ସାଇବର ଅପରାଧୀ କିମ୍ବା ଦଲାଲ୍‌ଙ୍କ ହାତକୁ ଟେକିଦେବା ସମ୍ଭବ ନୁହେଁ। ତିନିଜଣ ବ୍ୟାଙ୍କ କର୍ମଚାରୀଙ୍କ ଗିରଫ ପରେ ସାଇବର ଅପରାଧୀଙ୍କ ସହିତ ବ୍ୟାଙ୍କର ମଧୁଚନ୍ଦ୍ରିକା ଥିବା ମଧ୍ୟ ପ୍ରମାଣିତ ହୋଇଛି।

ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ଉପଭୋକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବାଧ୍ୟବାଧକତା ଏ କ୍ଷେତ୍ରରେ ସହାୟକ ହୋଇଛି। ଟଙ୍କା ଉଠାଇନେବା ପରେ ଅଚଳ ହୋଇପଡ଼ିଥିବା ସମ୍ପୃକ୍ତ ଆକାଉଣ୍ଟରେ ଭଲ-ମନ୍ଦ ନେଇ ସଚେତନ ନଥା'ନ୍ତି ଗ୍ରାହକମାନେ। ସେହିପରି ଜାଲ୍ କାଗଜପତ୍ର ମାଧ୍ୟମରେ କେୱାଇସି ପୂରଣ କରି ଅଚଳ ଆକାଉଣ୍ଟଗୁଡ଼ିକୁ ସଚଳ କରି ଦେଇଥା'ନ୍ତି ଅସାଧୁ ବ୍ୟାଙ୍କ କର୍ମଚାରୀମାନେ। ସାଇବର ଦଲାଲଙ୍କୁ ଏହି ଆକାଉଣ୍ଟ ବିକ୍ରି କରି ଦିଆଯାଇଥିବାରୁ ସେଥିରେ 'ଫୋନ୍ ପେ', 'ଗୁଗୁଲ୍ ପେ' ଓ 'ପେଟିଏମ୍' ଆଦି ପେ ଆପ୍ ମାଧ୍ୟମରେ ଡିଜିଟାଲ୍ କାରବାର ଉପଲବ୍ଧ ହେବାର କୌଣସି ପ୍ରତିବନ୍ଧକ ରହୁନାହିଁ। ସାଇବର ଅପରାଧୀମାନେ ସହଜରେ ସେହିସବୁ ଆକାଉଣ୍ଟ ଜରିଆରେ ସେମାନଙ୍କ କାରବାର ଜାରି ରଖିଛନ୍ତି। ଏହାର ଅନ୍ୟ ଏକ ରୋଚକ ଦିଗ ହେଲା କେତେକ ବ୍ୟାଙ୍କ ଖାତାଧାରୀ ନିଜ ଆକାଉଣ୍ଟକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କିମ୍ବା ଭଡ଼ାରେ ଦେଇ ଅର୍ଥ ଉପାର୍ଜନ କରୁଛନ୍ତି। ରାଜ୍ୟରେ ଏ ପ୍ରକାର ୧୧୦୦ ରୁ ୧୨୦୦ ଜାଲ୍ ଆକାଉଣ୍ଟ ମାଧ୍ୟମରେ ସାଇବର ଅପରାଧୀ ସକ୍ରିୟ ଅଛନ୍ତି। ଏ କ୍ଷେତ୍ରରେ ଘରୋଇ ବ୍ୟାଙ୍କର ଭୂମିକା ସବୁଠାରୁ ଅଧିକ ସନ୍ଦିଗ୍ଧପୂର୍ଣ୍ଣ।

ସାଇବର ଅପରାଧର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ଡିଜିଟାଲ୍ ଆରେଷ୍ଟ'। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ ଭାବେ ପରିଚୟ ଦେଇ ସାଇବର ଅପରାଧୀ ଅଡିଓ କିମ୍ବା ଭିଡିଓ କଲ୍ ମାଧ୍ୟମରେ ସାଧାରଣ ଲୋକଙ୍କୁ, ବିଶେଷକରି ବୟୋଜ୍ୟେଷ୍ଠ ନାଗରିକଙ୍କୁ ଲୁଟୁଛନ୍ତି। ୨୦୨୪ରେ ଏ ପ୍ରକାର ସାଇବର ଅପରାଧ ମାମଲା ଥିଲା ୧, ୨୩, ୬୭୨। କିନ୍ତୁ ଆମ ବ୍ୟବସ୍ଥା ଏ ପ୍ରକାର ଅପରାଧକୁ ରୋକିବାରେ ସମର୍ଥ ହେଉ ନଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ 'ଡିଜିଟାଲ୍ ଆରେଷ୍ଟ' ତଦନ୍ତ ପାଇଁ ଅତିରିକ୍ତ କ୍ଷମତା ଓ ଦାୟିତ୍ୱ ଦିଆଯାଇଛି। ପୁଞ୍ଜି ବିନିଯୋଗର ସୁଯୋଗ ଓ ଅସ୍ଥାୟୀ ନିଯୁକ୍ତି ସୁବିଧା ଯୋଗାଇ ଦେବା ଆଳରେ ହେଉଥିବା ବଡ଼ ଧରଣର ଦୁର୍ନୀତିକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କ ଉପରୋକ୍ତ ନିର୍ଦ୍ଦେଶ ସାଇବର ଅପରାଧକୁ ଅନେକାଂଶରେ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆଶା ରହିଛି।



# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ।
ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର!
-ୱାରେନ୍ ବଫେଟ୍

## ବାୟୁ ଗୁଣବତ୍ତା ସୂଚକ: ଦିଲ୍ଲୀ ବନାମ ଓଡ଼ିଶା

**ଡ. ବିଜୟ କେତନ ପଟ୍ଟନାୟକ**

ନଭେମ୍ବର ମାସ (୨୦୨୫) ପ୍ରଥମ ସପ୍ତାହରେ ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକ 'ଅତିଖରାପ' ବା ଅତି ଅସ୍ୱାସ୍ଥ୍ୟକରରୁ 'ସାଂଘାତିକ' ସ୍ତରରେ ପହଞ୍ଚିଥିଲା। ସେହି ପରିପ୍ରେକ୍ଷୀରେ ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶ୍ୱାସରୋଗ ବିଶେଷଜ୍ଞ ଡାକ୍ତର ଗୋପୀଚାନ୍ଦ ଖିଲନାନୀ 'ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ ସାକ୍ଷାତାକାରରେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ପ୍ରାୟତଃ ସବୁ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ସହିତ ଦିଲ୍ଲୀବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ତାଙ୍କ ମତରେ ସମସ୍ତଙ୍କ ପାଇଁ ଦିଲ୍ଲୀ ଛାଡ଼ି ବାହାରକୁ ଯିବା ହୁଏତ ବିଭିନ୍ନ ଦୃଷ୍ଟିରୁ ସମ୍ଭବପର ହୋଇ ନପାରେ। କିନ୍ତୁ ଯେଉଁମାନେ ଦୀର୍ଘକାଳୀନ ଶ୍ୱାସରୋଗ କିମ୍ବା ହୃଦ୍‌ରୋଗରେ ପୀଡ଼ିତ, ଯେଉଁମାନେ ସମୟେ ସମୟେ ଅମ୍ଳଜାନ ନେବା ଆବଶ୍ୟକ କରିଥା'ନ୍ତି ଏବଂ ଯେଉଁମାନଙ୍କର ସୁବିଧା, ସୁଯୋଗ ଓ ଆର୍ଥିକ ସ୍ୱଚ୍ଛଳତା ରହିଛି, ସେମାନେ ବିଦେଶକୁ କିମ୍ବା ଆପେକ୍ଷାକୃତ କମ୍ ପ୍ରଦୂଷିତ ଅଞ୍ଚଳକୁ ଅନ୍ତଃତପକ୍ଷେ ୬ରୁ ୮ ସପ୍ତାହ ଚାଲିଯିବା ଉଚିତ।

ବାୟୁ ଗୁଣବତ୍ତା ସୂଚକ ୨୦୧-୩୦୦ ଭିତରେ ଥିଲେ ଏହା 'ଅତ୍ୟନ୍ତଖରାପ' ବା 'ଅସ୍ୱାସ୍ଥ୍ୟକର' ଏବଂ '୩୦୧-୫୦୦' ଭିତରେ ରହିଲେ 'ସାଂଘାତିକ' ବା 'ବିପଜ୍ଜନକ' ବୋଲି ଧରାଯାଏ। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଶପଥ ଗ୍ରହଣ କରିବାର ପରଦିନ ଅଦାଲତରେ ଶୁଣାଣି ଅବସରରେ କ୍ଷୋଭ ପ୍ରକାଶ କରି କହିଥିଲେ, ପୂର୍ବଦିନ ସନ୍ଧ୍ୟାରେ ୫୫ ମିନିଟ୍ ବାହାରେ ଭ୍ରମଣ କରିବା ପରେ ସେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ସେ ସମୟରେ ଦିଲ୍ଲୀ ସହରରେ ବାୟୁର ଗୁଣବତ୍ତା ସୂଚକ ୪୦୦ ରୁ ୫୦୦ ମଧ୍ୟରେ, ଅର୍ଥାତ୍ 'ବିପଜ୍ଜନକ' ସ୍ତରରେ ରହିଥିଲା। ଦିଲ୍ଲୀ ଏମ୍ସର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜାଟ୍‌ଙ୍କ ମତରେ, ଗର୍ଭବତୀମାନେ ପ୍ରଦୂଷିତ ବାୟୁ ସେବନ କରିବା ଦ୍ୱାରା ତାହା ତାଙ୍କ ରକ୍ତ ପ୍ରବାହରେ ସଂଚାରିତ ହୋଇ ଗର୍ଭସ୍ଥ ଭ୍ରୁଣକୁ ପ୍ରବାହିତ କରୁଛି। କାରଣ ଗର୍ଭସ୍ଥ ଶିଶୁର ଭ୍ରୁଣ ମା'ଦେହରେ ପ୍ରବାହିତ ରକ୍ତରୁ ଅମ୍ଳଜାନ ଓ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ। ଏହି କାରଣରୁ ଶ୍ୱାସକ୍ରିୟାରେ ପ୍ରଦୂଷିତ ବାୟୁ ସେବନ କରୁଥିବା ମା'ଙ୍କ ଠାରୁ ଜନ୍ମିତ ଶିଶୁର ଫୁସ୍‌ଫୁସ୍ ଅପେକ୍ଷାକୃତ ଛୋଟ ଆକାରର ହୋଇଥାଏ। ଶିଶୁମାନେ ନିଜ ଶରୀର ଓଜନ ଅନୁପାତରେ ଅଧିକ ପରିମାଣର ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରିଥା'ନ୍ତି। ତେଣୁ ସେମାନେ ବୟସ୍କଙ୍କ ତୁଳନାରେ ସମାନ ପରିମାଣର ବାୟୁରୁ ଅଧିକ ମାତ୍ରରେ ପ୍ରଦୂଷକ ଗ୍ରହଣ କରିଥା'ନ୍ତି। ଏହାବ୍ୟତୀତ ସେମାନଙ୍କର ଶ୍ୱାସନଳୀ ମଧ୍ୟ ନିଃଶ୍ୱାସ ପ୍ରଶ୍ୱାସ ନେବା ସମୟରେ ବାୟୁରୁ ପ୍ରଦୂଷକ ଛାଣି ରଖିବାକୁ ସକ୍ଷମ ହୋଇ ନ ଥାଏ। ତେଣୁ ଆଜିକାଲି ଶିଶୁମାନେ ଥଣ୍ଡା, କାଶ, କଫ ଓ ଆଜ୍‌ମା ଭଳି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

ତିରଶ ଚାଳିଶ ବର୍ଷ ପୂର୍ବେ ଦୀର୍ଘକାଳୀନ ଫୁସ୍‌ଫୁସ୍ ଅବରୋଧ ରୋଗର ମୁଖ୍ୟ କାରକ ଥିଲା ଧୂମପାନ ଓ ତମାଖୁ ସେବନ। ଏବେ ୫୦ ପ୍ରତିଶତ କ୍ଷେତ୍ରରେ ଫୁସଫୁସ୍ ସଂକ୍ରାନ୍ତୀୟ ରୋଗର ମୁଖ୍ୟ କାରଣ ହେଉଛି ଉଭୟ ଆନ୍ତଃ ଓ ବାହ୍ୟ ବାୟୁ ପ୍ରଦୂଷଣ। ପୂର୍ବରୁ ୮୦ ପ୍ରତିଶତରୁ ଅଧିକ ଫୁସ୍‌ଫୁସ୍ କର୍କଟ ଧୂମପାନ ବା ତମାଖୁ ସେବନ କାରଣରୁ ହେଉଥିବା ବେଳେ ଏବେ ୪୦ ପ୍ରତିଶତରୁ ଅଧିକ ବ୍ୟକ୍ତି, ଯେଉଁମାନେ କେବେ ବି ଧୂମପାନ କରନ୍ତି ନାହିଁ, ସେମାନଙ୍କୁ ଫୁସ୍‌ଫୁସ୍ କର୍କଟ ହେବାର ଦେଖାଯାଉଛି। ସେମାନଙ୍କ ଭିତରୁ ଅଧିକାଂଶ ଯୁବଗୋଷ୍ଠୀର। କେବଳ ଫୁସ୍‌ଫୁସ୍ ଜନିତ ରୋଗ ନୁହେଁ, ବାୟୁ ପ୍ରଦୂଷଣ କାରଣରୁ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକ୍କ ଓ ଖାଦ୍ୟନଳୀ ସଂକ୍ରମିତ ହୋଇଥାଏ। ୨୦୨୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତିନୀତି ସଂସ୍ଥା ପ୍ରାୟ ଲକ୍ଷାଧିକ ରୋଗୀଙ୍କ ଉପରେ ଗବେଷଣା କରି ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଛି, ବାୟୁ ପ୍ରଦୂଷଣ କାରଣରୁ ଭାରତୀୟମାନଙ୍କର ଜୀବନ ଅବଧି କାଳ ୫.୩ ବର୍ଷ ହ୍ରାସ ପାଇଛି ଏବଂ ବିଶେଷକରି ଦିଲ୍ଲୀରେ ସ୍ଥାୟୀ ବସବାସ କରୁଥିବା ଅଧିବାସୀମାନଙ୍କର ଜୀବନ ଅବଧି ହ୍ରାସ ପାଇଛି ୧୧.୯ ବର୍ଷ। ଏହି କ୍ଷେତ୍ରରେ ସମଗ୍ର ଦେଶରେ ବାଂଲାଦେଶ ପଛକୁ ରହିଛି ଭାରତ। ୨୦୨୪ ମସିହାରେ ପ୍ରକାଶିତ ଲାନ୍ସେଟ ରିପୋର୍ଟ ମୁତାବକ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଲୋକ କେବଳ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁବରଣ କରିଥା'ନ୍ତି।

ବାୟୁ ପ୍ରଦୂଷଣ ଦୃଷ୍ଟିକୋଣରୁ ଦିଲ୍ଲୀର କୁଖ୍ୟାତି ସାରା ବିଶ୍ୱରେ ରହିଛି। ୨୦୨୪ ମସିହାରେ 'ସ୍ୱିସ୍ ବାୟୁ ଗୁଣବତ୍ତା ନିର୍ଦ୍ଧାରକ କମ୍ପାନୀ(ଆଇକ୍ୟୁଏୟାର) ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ସୂଚକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଦିଲ୍ଲୀ ବିଶ୍ୱରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହର ଏବଂ ଭାରତ ବିଶ୍ୱର ପଞ୍ଚମ ପ୍ରଦୂଷିତ ରାଷ୍ଟ୍ର। ୨୦୨୩ ମସିହାରେ ଭାରତ ତୃତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୨୦ ଟି ସହର ମଧ୍ୟରୁ ୧୩ ଟି ସହର ଆମ ଦେଶର। ଏହି ୧୩ଟି ସହର ମଧ୍ୟରେ ରହିଛି ବିର୍ଣ୍ଣିହାଟ୍(ଆସାମ ମେଘାଳୟ ସୀମାନ୍ତ), ଦିଲ୍ଲୀ, ମୁଲାନ୍‌ପୁର(ପଞ୍ଜାବ), ଫରିଦାବାଦ ଓ ଗୁରୁଗ୍ରାମ (ହରିୟାଣା); ଲୋନି, ନୋଏଡ଼ା, ମୁଜାଫରଗର (ଉତ୍ତର ପ୍ରଦେଶ) ଏବଂ ଭିଲୱାଡ, ଗଙ୍ଗାନଗର, ହନୁମାନଗଡ଼(ରାଜସ୍ଥାନ)। ସାମଗ୍ରିକ ଭାବରେ ଆମଦେଶର ୩୫ ପ୍ରତିଶତ ସହରରେ ବାର୍ଷିକ ପାର୍ଟିକୁଲଟ ମ୍ୟାଟକୁଲଟ ମ୍ୟାଟର (ପି.ଏମ୍) ୨.୫ର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରସ୍ତୁତ ନିରାପଦ ସୂଚକ ଠାରୁ ୧୦ ଗୁଣା ଅଧିକ ରହିଛି। ପିଏମ ୨.୫ ହେଉଛି ବାୟୁରେ ଥିବା ପ୍ରଦୂଷକ କଣିକା, ଯାହାର ଆକୃତି ୨.୫ ମାଇକ୍ରନ ବା ତା'ଠାରୁ କମ୍।

ଅନ୍ତଃତପକ୍ଷେ, ଆମ ପାଇଁ ଆଶ୍ୱାସନାର ବିଷୟ ଏହି ଯେ, ଉପରୋକ୍ତ ୧୩ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଆମ ଓଡ଼ିଶାର କୌଣସି ସହର ନାହିଁ। କିନ୍ତୁ ପରିବେଶ ଓ ପରିସ୍ଥିତି ଧୀରେ ଧୀରେ ବଦଳିବାରେ ଲାଗିଛି। ନିକଟରେ 'ଡାଉନ ଟୁ ଆର୍ଥ' ମାଗାଜିନରେ ଦିଲ୍ଲୀ ଓ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକର ୧ ନଭେମ୍ବରରୁ ୧୨ ନଭେମ୍ବର ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟର ଏକ ଗ୍ରାଫ୍ ପ୍ରକାଶ ପାଇଥିଲା। ସବୁଠାରୁ ଅପ୍ରତ୍ୟାଶିତ ମନେ ହେଲା ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକ ଦିଲ୍ଲୀଠାରୁ ଅଧିକ। ଅର୍ଥାତ୍ ପାଖାପାଖି ୨୩୦ ରହିଥିଲା। ଏହା ଅତ୍ୟଧିକ ଖରାପ ବା ଅସ୍ୱାସ୍ଥ୍ୟକର। ସେହି ମାଗାଜିନ୍‌ରେ ଓଡ଼ିଶାର ବିଭିନ୍ନ ସହରର ନଭେମ୍ବର ୧୨ ତାରିଖର ବାୟୁ ଗୁଣବତ୍ତା ସୂଚକ ଆକଳନ କରାଯାଇଛି। ସର୍ବାଧିକ ୩୦୩ ପିଏମ୍ ୨.୫ କଟକରେ ଏବଂ ୨୭୦ ଭୁବନେଶ୍ୱରରେ ରହିଥିଲା। ଏହା ପଛକୁ ଥିଲା ଅନୁଗୋଳ ୨୫୦, ବଡ଼ବିଲ ୨୧୬ ଏବଂ ଅନୁଗୋଳ ନିକଟସ୍ଥ ତାଳଚେର ସହର ୨୧୩ ପିଏମ ୨.୫।

ପୁନର୍ବାର ଗତ କିଛିଦିନ ତଳେ ଦେଶର ଦ୍ୱିତୀୟ ବା ତୃତୀୟ ପ୍ରଦୂଷିତ ସହର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକଠାରୁ ଓଡ଼ିଶାର ମାନକ ଟପିଯାଇଛି। ଏଥର ଏହା ଘଟିଛି ରାଜ୍ୟର ଅନ୍ୟତମ ଶିଳ୍ପାଞ୍ଚଳ ଅନୁଗୋଳ ସହରରେ। ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ ମୁତାବକ, ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୨୭ ଥିଲା ବେଳେ ଅନୁଗୋଳରେ ୩୩୭ ରେକର୍ଡ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ କଟକରେ ମଧ୍ୟ ସେଦିନ ଏକ୍ୟୁଆଇ ଥିଲା ୩୦୮। ତେଣୁ ସେଦିନ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର ଅନୁଗୋଳ ସହର ଯୋଡ଼ି ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଏହି ପ୍ରଦୂଷଣ ସ୍ତର ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥିଲା।

ଚଳିତ ନଭେମ୍ବର ମାସରେ ତିନି/ଚାରିଦିନ ପାଇଁ ହେଉ ପଛେ ଓଡ଼ିଶାର ତିନୋଟି ସହର ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଧସେଇ ପଶିବାର ଉଦ୍ୟମ କରିଛି। ଅନୁଗୋଳରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କଳକାରଖାନା, ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ, ନିର୍ଗତ ଧୂମ୍ର କଣିକା, କୋଇଲା ଖଣି ଓ ଆଲୁମିନିୟମ କାରଖାନାରୁ ନିର୍ଗତ ପ୍ରଦୂଷିତ ବାୟୁ। ଭୁବନେଶ୍ୱର ଓ କଟକରେ ବାୟୁ ପ୍ରଦୂଷଣ ମୁଖ୍ୟତଃ ଯାନବାହନରୁ ନିର୍ଗତ ଧୂଆଁ ଏବଂ ନିର୍ମାଣ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳିରୁ ହୋଇଥାଏ। ସବୁଠାରୁ ବିଡ଼ମ୍ବନାର ବିଷୟ ଏହି ଯେ ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ତରଫରୁ ଅନୁଗୋଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ହ୍ରାସ କରିବାରେ ଅନୁଗୋଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ଏହି ଚୟନ କରାଯାଇଥିଲା। ଏବେ ବିଚାର କରିବାର କଥା ଏହି ଆତ୍ମତୃପ୍ତି ଭବିଷ୍ୟତରେ ଆମ ପାଇଁ ଆତ୍ମଘାତୀ ହେବ ନାହିଁ ତ?

(ଉପସଭାପତି, ଓଡ଼ିଶା ପରିବେଶ ସମିତି, ପୂର୍ବତନ ରାଜ୍ୟ ପରିବେଶ ନିର୍ଦ୍ଦେଶକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ସ୍ମାର୍ଟସିଟିରେ ନିରାଶ୍ରୟର ବ୍ୟଥା

**ପଞ୍ଚାନନ ଅଗ୍ରୱାଲ**

ଏବେ ଶୀତଋତୁ। ପ୍ରବଳ ଶୀତରେ ଥରି ଥରି ଫଟା ଚାଦରଟିଏ ଘୋଡ଼ାଇ ରାତିରେ ଫୁଟପାଥରେ କିଛି ଲୋକ ଶୋଇଥିବା ଦେଖାଯାଏ। ରାତି ଅନ୍ଧାର ମାଡ଼ି ଆସିଲେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡା ଉପରେ, ପାର୍କର ବେଞ୍ଚ ଉପରେ ଥରି ଥରି ରାତି କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କେହି ବୃଦ୍ଧବୃଦ୍ଧା ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ। ତାହା କୌଣସି ସମ୍ବାଦପୃଷ୍ଠାରେ ସ୍ଥାନ ପାଏ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି ଏବଂ ସମ୍ବେଦନହୀନତାର କ୍ରୁର ଆଇନା।

କିଛିଦିନ ପୂର୍ବେ 'ସେଣ୍ଟର ଫର ହୋଲିଷ୍ଟିକ ଡେଭେଲପମେଣ୍ଟ' ପକ୍ଷରୁ ତଥ୍ୟ ମିଳିଥିଲା ଯେ ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ - ୫୬ ଦିନ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲ୍ଲାସ୍ତରରୁ ଡାକ୍ତରଖାନାର ସର୍ବେକ୍ଷଣ ଦସ୍ତାବିଜ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଏହି ନିମନ୍ତେ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ତା'ର ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ୨୦୨୪ରେ ଭାରତରେ ୩୨୩୮ ମୃତ୍ୟୁ ହୋଇଥିଲା, ଯାହା ୨୦୨୨ର ତୁଳନାରେ ୧୮ଭାଗ ଅଧିକ ଥିଲା। ଅର୍ଥାତ୍ ଶୀତଲହରୀର ପ୍ରଭାବ ବଢ଼ି ଚାଲିଛି।

ଏହି ସଙ୍କଟ କେବଳ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏନଏଚଆରସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଏବଂ ୪ଟି କେନ୍ଦ୍ର ଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲେ, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୟସ୍କ ଗରୀବ ଶ୍ରେଣୀର ଲୋକମାନଙ୍କୁ ଶୀତଦାଉରୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ ଥିଲା। କିନ୍ତୁ କାର୍ଯ୍ୟକାରିତା ସରକାରୀ କାଗଜ ଭିତରେ ହିଁ ସୀମିତ ରହିଯାଇଛି। ୨୦୧୧ ଜନଗଣନା ଅନୁସାରେ, ଦେଶର ସହରାଞ୍ଚଳମାନଙ୍କରେ ୯, ୩୮, ୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହି ସଂଖ୍ୟା ଦେଢ଼କୋଟି ପାର ହୋଇଯାଇଛି। ଦିଲ୍ଲୀରେ କେବଳ ୩ଲକ୍ଷ ରୁ ୪ଲକ୍ଷ ବାସହୀନ ଅଛନ୍ତି, ଯେଉଁମାନେ ପ୍ରବାସୀ ଶ୍ରମିକ, ରିକ୍ସା ଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧, ୫୬, ୩୬୯ ଲୋକ ରାତି ୧୧ଟାରୁ ସକାଳ ୫.୩୦ ଯାଏଁ ସଡ଼କ ଉପରେ ଶୋଇଥିବା ଦେଖାଯାଇଥିଲା। ବନ୍ୟା, ମରୁଡ଼ି, ମହଙ୍ଗା, ବେରୋଜଗାର ଓ ଋଣଭାର ଯୋଗୁଁ ଅଧିକରୁ ଅଧିକ ଲୋକ ଏବେ ସହରମୁହାଁ ହେଉଛନ୍ତି। ସହରୀକରଣ ଯୋଗୁଁ ଗାଁ ଖାଲି ହେବାକୁ ଲାଗିଛି। ଦିଲ୍ଲୀ ମାଷ୍ଟର ପ୍ଲାନ ଅନୁସାରେ ୨୦୪୧ ସୁଦ୍ଧା ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି। କିନ୍ତୁ ବାସହୀନ ଲୋକଙ୍କୁ କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଖୋଲା ପଡ଼ିଆରେ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧବୃଦ୍ଧା ଖରାକାକରରେ ପଡ଼ିରହିଛନ୍ତି। ପ୍ରଧାନମନ୍ତ୍ରୀ ଆବସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର। ୨୦୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା। ୨୦୨୫ ସରିବାକୁ ବସିଲାଣି। ଏହି ଯୋଜନାର ବିସ୍ତାର କରି ପିଏମୱାଇ ଅର୍ବାନ ୨-୦ ଅଣାଗଲା। କିନ୍ତୁ ବାସହୀନ ଲୋକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସରକାର କହୁଛନ୍ତି, ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ହିଁ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲେ। କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହୋଇଥିବା ଜଣାପଡ଼ିଲା।

ରୈନବସେରା, ବାସହୀନଙ୍କ ପାଇଁ ତତ୍‌କାଳୀନ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ ମନେ ହୁଏ। 'ଦିଲ୍ଲୀ ଅର୍ବାନ ସେଲଟର ଇମ୍ପ୍ରୁଭମେଣ୍ଟ ବୋର୍ଡ'ର ତଥ୍ୟାନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଏଥିରେ ମୋଟ ୧୬୩୩୮ ଜଣ ଲୋକ ଶୋଇପାରିବେ। କିନ୍ତୁ 'ୱିଣ୍ଟର ଆକସନ ପ୍ଲାନ' ୨୦୨୪-୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ଏହି ସ୍ଥାନମାନଙ୍କରେ ଚୋରି, ନିଶା କାରବାର, ହିଂସା ସାଧାରଣ ଘଟଣା ପାଲଟିଛି। ମହିଳାଙ୍କ ପାଇଁ ୧୭ଟି ବସେରା ଅଛି। ମାଷ୍ଟର ପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରେନବସେରା ହେବା କଥା। କିନ୍ତୁ ବର୍ତ୍ତମାନ ୮୦ଗୋଟି ଅଛି।

ରାଷ୍ଟ୍ରୀୟ ମାନବାଧିକାର ଆୟୋଗଙ୍କ କହିବା ଅନୁଯାୟୀ, ବାସହୀନଙ୍କୁ ଭିକାରୀ କିମ୍ବା ନିଶାଖୋର କୁହାଯିବା ଦୁଃଖଦାୟକ। ସମାଧାନ ପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ। ପ୍ରତ୍ୟେକ ଲୋକଙ୍କର ବଞ୍ଚିବାର ମୌଳିକ ଅଧିକାର ଅଛି।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

## କଥାଶିଳ୍ପୀ ରାମପ୍ରସାଦ ସିଂହ: ସଂଗ୍ରାମ ଓ ସଂହତି

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାରା ଜୀବନ ନିରବଚ୍ଛିନ୍ନ ଲେଖନୀ ଚାଳନା କରିଥିଲେ ମଧ୍ୟ କାହାରିଠାରୁ ପଦେ ପ୍ରଶଂସା ଶୁଣିବାର ପ୍ରତ୍ୟାଶା କେବେହେଲେ ପୋଷଣ କରି ନଥିବା ଜଣେ ଉଚ୍ଚକୋଟୀର, ମର୍ଯ୍ୟାଦାପୂର୍ଣ୍ଣ ସଂସ୍କୃତିର ଉପାସକ ହେଉଛନ୍ତି ବିଶିଷ୍ଟ କଥାଶିଳ୍ପୀ ରାମ ପ୍ରସାଦ ସିଂହ। କେତେସଂଖ୍ୟକ ଉପନ୍ୟାସ ସେ ରଚନା କରିଛନ୍ତି, ତା' ସଠିକ ଭାବରେ ଉଲ୍ଲେଖ କରିବା ଆଦୌ ସମ୍ଭବ ନୁହେଁ। ଯେଉଁ ଉପନ୍ୟାସଗୁଡ଼ିକ ପାଇଁ ପାଠକମାନଙ୍କ ଶ୍ରଦ୍ଧାସିକ୍ତ ଦୃଷ୍ଟି ଦିନେ ସେ ଆକର୍ଷଣ କରିଥିଲେ, ତା' ମଧ୍ୟରେ ରହିଛି- 'ପୂଜାର ବଳୀ', 'ମରୁର ସାଥୀ', 'ମରୀଚିକା', 'ପ୍ରତିହିଂସା', 'ଛିନ୍ନମସ୍ତା', 'ହୋମଶିଖା', 'ଅଗ୍ନିପଥେ' ଆଦି। ପ୍ରଗତିବାଦର ଉଷ୍ମତା ତାଙ୍କ କଣ୍ଠରେ ପ୍ରକଟିତ ହୋଇଛି। ସେହିପରି ଗାନ୍ଧୀ-ବିବେକର ବାଣୀ ମଧ୍ୟ ଉଚ୍ଚାରିତ ହୋଇଯାଇଛି ପ୍ରଭାବଶାଳୀ ଭାବ ବହନ କରି। ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଅବିକଳ ରୂପାୟିତ କରିଛନ୍ତି ସେ ଜଣେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିବା ସତ୍ୟାଗ୍ରହୀ ପରି। 'ପୂଜାର ବଳୀ' ସେଥିପାଇଁ ଆଦୌ ମନେ ହୁଏ ନାହିଁ କାଳ୍ପନିକ ବୋଲି! 'ହୋମଶିଖା' ରଚନା ବେଳେ ସେ ମାର୍କ୍ସୀୟ ଦର୍ଶନ ଦ୍ୱାରା ଅନୁପ୍ରାଣିତ। ତେଣୁ ଜମିଦାର ଗୋଷ୍ଠୀର ଶୋଷଣ ଓ ପ୍ରଜାବୃନ୍ଦଙ୍କ ପ୍ରତିଶୋଧ ପରାୟଣତା ଏଥିରେ ପ୍ରତିଫଳିତ। କ୍ଷୁଦ୍ରଗଳ୍ପ ରଚନାରେ ମଧ୍ୟ ସେ ପ୍ରଦର୍ଶନ କରିଦେଇଛନ୍ତି ଦୁଃସାହସିକ ପଦକ୍ଷେପ। 'ଶେଷରାତି' ଗଳ୍ପଟି ବୈପ୍ଳବିକ ଚେତନାର ପରିଚାୟକ।

ଗୋଟିଏ ପଟେ ଗାନ୍ଧିବାଦୀ ଦର୍ଶନ, ଅନ୍ୟପକ୍ଷରେ ସାମ୍ୟବାଦୀ ଚିନ୍ତନ, ତାଙ୍କୁ ପରିଣତ ପରିପକ୍ୱ କରିଦେଲା ଯେଉଁ ରୂପରେ, ତାହାକୁ 'ମାନବବାଦୀ' ବୋଲି ହିଁ ଅଭିହିତ କରିବା ହୋଇପାରେ ଯଥାର୍ଥ। ଏହି ଉଭୟ ଦର୍ଶନ ମଧ୍ୟରେ ବିଦ୍ୟମାନ ଯେଉଁ ସାମ୍ୟ ଓ ବୈଷମ୍ୟ, ତାହା କ'ଣ ରାମପ୍ରସାଦ ଅନୁଭବ କରି ନାହାନ୍ତି? ସେ ଥିଲେ ଏ ଦିଗରେ ସର୍ବଦା ସଚେତ, ମନ୍ଥିତ, ବ୍ୟଥିତ ଓ ଚିନ୍ତିତ ଏକ ଦରଦୀ, ଅନୁଭବୀ ସ୍ରଷ୍ଟା। ତାଙ୍କ ଜୀବନରେ ଓ ସାହିତ୍ୟରେ ଯେଉଁ ବୈଚିତ୍ର୍ୟ ବିଭାସିତ, ତାହା କାହାକୁ ବା ଚମତ୍କୃତ କରି ନ ଦେବ! ଅନେକ ଲେଖକ ଗାନ୍ଧୀବାଦରୁ ସାମ୍ୟବାଦ ମଧ୍ୟକୁ ପ୍ରବେଶ କରିଛନ୍ତି। ରାମ ପ୍ରସାଦ ସାମ୍ୟବାଦରୁ ଯାତ୍ରା କରୁଛନ୍ତି ଗାନ୍ଧୀ-ଚେତନା ଉଦ୍ଦେଶ୍ୟରେ। ଓଡ଼ିଆ ପାଠକୁ ପଛରେ ପକାଇ ଲୋକେ ଇଂରାଜୀ ମୋହଗ୍ରସ୍ତ। ଲେଖକ ଇଂରାଜୀ ଛାଡ଼ିଦେଇ ହୋଇଛନ୍ତି ମାତୃଭାଷାର ସାଧକ। କାରଣ ସେ ବହୁ ବିଳମ୍ବରେ ଓଡ଼ିଆ ଶିଖିବାର ସୁଯୋଗ ପାଇଥିଲେ। ପୁନଶ୍ଚ ଲୋକେ ଗ୍ରାମ୍ୟ ଆତ୍ମୀୟତା ପରିତ୍ୟାଗ କରି ରାଜଧାନୀ ଅଭିମୁଖୀ। ରାମ ପ୍ରସାଦ ସାମ୍ବାଦିକତା ଓ କଟକ ଭୁବନେଶ୍ୱର ଛାଡ଼ିଦେଇ ଆଶ୍ରୟ ଗ୍ରହଣ କରିଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିରେ। ସେଠି ଆବିଷ୍କାର କରିଛନ୍ତି 'ମଙ୍ଗଳେ ଅଇଲା ଉଷା'ର ରହସ୍ୟ। ପ୍ରତିଷ୍ଠା କରିଛନ୍ତି 'ଗଙ୍ଗାଧର ସାହିତ୍ୟ ପରିଷଦ'।

ସାରା ରାଜ୍ୟର କେତେ ପ୍ରତିଷ୍ଠିତ ଲେଖକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ଏହି ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ସୋପାନକୁ କରିଦେଲେ ଉତ୍ତୋଳିତ। କବିପୁତ୍ର ଭଗବାନ ମେହେରଙ୍କ ଓ କବି ପରିବାର ସହ ତାଙ୍କ ସମ୍ପର୍କ ଜୀବନର ଆଉ ଏକ ଉତ୍ତରିତ ଅଧ୍ୟାୟ। ତାଙ୍କ ସହଧର୍ମିଣୀ ଶୈଳବାଳା ବାନାର୍ଜୀ କେତେ ସାଧାରଣ! ସରକାରୀ ଡାକ୍ତରଖାନାର ଥିଲେ ସାମାନ୍ୟ ଜଣେ ନର୍ସ। ଅଥଚ ସମଗ୍ର ବରପାଲିରେ ଘରେ ଘରେ ସେ ଅବତୀର୍ଣ୍ଣା 'ଧାତ୍ରୀ-ଦେବୀ' ଭାବରେ। ସ୍ନେହମୟୀ ମାତୃ ମମତାର ନିର୍ଝରିଣୀ। ରାମ ପ୍ରସାଦ ତାଙ୍କ ବରପାଲି ଅବସ୍ଥାନ କାଳରେ ରଚନା କରିଥିଲେ ଗବେଷଣାତ୍ମକ ଗ୍ରନ୍ଥ 'ଶ୍ରୀକୃଷ୍ଣ'। ଆତ୍ମଜୀବନୀ 'ଶତାବ୍ଦୀର ପଦଧ୍ୱନି' ରଚନାରେ ବି ଧ୍ୟାନମଗ୍ନ ହୋଇଛନ୍ତି। ଏହା ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରସଙ୍ଗଠାରୁ ଆହୁରି ପରିବ୍ୟାପ୍ତ ହୋଇ ଗୋଟିଏ ଶତାବ୍ଦୀର ସମୟକୁ ସାକାର କରିବ-ଏହି ଭାବନାରେ ରହୁଥିଲେ ଏକାଗ୍ରଚିତ୍ତ। କିନ୍ତୁ ତାହା ରହିଗଲା ଅସମ୍ପୂର୍ଣ୍ଣ। କେତେ ଉପନ୍ୟାସ ବି ଦେଖିପାରିଲେ ନାହିଁ ଆଉ ଆଲୋକ। ଏକମାତ୍ର କ୍ଷୁଦ୍ରଗଳ୍ପ ସଂକଳନ 'କଲ୍ଲୋଳ' ସେଇ ସମୟର ପ୍ରକାଶନ। 'ସନ୍ଧ୍ୟାଦୀପ'ଛାତ୍ରଛାତ୍ରୀଙ୍କ ପାଇଁ କି ପ୍ରେରଣାଗର୍ଭିତ। ଉପନ୍ୟାସର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ବେଳେ ନିଜ ନାମଠାରୁ ସାଙ୍ଗିଆ ଉଠାଇ ଦେଇଛନ୍ତି, ଯାହା ଓଡ଼ିଆ ସାହିତ୍ୟରେ ସମ୍ଭବତଃ ପ୍ରଥମ।

ସେ ବୁଣି ଦେଇଛନ୍ତି ସାରସ୍ୱତ ଚେତନାର ଅଗଣିତ ଶକ୍ତିକଣିକା। ଆଜି ନିତାନ୍ତ ଆବଶ୍ୟକ ତାଙ୍କର ପୁନଃଆବିଷ୍କାର। ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ପୁନର୍ମୂଲ୍ୟାୟନ। ଏହା ହିଁ ସମାଜକୁ ଦେଇପାରିବ ଅଭିନ୍ନ ଦିଗଦର୍ଶନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅନ୍ତର୍ଜାତୀୟ ଜର୍ଣ୍ଣାଲ ଡାଟାବେସ୍‌ରେ ତାଲିକାଭୁକ୍ତ ହେଲା କିମ୍‌ସ ଜର୍ଣ୍ଣାଲ

ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ ଏହା ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ



ଭୁବନେଶ୍ୱର,୩।୧୨(ସମିସ):ଶିକ୍ଷାଗତ ଏବଂ ଗବେଷଣା କାର୍ଯ୍ୟକଳାପକୁ ଆଗକୁ ନେବା ପାଇଁ କିମସ ପକ୍ଷରୁ ପ୍ରକାଶିତ ମେଡିକାଲ ଜର୍ଣ୍ଣାଲ ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହୋଇଛି। କିମସ ଶିଶୁରୋଗ ବିଶେଷଜ୍ଞ ତଥା ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚର ସମ୍ପାଦକ ପ୍ରଫେସର ନିର୍ମଳ କୁମାର ମହାକୁଡ, ପୂର୍ବତନ ସମ୍ପାଦକ ପ୍ରଫେସର ପ୍ରଶାନ୍ତ ପଧାନ ଓ ସହକାରୀ ପ୍ରଫେସର ଗୀତାଚାନ୍ଦ ଆଚାର୍ଯ୍ୟ ପରିଚାଳନା ସମ୍ପାଦକଙ୍କ ମିଳିତ ପ୍ରୟାସରେ ଏହି ଜର୍ଣ୍ଣାଲଟି ପ୍ରକାଶ ପାଇବା ସହ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନ ପାଇଛି। ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ କିମସର ଏହି ଚିକିତ୍ସା ଜର୍ଣ୍ଣାଲ ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ ହେବାର ଗୌରବ ଅର୍ଜନ କରିଛି। ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲସ ଇଣ୍ଡେକ୍ସ ଆନ୍ତର୍ଜାତୀୟ ଦୃଶ୍ୟମାନତା, ବିଶ୍ୱସନୀୟତା ଏବଂ ବିଶ୍ୱବ୍ୟାପୀ ବିଦ୍ୱାନ, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ବେଶ ଆଦୃତ ହୋଇଆସିଛି। ବହୁ ବିଶେଷଜ୍ଞ ଓ ଗବେଷକ ଏଥିରୁ ବିଶେଷ ଉପକୃତ ହୋଇଥାନ୍ତି। କିମସର ଏହି ଜର୍ଣ୍ଣାଲ ଜାନୁଆରୀ ୨୦୨୩ରେ ଏକ ତ୍ରୈମାସିକ ପ୍ରକାଶନ ଭାବରେ ଆରମ୍ଭ ହୋଇଥିଲା। ଉଚ୍ଚ ଶୈକ୍ଷିକ ତର୍ଜମା ସହିତ ଦଶଟି ନିରନ୍ତର ସଂଖ୍ୟା ସଫଳତାର ସହ ପ୍ରକାଶ କରିବା ପରେ ଏହା ଭାବରେ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହେବା ପାଇଁ ଆବେଦନ କରି ଅନୁମୋଦନ ପାଇଥିଲା। ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଡ. ନିର୍ମଳ ମହାକୁଡ଼ଙ୍କ ସମେତ ଜର୍ଣ୍ଣାଲର ସମ୍ପାଦନାମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧ ଡଲାର...

ଏହା ୯୦.୧୩ ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିଥିଲା। ବଜାର ଖୋଲିବା ମାତ୍ରେ ମୁଦ୍ରା ମୂଲ୍ୟରେ ହୋଇଥିବା ଏହି ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଝଟ୍‌କାଠାରୁ କମ୍ ନୁହେଁ। ଟଙ୍କା ମୂଲ୍ୟରେ ଏହି ହ୍ରାସ ଭାରତୀୟ ଅର୍ଥନୀତି ଉପରେ ଚାପ ବୃଦ୍ଧି କରୁଛି। ଏହା ଚିନ୍ତାର ବିଷୟ। କାରଣ ଏପରି ପରିସ୍ଥିତି ମୁଦ୍ରାସ୍ଫୀତିର ବିପଦକୁ ଆହୁରି ବଢ଼ାଇବ। ପୂର୍ବରୁ ଏପରି ହ୍ରାସ ୨୦୨୨ ରେ ଦେଖିବାକୁ ମିଳିଥିଲା। ବିଗତ କିଛି ଦିନ ଧରି ବିଶ୍ୱ ବଜାରରେ ଅନିଶ୍ଚିତତା ବୃଦ୍ଧି ପାଉଛି। ଡଲାର ମଜବୁତ ହେଉଛି। ଏପରି ପରିସ୍ଥିତିରେ, ନିବେଶକମାନେ ସୁରକ୍ଷିତ ନିବେଶ ବିକଳ୍ପ ଖୋଜୁଛନ୍ତି ଏବଂ ଡଲାର ଆଡକୁ ମୁହାଁଇଛନ୍ତି। ଏହାବ୍ୟତୀତ, ବିଦେଶୀ ନିବେଶକମାନେ ମଧ୍ୟ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିଛନ୍ତି। ଫଳସ୍ୱରୂପ, ଟଙ୍କା ଦୁର୍ବଳ ହେଉଛି ଏବଂ ଡଲାରର ଚାହିଦା ବୃଦ୍ଧି ପାଉଛି। ଟଙ୍କା ୯୦ ସ୍ତର ଅତିକ୍ରମ କରିବା ମଧ୍ୟ ବଜାର ପରିବର୍ତ୍ତନକୁ ସୂଚିତ କରୁଛି। ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି। ଏହାବ୍ୟତୀତ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ଆମେରିକାର ଆର୍ଥିକ ନୀତି ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ବିଷୟରେ ବୃଦ୍ଧି ପାଉଥିବା ଅନୁମାନ ମଧ୍ୟ ଟଙ୍କା ଉପରେ ଚାପ ବୃଦ୍ଧି କରୁଛି। ଟଙ୍କା ଦୁର୍ବଳ ହେବା କେବଳ ଆମଦାନୀ ଖର୍ଚ୍ଚ ବୃଦ୍ଧି କରୁନାହିଁ ବରଂ ପେଟ୍ରୋଲ ଏବଂ ଡିଜେଲ, ଯନ୍ତ୍ରପାତି, ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ ଏବଂ ବିଦେଶ ଯାତ୍ରା ମୂଲ୍ୟ ବଢ଼ାଉଛି।

### ବଢ଼ିବନି ସର୍ବନିମ୍ନ...

ବୈଠକରେ ଏହାକୁ ଅନୁମୋଦନ ମିଳିଯିବା ନେଇ ମଧ୍ୟ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସଂସଦର ଶୀତକାଳୀନ ଅଧିବେଶନରେ ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍‌ରେ କୌଣସି ବୃଦ୍ଧି ହେବ ନାହିଁ ବୋଲି କେନ୍ଦ୍ର ସରକାର ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

### ୩ଟି ପର୍ଯ୍ୟାୟରେ...

ଦିନ ପରୀକ୍ଷା ହେବ। ଚଳିତଥର ପରୀକ୍ଷାରେ କପି ରୋକିବା ପାଇଁ ସମସ୍ତ ପରୀକ୍ଷା ହଲ୍‌ରେ ଏଆଇ ସିସିଟିଭି କ୍ୟାମେରା ସମେତ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ଦୁଇଟି ଲେଖାଏଁ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ଶେଷ ହେବାର ୪୦ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରେ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮, ବାଣିଜ୍ୟରେ ୨୪,୫୩୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବା ପାଇଁ ୫୯୨୩ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଚଳିତ ଥର ପ୍ରାୟ ୨୫ ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି। ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ହବ୍ ଏବଂ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏଆଇ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ହବ୍‌ରେ ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଫଳରେ ପ୍ରଶ୍ନପତ୍ର ସୁରକ୍ଷା ଶତପ୍ରତିଶତ ସୁନିଶ୍ଚିତ ହୋଇପାରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ପ୍ରାକ୍ଟିକାଲ୍ ସମୟର ସିସିଟିଭି କ୍ୟାମେରା ମଧ୍ୟ ଲାଇଭ୍ ହେବ। ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ ଏହାକୁ ନିୟନ୍ତ୍ରଣ କରାଯିବା ସହ ପରୀକ୍ଷାରେ ଅନିୟମିତତା ହେଉଥିବା ଧରାପଡ଼ିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତବର୍ଷ ୧୨୬୮ ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଚଳିତ ବର୍ଷ ପ୍ରାୟ ୧୩୫୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ପାଇଁ ଗତବର୍ଷ ପରି ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଙ୍ଗ ସ୍କ୍ୱାଡ୍ ଟିମ୍ ମୁତୟନ ହେଉଥିବାବେଳେ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରିବେ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ କହିଛନ୍ତି।

ଲିଖିତ ପରୀକ୍ଷା ସୂଚୀ ଅନୁଯାୟୀ, ପ୍ରଥମ ଦିନ ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ୧୯ ତାରିଖରେ ଧନ୍ଦାମୂଳକ ପିଲାଙ୍କ ପରୀକ୍ଷା ରହିଥିବାବେଳେ ୨୦ ତାରିଖରେ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ବୁଧବାର ପରୀକ୍ଷା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

### ଧାନ କିଣା...

ନାହାନ୍ତି। ସେମାନେ କେଉଁଠାରେ ଧାନ ବିକିବେ ? ଆଜିପର୍ଯ୍ୟନ୍ତ ସରକାର କେତେ ମିଲରଙ୍କୁ ମାର୍କେଟ ୟାର୍ଡ ଆଲର୍ଟ କରିଛନ୍ତି। ସରକାର ମିଲରଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ନିଅନ୍ତି। ଚଳିତ ଥର ସବୁ ମିଲରଙ୍କ ନିକଟରୁ ସରକାର ଗ୍ୟାରେଣ୍ଟି ନେଲେଣି କି? ଯେଉଁ ମିଲରଙ୍କୁ ଧାନ ଉଠାଇବାକୁ ସରକାର ଅନୁମତି ଦେଇଛନ୍ତି, ତାଙ୍କ ଗୋଦାମ ଘର ଯାଞ୍ଚ କଲେଣି କି ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଅନ୍ୟତମ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଚଳିତ ଖରିଫ ପାଇଁ କେନ୍ଦ୍ର ସରକାର ୬୯ ଟଙ୍କା ଏମଏସପି ବୃଦ୍ଧି କରିଛନ୍ତି। ସେହି ହିସାବରେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଗୃହରେ ଦେବେ କି ନାହିଁ ସ୍ପଷ୍ଟ କରନ୍ତୁ। ଯଦି ନଦେବେ, ତାହେଲେ ଇନପୁଟ ସହାୟତା ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଦେଉଛନ୍ତି ବୋଲି ଘୋଷଣା କରନ୍ତୁ। ଆଜି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥାରେ ଚାଲିଛି। ଗତକାଲି ସୁଦ୍ଧା ପ୍ରାୟ କୌଣସି ମଣ୍ଡିରୁ ଧାନ ଉଠିନାହିଁ। କେଉଁଟି ଚାଷୀ ଆଦୌ ଟୋକନ ପାଇ ନାହାନ୍ତି, ତ କେଉଁଠି ୫ ଏକର ପାଇଁ ମାତ୍ର ୧୨ କ୍ୱିଣ୍ଟାଲର ଟୋକନ ପାଇଛନ୍ତି। ସବୁ ଆଡ଼େ ବିଭ୍ରାଟ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ସମାନ କଥା କହିଥିଲେ। ସବୁ ଆଡ଼େ ଏଫଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ ମେସିନ ଉପଲବ୍ଧ ନାହିଁ। ଗତବର୍ଷ ପରି ଚଳିତ ବର୍ଷ ମନଇଚ୍ଛା କଟନୀ ଛଟନୀ ନେଇ ଚାଷୀକୂଳରେ ସନ୍ଦେହ ଜାତ ହେଲାଣି। ବହୁ ମିଲର କହୁଛନ୍ତି ଏବେ ସୁଦ୍ଧା ଗୋଦାମଘର ଖାଲି ନାହିଁ, ସେଥିପାଇଁ ସେମାନେ ଧାନ ପଠାଇ ପାରୁ ନାହାନ୍ତି। ରାଜ୍ୟ ସରକାର ୩୧୬୯ ଟଙ୍କା ଏମଏସପି ଦେବେକି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟ ବିଧାୟକ ଦାଶରଥି ଗମାଙ୍ଗୋ, ପ୍ରଦୀପ ଦିଶାରୀ ପ୍ରମୁଖ ମଧ୍ୟ ଅବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଆମ ସରକାର ଆସିବା ପରେ ଚାଷୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ନିଜର ପ୍ରାପ୍ୟ ପାଉଛନ୍ତି। ପୂର୍ବରୁ ଏଥିପାଇଁ ୧୫ ଦିନ ସମୟ ଲାଗୁଥିଲା। କଟନି ଛଟନୀ ପୂରା ବନ୍ଦ ହୋଇନଥିଲେ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ଗତଥର ଧାନ କ୍ରୟ ପ୍ରକ୍ରିୟାରେ ଗୋଟିଏ ବି ଟୋକନ ଲାପ୍ସ ହୋଇନଥିଲା ବୋଲି ସେ କହିଥିଲେ। ବିଧାୟକ ସନତ ଗଡତିଆ କହିଥିଲେ ଯେ ୨୦୨୩-୨୪ ଖରିଫରେ ରାଜ୍ୟରେ ପ୍ରାୟ ୪ ଲକ୍ଷ ଚାଷୀ ପଞ୍ଜୀକରଣ ସତ୍ତ୍ୱେ ନିଜର ଧାନ ବିକି ପାରି ନଥିଲେ। ମାତ୍ର ଆମ ସରକାରରେ ପ୍ରଥମ ବର୍ଷରେ ରେକର୍ଡ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୬.୬୦ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଯାହା ଆମର ସୁଦୃଢ଼ ବ୍ୟବସ୍ଥାକୁ ଦର୍ଶାଉଛି। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମଧ୍ୟ ନିଜ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଗୃହରେ ତଥ୍ୟ ଉପସ୍ଥାପନ କରିଥିଲେ।

### ଶୀତ ସହ...

ସ୍ଥାନରେ କୁହୁଡ଼ି ବଢ଼ିବ। ବିଶେଷ କରି ୫ ଓ ୯ ତାରିଖ ରାତିରେ ଘନ କୁହୁଡ଼ି ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସେହିପରି ପାଣିପାଗ କେନ୍ଦ୍ର ମଧ୍ୟ ଦୁଇ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ କୁହୁଡ଼ି ସତର୍କତା ଜାରି କରିଛି। କେନ୍ଦ୍ର କହିଛି ଯେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଝାରସୁଗୁଡ଼ା, ବଲାଙ୍ଗିର ଓ ସୋନପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଘନ କୁହୁଡ଼ି ଜନିତ ୟେଲୋ ଆଲର୍ଟ ଜାରି କରିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଜି ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ଅର୍ଥାତ ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ୩୧୬୯ ନୁହେଁ...

ତେବେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ଏହାକୁ ଅଗଷ୍ଟ ୨୫ ତାରିଖ ଯାଏଁ ବୃଦ୍ଧି କରିଥିଲେ। ଚଳିତ ଖରିଫ ପାଇଁ ସମୁଦାୟ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୪-୨୫ ଖରିଫରେ ୧ କୋଟି ୨୭ ଲକ୍ଷ ୫୮ ୯୦୦ ପ୍ଲଟରେ ମୋଟ ୫୮.୧୪ ଲକ୍ଷ ଏକର ଚାଷ ଜମିରେ ଧାନ ଚାଷ ହୋଇଥିଲା। ୨୦୨୫-୨୬ରେ ଏହା ୧ କୋଟି ୩୮ ଲକ୍ଷ ୪୭ ହଜାର ୭୯୬ ପ୍ଲଟରେ ୬୧.୬୭ ଲକ୍ଷ ଏକରକୁ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ ରାଜ୍ୟରେ ଅଦିନିଆ ବର୍ଷା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟାରେ କିଛି ଦିନ ବିଳମ୍ବ ହେଲେ ମଧ୍ୟ ଏଯାବତ୍ ୫ଟି ଜିଲ୍ଲାରେ ୨ ଲକ୍ଷ ୯୪ ହଜାର ୫୬୯ଟି ଟୋକନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ବରଗଡ଼, କଳାହାଣ୍ଡି ଓ ସମ୍ବଲପୁରରୁ ମୋଟ ୪୧୧୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀଙ୍କ ଧାନ ମାନ ପରୀକ୍ଷଣ ପ୍ରକ୍ରିୟାକୁ ସଠିକ୍ ଏବଂ ତ୍ୱରାନ୍ୱିତ କରିବା ପାଇଁ ୩୦୩ଟି ସ୍ୱୟଂ ଚାଳିତ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ମାନ ପରୀକ୍ଷଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ କୃଷି କଲ୍ୟାଣ ନୀତି ଏବଂ ଇନପୁଟ ସହାୟତା ରାଶିରେ ଆକର୍ଷିତ ହୋଇ ଚଳିତ ବର୍ଷ ୨ ଲକ୍ଷ ୧୭ ହଜାର ନୂଆ କୃଷକ ଚାଷ ଆରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ।


**NOTICE**

By virtue of an affidavit sworn before Notary Public, Sainatala I, Bhabani Bhue, W/O - Dhaneswar Bhue resident of: Dumerbahal PO : Dharapgarh, Balangir, Odisha,767033 declare that I have changed my name from BHABANI MAJHI to BHABANI BHUE. Henceforth, I shall be known as BHABANI BHUE for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 02.12.2025 I, DHANAMATI HARIJAN, W/o - Daya Harijan, Residences of Village-Jhariguma, Po.- Jhariguma, Ps.- Tentulikhunti, Dist.- Nabarangpur, Odisha, Pin-764049, declare that I have changed the name of my Ward from **GAYATRY HARIJAN** to **PRACHI HARIJAN**. Henceforth, she shall be known as **PRACHI HARIJAN** for all purposes.

**AFFIDAVIT**

I, ROJALINI PRADHAN D/o Ramesh Pradhan, resident of At-Krishnacharanpur, PO-Gopapur, P.S- Badamba, Dist- Cuttack solemnly affirm that I have changed my name from Roji Pradhan to Rojalini Pradhan . That Roji Pradhan and Rosalini Pradhan is one and same person, who is myself. Henceforth I shall be known as **ROJALINI PRADHAN** for all purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Daimati Madkami,** aged about 20 years, C/o.: Bhima Madkami, resident of Village: Namelguda, PO.: Mariwada, P.S./Dist.: Malkangiri, Odisha, declare by this Affidavit No.: **1912/2025,** Dated: **03.12.2025** that I have changed my name from **Jaymati Madkami** to **Daimati Madkami**. Henceforth I shall be known as **Daimati Madkami** for all future purposes.

**AFFIDAVIT**

By virtue of an affidavit No. 6417 sworn before the Executive Magistrate Champua, on dtd-01/12/2025, I **Abu Shahma Aejaz,** S/o- Aejaz Ahmad, resident of Vill: Champua, Po- Champua, Ps-Champua, Dist- Keonjhar, Odisha, Pin- 758041, declared that I have changed my name from **Shahma Hasan** (old name) to **Abu Shahma Aejaz**. Henceforth, I shall be known as **Abu Shahma Aejaz,** S/o- Aejaz Ahmad for all future purposes.
**Abu Shahma Aejaz**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 15.11.2025, I Jyostnarani Sahoo, resident At/Po Kantiokateni, Ps- Tumusinga, Dist- Dhenkanal, Odisha, PIN-759026, declare that I have changed my name from Subrat Sahoo to Jyostnarani Sahoo. Henceforth, I shall be known as JYOSTNARANI for all purposes.

**AFFIDAVIT**

By virtue of an affidavit before The Executive Magistrate, BBSR,Vide CF No-64/29.11.2025 dtd:29.11.2025. I SAKHYAM ADHIKARI aged about, 18 yrs, S/O- Babula Adhikari R/O- At/Po-Kasabassa, Via -Bamunigaon, Dist-Kandhamal, Odisha-762021 Currently residing At-Christian Sahi near Chandi Mandir Chhak, Cuttack Sadar,Dist-Cuttack, Odisha-753001 have changed my name from Sakhayam Adhikari to Sakhyam Adhikari. Henceforth I shall be known as **Sakhyam Adhikari**, S/O- Babula Adhikari for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar, on dated 01.12.2025, I Saroja Kanta Samantaray permanent resident At- Gahma, Po/Ps- Mahakalpara, Dist- Kendrapara, Odisha, PIN-754224, declare that I have changed my name from Saroj Kanta Samantaray to Saroja Kanta Samantaray. Henceforth I shall be known as SAROJA KANTA SAMANTARAY for all purposes.

**AFFIDAVIT**

By virtue of an affidavit No. 6432, sworn before the Executive Magistrate, Champua on dtd-01/12/2025. I **Muntaquir Islam**, S/o- Mahamad Makim Ansari, resident of Vill- Alinagar Champua, Po/Ps- Champua, Dist- Keonjhar, Odisha, Pin-758041, declared that I have changed my name from **Muntasir Islam** (old name) To **Muntaquir Islam** (new name). Henceforth, I shall be known as **Muntaquir Islam** for all future purposes.
**Muntaquir Islam**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 02.12.2025, I Akshaya Kumar Sandha resident At- Chitri, Po-Chitri Gobardhanpur, Sub-Dist-Sukinda, Dist- Jajpur, Odisha, PIN-755019, declare that I have changed the name of my daughter from Ankita Priyadarsini Sandha to Ankita Priyadarsani Sandha. Henceforth she shall be known as ANKITA PRIYADARSANI SANDHA for all purposes.
Sd/- Akashya Kumar Sandha

**AFFIDAVIT**

By virtue of an affidavit No. 11966 sworn before the Executive Magistrate Jajpur on dtd-01/12/2025. I **Najma Khanam,** aged 55 years, W/o- SK Safiulla, resident of Vill- Sona Mohalla, Po/Ps- Binjharpur, Dist- Jajpur, Odisha, Pin- 755004, declared that I have changed my name from **Najma Khatoon** (old Name) to **Najma Khanam** (new name). Henceforth, I shall be known as **Najma Khanam** for all future purposes.
**Najma Khanam**


B-793

OFFICE OF THE SUPERINTENDING ENGINEER,GANJAM(R&B)
DIVISIONNO.I, BERHAMPUR
GOVERNMENT OF ODISHA Quotation Notice

Ltr.No,13795T  Date:1-12-2025

| | | |
|---|---|---|
| 1. | Name of the work | i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old Settlement office (Non-residential) building in the premises of District Session Judge Court at Berhampur. |
| 2. | Reserve Price/ Upset Price | i) Rs. 9,36,921 /- ii) Rs. 80,830 /- |
| 3. | EMD to be Deposited (In shape as N.S.C / Post Office savings bank Account / Post office time deposit Account / Kisan Viskas Patra / Bank Guarantee) | i) Rs. 2, 34,500 /- ii) Rs 20,500 /- |
| 4. | Period of Completion | 1(One) Calendar Month |
| 5. | Receipt of Quotation | From 5.12.11.2025 to 11.12.2025 up to 04.00 pm |
| 6. | Date & Time of Opening of Quotation. | 04.30 PM of 11.12.2025 |
| 7. | Name and address of the Officer inviting Quotation | Superintending Engineer, Ganjam (R&B) Division No.I, Berhampur. |

Sd/-
Superintending Engineer
Ganjam(R&B)Division No.I

OIPR-34109/11/0062/2526

B-791

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com

**Quotation Call Notice**
Quotation Bid Identification No. S.E.-KHD-(R&B)-1 / 2025-26

Letter No.6730  Date:01-12-2025

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of the Works as detailed below:

| | | |
|---|---|---|
| 1. | Nature of Work | Electrical Works |
| 2. | No of Work | 02Nos |
| 3. | Cost of Quotation biddocument | Rs.6000.00(Online) |
| 4. | Class of Contractor | Original Equipment Manufacturer (OEM)/Registered firm having experience in similar nature of work |
| 5. | Available of Quotation Bid Documents in the web site. | From 12.00 Noon of Dt.08.12.2025 to 5.00 PM of Dt.17.12.2025 |
| 6. | Opening of Quotation Bids | Dt.18.12.2025 at 11.30A.M |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR-34095/11/0040/2526

Superintending Engineer
Khurda (R&B) Division, Khurda

ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ,ଓଡଗାଁ ବନାଞ୍ଚଳ, ଓଡଗାଁ
**Office of the Forest Range Officer, Odagaon Range**
At/Po/PS-Odagaon, Dist-Nayagarh
Email ID:- roodagaon204@gmail.com, Mob: 96681 08792

**ସଚେତନ ବାର୍ତ୍ତା**

- ଜଙ୍ଗଲ ଅଞ୍ଚଳରେ ଜଳୁଥିବା ସିଗାରେଟ୍ କିମ୍ବା ଦିଆସିଲି ଫିଙ୍ଗନ୍ତୁ ନାହିଁ।
- ଜଙ୍ଗଲରେ ଅଳିଆ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଜାଳିବା ଏଡ଼ାନ୍ତୁ।
- ଗ୍ରୀଷ୍ମ ଋତୁରେ ନିଆଁକୁ ଜଙ୍ଗଲ ଅଞ୍ଚଳରୁ ନିରାପଦ ଦୂରତାରେ ରଖନ୍ତୁ।
- ଜଙ୍ଗଲ ନିକଟସ୍ଥ ଥିବା ଗୁଣ୍ଡପାଳରେ ନିଆଁ ଲଗାନ୍ତୁ ନାହିଁ ।
- ଯେକୌଣସି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ନିଆଁକୁ ଲିଭାଇବାକୁ ଚେଷ୍ଟା କରିବ ସହିତ ନିକଟସ୍ଥ ବନ କାର୍ଯ୍ୟାଳୟକୁ (୦୬୭୫୩-୨୯୬୫୨୦) ଯୋଗାଯୋଗ କରନ୍ତୁ।

ବନାଞ୍ଚଳ କାର୍ଯ୍ୟାଳୟ,
ଓଡଗାଁ, ନୟାଗଡ

**ପୌର ପରିଷଦ, ନୟାଗଡ଼**

ସ୍ୱଚ୍ଛ ଭାରତ — ଦୁଇ ପାଦ ସ୍ୱଚ୍ଛତା ଆଡ଼କୁ...

**ଆସନ୍ତୁ ସହଯୋଗ କରିବା ଆମ ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା**

**ସହରବାସୀ ସମସ୍ତେ ମିଳିମିଶି ନୟାଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ନିମ୍ନଲିଖିତ ସ୍ୱଚ୍ଛତା ଏବଂ ନୀତିନିୟମକୁ ମାନି ଚଳିବା**

୧. ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥକୀକରଣ ଭାବରେ "ଡଷ୍ଟବିନ"ରେ ରଖି ନିୟମିତ ଯାଉଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ଗୃହପାଳିତ ପଶୁ ଓ ଗାଈଗୋରୁକୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ରାସ୍ତାକଡରେ ମାଛ, ମାଂସ ଦୋକାନ କରି କାଟନ୍ତୁ ନାହିଁ ।
୩. ସହରରେ ଥିବା ଡ୍ରେନଗୁଡ଼ିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପୋଖରୀଗୁଡ଼ିକୁ ସଫା ସୁତରା ରଖନ୍ତୁ ।
୪. ପୌର ପରିଷଦରେ ଘର କରିବା ପାଇଁ ପ୍ଲାନ୍ ଆପ୍ରୁଭାଲ କରାଇ ନିଅନ୍ତୁ ଏବଂ Holding Tax ଠିକ ସମୟରେ ପଇଠ କରନ୍ତୁ । ମ୍ୟୁନିସିପାଲିଟିର ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ SUJOG App କୁ ବ୍ୟବହାର କରନ୍ତୁ ।
୫. ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜୀକୃତ କରାଇ ନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
୬. ନିଜ ଘରେ ଥିବା ପାଇଖାନା ଟାଙ୍କିକୁ ୩ ବର୍ଷରେ ଥରେ ସଫା କରନ୍ତୁ । ପୌରସଂସ୍ଥା ଦ୍ୱାରା ତାଲିମ ପ୍ରାପ୍ତ GARIMA ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।
୭. ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା — ଉପାଧ୍ୟକ୍ଷ
ଶ୍ରୀମତୀ ନିରୁପମା ଖଟେଇ — ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼

NOTIFIED AREA COUNCIL
ODAGAON, Dist.- NAYAGARH
PIN-752081
Phone No. 06753 -260062
ବିଜ୍ଞାପିତ ଅଞ୍ଚଳ ପରିଷଦ
ଓଡଗାଁ, ଜିଲ୍ଲା- ନୟାଗଡ
E-Mail ID : nacodagaon@gmail.com

**ସର୍ବସାଧାରଣ ସୂଚନା**

ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଓଡଗାଁ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖି ସୁସ୍ଥ ରହିବାରେ ସହଯୋଗ କରନ୍ତୁ ।

୧. ଘରୁ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନୀଳ ଓ ସବୁଜ ଡଷ୍ଟବିନରେ ରଖନ୍ତୁ ଏବଂ ଏନ.ଏ.ସି. ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘର ଦୁଆରକୁ ଆସୁଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ବେଆଇନ ଗୃହ ନିର୍ମାଣ ନକରି ଏନ.ଏ.ସି. କାର୍ଯ୍ୟାଳୟରେ ମଞ୍ଜୁର (Building Plan Approval) କରି କରାନ୍ତୁ । ଗୃହ ନିର୍ମାଣ ନିମନ୍ତେ ବାଲି, ଗୋଡି, ଇଟା, ପଥର, ମାଟି ଆଦି ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, କଂକ୍ରିଟ ଖଣ୍ଡ ଆଦି ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡ଼ିକର ସୁପରିଚାଳନା ପାଇଁ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ ।
୩. ଗୃହରେ ପାଇଖାନା ସହିତ ସେପ୍ଟିକ ଟାଙ୍କି କରନ୍ତୁ । ନିୟମିତ ବ୍ୟବଧାନରେ ସେପ୍ଟିକ ଟାଙ୍କିକୁ ଏନ.ଏ.ସି.ର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ ।
୪. ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
୫. ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ଏନ.ଏ.ସି.ର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।
୬. ଏନ.ଏ.ସି.ଦ୍ୱାରା ଧାର୍ଯ୍ୟ ହୋଇଥିବା ଟିକସ ଯଥା- ହୋଲଡିଙ୍ଗ ଟିକସ, ଟ୍ରେଡ ଲାଇସେନ୍ସ , ୟୁଜର ଫୀ ବା ବ୍ୟବହାରିକ ଶୁଳ୍କ, ବିବାହ ପଞ୍ଜୀକରଣ ଆଦି ନିୟମିତ ତଥା ସଠିକ ସମୟରେ କରନ୍ତୁ ।
୭. ନିଜର ଗୃହପାଳିତ ପଶୁକୁ ରାସ୍ତାରେ ଏଣେତେଣେ ନଛାଡି ନିଜ ହେପାଜତରେ ରଖନ୍ତୁ ଓ ଏଥିଲାଗି ହେଉଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ରୋକନ୍ତୁ ।

ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-03/12/2025. I, **Nani Bagarti** (new name), W/o Late Baisakhu Bagarti, permanent resident of AT: Suagpur, PO: Siker, PS: Titilagarh, DIst: Balangir, PIN: 767033, Odisha declare that I have changed my name from **Urmila Bagarti** to **Nani Bagarti.** Henceforth, I shall be known as **Nani Bagarti** (new name) for all purposes.
**Nani Bagarti**

# ଜଳବାୟୁ ଅନୁକୂଳ କୃଷି ପ୍ରକଳ୍ପ ଶୁଭାରମ୍ଭ



କୋରାପୁଟ,୩।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର ମିଳିତ ଆନୁକୁଲ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ଆକାଂକ୍ଷା ବ୍ଲକ ଲମତାପୁଟରେ ନୂତନ କୃଷି ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ,ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ କାର୍ଯ୍ୟକ୍ରମ ଅଧିକାରୀ ପୁଣ୍ୟଶିଳ ଯାଞ୍ଚେନ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସୁନୀତା ଦଣ୍ଡସେନା, ଆଇସିଏଆର ବରିଷ୍ଠ ବୈଜ୍ଞାନିକ ଡ. ଆର.କେ.ପଣ୍ଡା ସହ ଅନ୍ୟାନ୍ୟ ଅଧିକାରୀ ଏବଂ ମହିଳା ଓ ପୁରୁଷ ଚାଷୀ ମାନେ ଉପସ୍ଥିତ ଥିଲେ।ଲମତାପୁଟ ବ୍ଲକ ଅନ୍ତର୍ଗତ ତୁଷୁବା ପଞ୍ଚାୟତର ୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯିବ। ଚାଷୀ ମାନେ ଜଳ ଓ ମୃତ୍ତିକା ସଂରକ୍ଷଣ କିପରି କରିବେ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉକ୍ତ ପ୍ରକଳ୍ପ ମାଧ୍ୟମରେ ସଂପାଦକ ପ୍ରଭାକର ଅଧିକାରୀ କହିଛନ୍ତି। ଏହି ପ୍ରକଳ୍ପ ସଫଳତା ହାସଲ କଲେ ତୁଷୁବା ଏକ ଆଦର୍ଶ ପଞ୍ଚାୟତ ଭାବେ ପରିଗଣିତ ହେବ ବୋଲି ଆଶା ରଖାଯାଇଛି। କାର୍ଯ୍ୟକ୍ରମରେ ପିଡବ୍ଲୁସି ଇଣ୍ଡିଆ ଫାଉଣ୍ଡେସନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର କର୍ମକର୍ତ୍ତା ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ୪୦%ରୁ ଅଧିକ ଚାଉଳ ଫେରିପାଇନି ଯୋଗାଣ ବିଭାଗ

# ମଣ୍ଡି ଖୋଲୁନି,ଧାନର ଅଭାବୀ ବିକ୍ରି ଆରମ୍ଭ

ବିଷମ କଟକ,୩।୧୨(ସମିସ):

ଚଳିତ ଖରିଫ ଋତୁର ଅମଳ ସମୟ ଆସିଯାଇଥିବା ବେଳେ ସରକାର ଖରିଫ ଧାନ ମଣ୍ଡି ଆରମ୍ଭ କରି ଚାଷୀଙ୍କ ଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବା କଥା। ହେଲେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଗତ ଖରିଫ ଋତୁରେ କ୍ରୟକାରୀ ସଂସ୍ଥା ୧୫୭୩୭୧ କ୍ୱିଣ୍ଟାଲ ଧାନ କ୍ରୟ କରି ବ୍ଲକର ୧୨ଟି ଧାନ ମିଲକୁ କଷ୍ଟମ ମିଲିଙ୍ଗ ନିମନ୍ତେ ଧାନ ପ୍ରଦାନ କରିଥିଲେ। ମିଲର ମାନେ ସେପ୍ଟମ୍ବର ମାସ ଶେଷ ସୁଦ୍ଧା ସମସ୍ତ ଚାଉଳ ଯୋଗାଣ ବିଭାଗ ଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଚୁକ୍ତି ମଧ୍ୟ କରିଥିଲେ। ହେଲେ ଚାଉଳ ରଖିବାକୁ ଗୋଦାମ ଅଭାବ ଥିବା ବିଭାଗ ଦର୍ଶାଇ ମିଲର ମାନଙ୍କ ଠାରୁ ଚାଉଳ ଗ୍ରହଣ କଲା ନାହିଁ। ବର୍ତ୍ତମାନ ଚାଉଳ ଗ୍ରହଣ ଅବଧିକୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଢାଇଛି ବିଭାଗ। ବିଷମ କଟକ ବ୍ଲକରେ ବର୍ତ୍ତମାନ ସୁଦ୍ଧା ବ୍ଲକର ୧୨ଟି ମିଲ ସମୁଦାୟ ୫୭୫୯୬ କ୍ୱିଣ୍ଟାଲ ଚାଉଳ ବିଭାଗ ଗ୍ରହଣ କରିଥିବା ବେଳେ ଆହୁରି ୪୧୧୫୮ କ୍ୱିଣ୍ଟାଲ ଚାଉଳ ଗ୍ରହଣ କରିବାକୁ ବାକି ରହିଛି। ଡିସେମ୍ବର ଶେଷ ସୁଦ୍ଧା ବଳକା ଚାଉଳ ଫେରାଇବା ମିଲର ମାନଙ୍କ ପାଇଁ କାଠିକର ପାଠ। କାରଣ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ସମସ୍ତ ମିଲରେ ଶ୍ରମିକ ଅଭାବ ଦେଖାଦେଇଛି। ତେଣୁ ଚାଉଳ ପ୍ରଦାନ କରିବା ଅସମ୍ଭବ ବୋଲି ମିଲର ମାନେ ପ୍ରକାଶ କରୁଛନ୍ତି। ଅପରପକ୍ଷେ ମିଲର ମାନେ ସରକାରଙ୍କ ପାଖରୁ ନେଇଥିବା ଧାନ ମିଲରେ ଗଚ୍ଛିତ ରହିଥିବାରୁ ଚଳିତ ଖରିଫ ଋତୁରେ ପୁଣି କଷ୍ଟମ ମିଲିଙ୍ଗ ନିମନ୍ତେ ଧାନ ନେବା ସମ୍ଭବପର ହେବନାହିଁ। ଅପର ପକ୍ଷେ ସଂପୂର୍ଣ୍ଣ ଚାଉଳ ପ୍ରଦାନ କରିଥିବା ମିଲର ମାନେ ହିଁ ଆଗାମୀ କଷ୍ଟମ ମିଲିଙ୍ଗ ଚୁକ୍ତିନାମା ସ୍ୱାକ୍ଷର କରିବା ନିମନ୍ତେ ଯୋଗାଣ ବିଭାଗ ଠାରୁ ଅନୁମତି ପାଇ ଆସୁଥିଲେ। ହେଲେ ଚଳିତ ବର୍ଷ ବିଭାଗ ନିୟମିତ ବ୍ୟବଧାନରେ ମିଲର ମାନଙ୍କ ଠାରୁ ଚାଉଳ ଗ୍ରହଣ କରିନଥିଲା। ଯାହାଫଳରେ ମିଲର ବିଭାଗକୁ ଚାଉଳ ବକେୟ ରହିଗଲା। ଏତେ କମ୍ ସମୟ ସୀମା ଭିତରେ ଚାଉଳ ପ୍ରଦାନ କରିପାରିନଥିବା ମିଲର ମାନଙ୍କୁ ଆଗାମୀ କଷ୍ଟମ ମିଲିଂରେ ଭାଗ ନେବାକୁ ଚୁକ୍ତିନାମା ସ୍ୱାକ୍ଷାର କରାଯିବ କି ନାହିଁ ସେ ନେଇ ମିଲ ମାଲିକ ମାନେ ସନ୍ଦେହ ପ୍ରକଟ କରିଛନ୍ତି। ମିଲର ବିନା ଚୁକ୍ତିନାମାରେ ବିଷମ କଟକ ବ୍ଲକରେ ଧାନମଣ୍ଡିରେ ଧାନ



କିଣା ସମ୍ଭବ ନାହିଁ। ବର୍ତ୍ତମାନ ନଭେମ୍ବର ମାସ ଶେଷ ହୋଇଥିବା ବେଳେ ଚଳିତ ଡିସେମ୍ବର ମାସ ୧୭ରେ ମଣ୍ଡି ଖୋଲା ଯିବାକୁ ଅଛି। ଅନ୍ୟପଟେ କ୍ରୟକାରୀ ସଂସ୍ଥା ନିକଟରେ ଚାଷୀଙ୍କ ଧାନ କିଣି ଗଚ୍ଛିତ ରଖିବା ନିମନ୍ତେ ଗୋଦାମ ଗୃହ ନାହିଁ। ବିଗତ ଦିନ ମାନଙ୍କରେ ମିଲର ମାନେ କଷ୍ଟମ ମିଲିଙ୍ଗ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର କଲା ପରେ ଯାଇ ମଣ୍ଡିରେ ଧାନ ଆରମ୍ଭ କରାଯାଉଥିଲା। ଯେହେତୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଉଳ ହସ୍ତାନ୍ତର ଅବଧି ବଢେଇ ଦିଆଯାଇଛି। ସେ ପର୍ଯ୍ୟନ୍ତ ଯଦି କଷ୍ଟମ ମିଲିଙ୍ଗ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର ହେବ ନାହିଁ, ତେବେ ଧାନ କିଣା ବାଧାପ୍ରାପ୍ତ ହେବ ଏବଂ ଏହାର ସିଧା ପ୍ରଭାବ ପଡିବ ନିରୀହ ଚାଷି ମାନଙ୍କ ଉପରେ। ଡିସେମ୍ବର ମାସ ଶେଷ ସୁଦ୍ଧା ବିଷମ କଟକ ବ୍ଲକ ଅଞ୍ଚଳ ସମସ୍ତ ଧାନ ଚାଷୀ ସେମାନଙ୍କ ଫସଲ ଅମଳ କରିସାରବେ। ଧାନ ସଂଗ୍ରକ୍ଷଣ ନିମନ୍ତେ ଗୋଦାମ ଗୃହର ଅଭାବ ସାଙ୍ଗକୁ ଲଘୁଚାପ ଜନିତବର୍ଷା ଚାଷୀଙ୍କୁ ଅଭାବୀ ବିକ୍ରି କରିବାକୁ ବାଧ କରିବ । ଚାଷୀ ଖଳାରେ ଧାନ ରଖିଥିବା ବେଳେ ଧାନ ବେପାରୀ ଏବେ ଗାଁ ମୁହାଁ ହୋଇଛନ୍ତି। ଚାଷୀଙ୍କୁ ପାଖରେ ଧାନ ରଖିବା ପାଇଁ ଜାଗା ନଥିବାରୁ କ୍ୱିଣ୍ଟାଲ ପିଛା ୨ ହଜାରେ ଟଙ୍କାରେ ବେପାରିଙ୍କୁ ବିକ୍ରି କରୁଥିବା ଜଣା ପଡିଛି। ଗୋଟିଏ ପଟେ ମଣ୍ଡି ତୁରନ୍ତ ନ ଖୋଲିବା ଚାଷୀଙ୍କୁ ଚିନ୍ତା ପକାଇ ଦେଇଥିବା ବେଳେ ଅନ୍ୟପଟେ ଧାନର ଅଭାବୀ ବିକ୍ରି ଶିକାର ହେଉଛନ୍ତି। ତୁରନ୍ତ ଏଥି ପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଧାନ ମଣ୍ଡି ଖୋଲି ଚାଷୀଙ୍କ ଧାନ କିଣା ପକ୍ରିୟା ଆରମ୍ଭ କରିବାକୁ ଦାବି ହେଉଛି ।

# ଟେନିସ୍ ବଲ୍ କ୍ରିକେଟ୍‌ରେ ଓଡ଼ିଶା ଟିମ୍‌ରେ ବିନା ଗଣ୍ଡ

ଉମରକୋଟ/ରାଇଘର,୩।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବର୍ଷ ର କଳା ବିଭାଗ ର ଛାତ୍ରୀ ବିନା ଗଣ୍ଡ ଟେନିସ ବଲ କ୍ରିକେଟରେ ଓଡ଼ିଶା ଟିମ୍ ରେ ସ୍ଥାନ ପାଇଛନ୍ତି। ଆସନ୍ତା ୧୮ ରୁ



୨୧ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆଗ୍ରା ଠାରେ ଅନୁଷ୍ଠିତ ହେବାକୁ ଥିବା ୩୩ ତମ ଜୁନିୟର ଜାତୀୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ପାଇଁ ଓଡ଼ିଶା ରୁ ୧୪ ଜଣ କ୍ରୀଡାବିତ୍ ଏହି ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇ ଥିବା ବେଳେ ନବରଙ୍ଗପୁର ଜିଲ୍ଲାରୁ ହିଁ ୩ କ୍ରୀଡ଼ାବିତ୍ ମନୋନୀତ ହେଇଛନ୍ତି। ସେଥି ମଧ୍ୟରୁ ବିନା ଜଣେ। ରାଜ୍ୟ ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ସିଥିଲ କୁମାର ପଣ୍ଡା ନବରଙ୍ଗପୁର ଜିଲ୍ଲା ସଭାପତିଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ଖବର ପହଞ୍ଚିବା ପରେ କଲେଜ ଅଧ୍ୟାପକ , ଅଧ୍ୟାପିକା କର୍ମଚାରୀ ଓ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଖୁସୀ ର ଲହରୀ ଖେଳି ଯାଇଛି। ଅଧ୍ୟକ୍ଷ ପରୀକ୍ଷିତ ସାହୁ, ଇଂରାଜୀ ଅଧ୍ୟାପକ ଡକ୍ଟର ଦିନବନ୍ଧୁ ନନ୍ଦୀ , ଅର୍ଥନୀତି ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ରାଜନୀତି ବିଜ୍ଞାନ ଅଧ୍ୟାପକ କିଶୋର କୁମାର ପାଲ, ବାଣିଜ୍ୟ ବିଭାଗ ର ଅଧ୍ୟାପକ ଦିବାକର ଚନ୍ଦ୍ର ଦେ ଓ ଜଗଦୀଶ ପଟ୍ଟନାୟକ, କ୍ରୀଡ଼ା ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ରୁକ୍ମିଣୀ ଟାକ୍ରି, ଗ୍ରନ୍ଥାଗାର ସତ୍ୟନାରାୟଣ ନାୟକ, ଦିଲୀପ କୁମାର ପଦାର, ପ୍ରଲିଭା ଭୁୟା,ଶକ୍ତି ଜେନା, ସଦାରାମ କେଉଁଟ, ବୁଦ୍ଧେଶ୍ୱର ମଣ୍ଡଳ ,ଭବାନୀ ପନକା ଓ ବିଭୀଷଣ ଗଣ୍ଡ ପ୍ରମୁଖ କର୍ମଚାରୀ ବିନା ଗଣ୍ଡଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ୱାକର୍ସ କ୍ଲବ୍‌ରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



ରାୟଗଡ଼ା, ୩।୧୨(ସମିସ): ୱାକର୍ସ କ୍ଲବ୍ ରାୟଗଡାରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ କ୍ଲବର ଉପଦେଷ୍ଟା ସତ୍ୟବାଦୀ ପତିଙ୍କ ଉପସ୍ଥିତିରେ ସଭାପତି ଦାଶରଥି ରାଜଗୁରୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ଅଶୋକ କୁମାର ଭୋଇ, ଆଞ୍ଚଳିକ ଅଧିକାରୀ, ଷ୍ଟେଟ ପଲ୍ୟୁସନ ନିୟନ୍ତ୍ରଣ ବୋର୍ଡ, ରାୟଗଡା ଯୋଗ ଦେଇ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ ଉଦ୍ଦେଶ୍ୟ ଓ ଭୋପାଳ ଗ୍ୟାସ ଲିକ୍‌କୁ ମନେ ପକେଇ ଭବିଷ୍ୟତରେ ଏପରି ଅଘଟଣକୁ ଏଡାଇବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପକ ସାହୁ, ଇଞ୍ଜିନିୟର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା ପ୍ରଦୂଷଣ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ଅତିଥି କୁଳଦୀପ କୁମାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ ରାୟଗଡା ସହର ସଫାସୁତାରା ରଖିବା ସହିତ ସହରର ବ୍ୟର୍ଯ୍ୟବସ୍ତୁକୁ ରିସାଇକ୍ଲିଂ କରୁଥିବା ପ୍ରକାଶ କରିବା ସହିତ ସହରକୁ ସରସ ସୁନ୍ଦର କରିବା ଏବଂ ପ୍ରେମ ପାହାଡ଼କୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଯୋଜନା ଥିବା ପ୍ରକାଶ କରିଥିଲେ। ସମସ୍ତ ଜନ ସଚେତନତା କାର୍ଯ୍ୟକ୍ରମରେ ୱାକର୍ସ କ୍ଲବକୁ ସାମିଲ୍ କରିବା ପାଇଁ ଟି ଜୟରାମ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ବୈଠକରେ କ୍ଲବର ସଭ୍ୟ କିଶୋର ପଣ୍ଡା, ସୁବାସ ରଥ, ମ୍ୟୁନିସିପାଲିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ପରିଚାଳନାରେ ରାଜେନ୍ଦ୍ର ସାହୁ, ଗୋପାଳ ଜୈନ, ଜଳନ୍ଧର ପୁସିକା, କେ ରାମା ରାଓ, ଲାଲବିହାରୀ ଲେଙ୍କା ସହଯୋଗ କରିଥିବା ବେଳେ ଶେଷରେ ସମ୍ପାଦକ ରାଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତା ଉଦ୍‌ଘାଟିତ

କୋରାପୁଟ,୩।୧୨(ସମିସ): 'ପରବ ୨୦୨୫' ପାଳନ ଉପଲକ୍ଷେ ସ୍ଥାନୀୟ ପୌରପାଳିକା ଜିମ୍‌ଠାରେ ଜିଲ୍ଲାସ୍ତରୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇ ଦିନ ଧରି ଚାଲିବ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମୁଦାୟ୩୦ଜଣ ମହିଳା ଏବଂ ୮୦ଜଣ ପୁରୁଷ ଭାଗ ନେଇଥିବା ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରକାଶ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ଅପହରଣ ଓ ଧର୍ଷଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ରାୟଗଡ଼ା,୩।୧୨(ସମିସ): ରାୟଗଡ଼ା ସହରର ବହୁ ଚର୍ଚ୍ଚିତ ଅପହରଣ ଓ ଧର୍ଷଣ ମାମଲାରେ ଆଜି ଜଣେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛି। ମିଳିଥିବା ସୂଚନା ପ୍ରକାରେ , ଗତ ୨୦୧୯ ମସିହା ଅକ୍ଟୋବର ୨୨ ତାରିଖରେ ରାୟଗଡ଼ାର ମଙ୍ଗଳା ମନ୍ଦିର ନିକଟରେ ହୋଇଥିବା ଘଟଣାଟିକୁ ବିଚାରକୁ ନେଇ ଆଜି ରାୟଗଡ଼ା ଅତିରିକ୍ତ ଜିଲ୍ଲା ଜଜ୍ (ପକ୍‌ସୋ) ଶ୍ୱେତା ମିଶ୍ର ୧୦ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ରବିଶ୍ୱର ପୁଆଲାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଝିଅକୁ ଅପହରଣ ଓ ଧର୍ଷଣ କରାଯାଇଥିବା ନେଇ ରାୟଗଡା ଥାନାରେ ତାଙ୍କ ବାପା ମା' ଏତଲା ଦେବା ପରେ ଏତଲାକୁ ଭିତ୍ତି କରି ପୁଲିସ ତଦନ୍ତ କରି ଅଭିଯୁକ୍ତ ରବିଶ୍ୱରକୁ କୋର୍ଟ ଚାଲାଣ କରିଥିଲେ। ରାୟଗଡ଼ା ଏଡିଜେ ପକସୋ କୋର୍ଟ ମାମଲା ଟିଆର ସଂଖ୍ୟା- ୫୫ / ୨୦୧୯ ମୁତାବକ ମାମଲାର ବିଚାରଣା କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱେଶାଇ ପିପି ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ଙ୍କ ତରଫରୁ ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ଲକ୍ଷ୍ମୀପୁର,୩।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୂର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଯୁକ୍ତ ତିନି ଓ ଯୁକ୍ତ ଦୁଇ ବିଭାଗରେ ଏହା ପୃଥକ ପୃଥକ ଭାବେ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ଓ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ମୁଦୁଲି ଛାତ୍ର ଛାତ୍ରୀମାନଙ୍କୁ ଏଡସ୍ ରୋଗ ବିଷୟରେ ସମ୍ପୂର୍ଣ୍ଣ ଭାବେ ବୁଝାଇ ଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ମହିମାରାଣି ରାଜୁ ଓ ଇତିହାସ ବିଭାଗର ଅଧ୍ୟାପିକା ସଙ୍ଗୀତା ନାଗ ଏବଂ ଅର୍ଥନୀତି ବିଭାଗର ଅଧ୍ୟାପକ ରମାକାନ୍ତ ଖରା ଏଚଆଇଭି ଏଡସ କାହିଁକି ଓ କିପରି ହୋଇଥାଏ ଏବଂ ଏହାର ପ୍ରଭାବ କ'ଣ ଏବଂ ସଚେତନତା ହିଁ ଏହାର ନିରାକରଣ ବୋଲି ନିଜ ନିଜ ବକ୍ତବ୍ୟ ସହ ସୁରକ୍ଷିତ ରହିବାକୁ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଜେ କେ ପଟ୍ଟନାୟକ, ଅଙ୍କିତା ୱାଡେକା, ଅଧ୍ୟାପକ ବବଲୁ ବେନ୍ୟା, ଆମ୍ରି ହିକକା, ଏଙ୍କେଶ ଖୋରା, କୃଷ୍ଣଚନ୍ଦ୍ର ବିଶୋଇ, ଏକାଦଶ ଟାକ୍ରୀ ହରିଶ୍ ଚନ୍ଦ୍ର ବିଶୋଇ, ଭଜରାଜ୍ ବିଶୋଇ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରି ଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ





କୋରାପୁଟ,୩।୧୨(ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଅନ୍ତର୍ଗତ ଯୁବ ରେଡକ୍ରସ୍ , ରେଡ୍ ରିବନ କ୍ଲବ୍ ତଥା ମହାବିଦ୍ୟାଳୟର ଶକ୍ତିଶ୍ରୀ ଗୋଷ୍ଠୀ ଆନୁକୂଲ୍ୟରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାର ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ। ମୁଖ୍ୟ ଅତିଥି ଭାବରେ ଡିଏସ୍ଆର୍‌ସି ଡକ୍ଟର ମନୋଜ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏ ନେଇ ସଚେତନ କରିଥିଲେ। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଆଇସିଟିସିର କାର୍ଯ୍ୟକର୍ତ୍ତା ଯଶସ୍ୱିନୀ ରଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା କୋରାପୁଟ ଯୁବ ରେଡକ୍ରସ ଜିଲ୍ଲା କାର୍ଯ୍ୟକାରିଣୀ ସଂପାଦକ ଡ. ଲୋପାମୁଦ୍ରା ସ୍ୱାଇଁ, ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଏଡ୍‌ସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଅନ୍ୟତମ କାଉନ୍ସେଲର ଡ. ଦିଲ୍ଲରାଜ ପୁଭାଲା ସଭାକୁ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଡ. ସୁଶୀଲ କୁମାର ଗଡ଼ନାୟକ, ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଡ.ବ୍ରହ୍ମଚାରୀ ଖମାରୀ, ଡ. ଲହରୀ ବେହେରା, କାଞ୍ଚନ ତାଣ୍ଡି, ରଶ୍ମି ସରକାର, ଶୁଭମ କୁମାର ସାହୁ, ସତ୍ୟନାରାୟଣ ସାହୁ, ସମୀନା ପରବୀନ, ପ୍ରଶାନ୍ତ ସାନ୍ତରା, ଜାହ୍ନବୀ ଦୋରାଙ୍କ ସମେତ ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ୍ର ସମସ୍ତ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ତଥା ଶକ୍ତିଶ୍ରୀ ସଂଯୋଜିକା ଡ. ଶୁଭଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟୁ ସ୍ୱାସ୍ଥ୍ୟସେବା ପାଇଁ ପହଞ୍ଚିଲେ ଡାକ୍ତରୀ ଦଳ

ମାଲକାନଗିରି, ୩।୧୨(ସମିସ): ମାଲକାନଗିରି ଜିଲ୍ଲାରେ ତିନି ମାସ ପରେ ପୁଣି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ସୁବିଧା ମିଳିଛି ରୋଗୀଙ୍କୁ। ମାଲକାନଗିରି ଜିଲ୍ଲା ବିମାନ ବନ୍ଦରରେ ଏନେଇ ଏକ ସ୍ୱତନ୍ତ୍ର ବିମାନ ଯୋଗେ ପାଞ୍ଚଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ପହଞ୍ଚି ଥିଲେ। ସମସ୍ତ ଡାକ୍ତର ଏସିବି ମେଡିକାଲରୁ ଆସିଥିବା ବେଳେ ଏମାନେ ଗୁରୁତର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବେ ବୋଲି ମାଲକାନଗିରି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ କହିଛନ୍ତି। ଆଜି ଠାରୁ ୪ଦିନ ପର୍ଯ୍ୟନ୍ତ ଏହି ୫ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ରୋଗୀ ସେବା ଦେବେ। ଏଥିପାଇଁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। କଟକ ଏସିବି ମେଡ଼ିକାଲରୁ ନ୍ୟୁରୋଲୋଜି, କାର୍ଡିଓଲୋଜି, ଗ୍ୟାଷ୍ଟ୍ରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି ଏବଂ ଅନାସ୍ଥାସିଆ ବିଭାଗର ୫ ସୁପର ସ୍ପେସଲିଷ୍ଟ ଡାକ୍ତର ରୋଗୀଙ୍କ ସେବାରେ ଲାଗିଛନ୍ତି। ଜିଲ୍ଲାରେ ଏଭଳି ଉତ୍ତମ ମାନର ରୋଗୀ ସେବା ପାଉଥିବାରୁ ଜିଲ୍ଲା ବାସୀ ବେସ ଖୁସି ଜାହିର କରିଛନ୍ତି।

# ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ରାୟଗଡ଼ା, ୩।୧୨(ସମିସ): ଓଡିଶା ସୂଚନା ସେବା ନିୟମ ୨୦୨୨ ଅନୁଯାୟୀ ରାଜ୍ୟ ସରକାର ଗତ ନଭେମ୍ବର ୨୫ ତାରିଖରେ ୩୯ ଜଣ ପ୍ରାର୍ଥୀଙ୍କୁ ଓଡିଶା ସୂଚନା ସେବା କ୍ୟାଡର ଅଧୀନରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ (ଏସଡିଆଇପିଆରଓ) ଭାବରେ ନିଯୁକ୍ତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ ଦେବରାଜ ଟାକ୍ରି, ଓଆଇଏସ୍ ଆଜି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏସଡିଆଇପିଆରଓ ଶ୍ରୀ ଟାକ୍ରିଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହି ଅବସରରେ ଡିଆଇପିଆରଓଙ୍କ କାର୍ଯ୍ୟାଳୟର କିରାଣୀ ମାନସ ସାହୁ, ଗ୍ରନ୍ଥାଗାରିକ ଡମ୍ବୁରୁଧର ପଣ୍ଡା, ଷ୍ଟେନୋ କୁମୁଦିନୀ ନିଶାଳଙ୍କ ସମେତ ଅନ୍ୟ କର୍ମଚାରୀ ଏବଂ ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଜଳନ୍ଧର ପୁଶିକା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦୁଲୁକିଲା କୁନ୍ଦୁରା ଲୋକ ମହୋତ୍ସବ 'ପରବ'



କୁନ୍ଦୁରା,୩।୧୨ (ସମିସ): କୁନ୍ଦୁରା ଠାରେ ବ୍ଲକ ସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। କୋରାପୁଟିଆ ନୀତି ନିୟମ ଅନୁସାରେ କୁନ୍ଦୁରା ବ୍ଲକ ପ୍ରଶାସନ, କଳାକାର ସଙ୍ଘ, ବୁଦ୍ଧିଜିବି, ଲୋକ ପ୍ରତିନିଧିଙ୍କ ଦ୍ୱାରା ବାଜା ବଜାଇ ପଟୁଆର ସହ ସ୍ଥାନୀୟ ବୁଢ଼ୀଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ସମୟରେ ଆଣି ରଖାଯାଇଥିବା ମଶାଲ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ସମସ୍ତେ ମଶାଲ ଧରି ପରବ ଅନୁଷ୍ଠିତ ହେଉଥିବା ଶାସ୍ତ୍ରୀ ମୈଦାନ ଠାରେ ପହଞ୍ଚିଥିଲେ। 'ପରବ'କୁ ନେଇ ରଚିତ ଆଦିବାସୀ ପ୍ରାରମ୍ଭିକ ସଂଗୀତ 'କୋରାପୁଟ ଆମ ଗର୍ବ' କୁ ନେଇ ଶିଶୁ ମନ୍ଦିର ଛାତ୍ରୀମାନେ ଗାନ କରିଥିଲେ। ଏହି ମଞ୍ଚରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପରବ ସଭାପତି ବିଡ଼ିଓ ପି ମନସ୍ୱିତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତରୁଣୀସେନ ବିଷୋୟୀ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମପି ପ୍ରତିନିଧି ଅମ୍ବୁ ପାତ୍ର,ବେଣୁଧର ପାତ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ବିଭିନ୍ନ ସମାଜ ସଭାପତି,ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକ, ତହସିଲଦାର ବିନୋଦ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବିଭିନ୍ନ ଷ୍ଟଲ ଗୁଡିକର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଶତାୟୁ ପୁରୁଷ ପୁରୋହିତ ପର୍ଶୁରାମ ଷଡ଼ଙ୍ଗୀ, ଜଗନ୍ନାଥ ପ୍ରହରାଜ ରାଜଗୁରୁ, ମାଣ୍ଡିଆରାଣୀ ଡ଼ ରାଇମତି ଘିଉରିଆ,ନାଟ୍ୟକାର ସତ୍ୟନାରାୟଣ ମିଶ୍ର, ଗୀତ କୁଡ଼ିଆଣୀ ଚନ୍ଦ୍ରମା ବାଲିଆ, ଆଦିବାସୀ ସଂସ୍କୃତି ଗବେଷକ ଏବଂ ସାହିତ୍ୟିକ ଡ଼ ରାଜେନ୍ଦ୍ର ପାଢ଼ୀ ଏବଂ ସାମାଜିକ ନାଟକ ନିର୍ଦ୍ଦେଶକ ହରିହର ପ୍ରଧାନଙ୍କୁ କୁନ୍ଦୁରା ବ୍ଲକ ପରବ ସମ୍ମାନରେ ସମ୍ମାନିତ କରାଯାଇଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ପରବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି।ଏଠାରେ ବିଚାରକ ମଣ୍ଡଳୀ ଦାୟିତ୍ୱ ରେ ରହିଥିବା ଗୋକୁଳ ପଟ୍ଟନାୟକ, ସଦନ ମୁଦୁଲି, ରାଜେଶ ଗୁରୁ, ସୁରେନ୍ଦ୍ର ପରଜାଙ୍କୁ ସମ୍ମାନିତ କରିଛି ପରବ କମିଟି। ଅନ୍ୟ ମାନଙ୍କ ମଧ୍ୟରେ ତୁଷାର ଭଟ୍ଟ, ଶିବ ପ୍ରଧାନୀ, ଗୁପ୍ତ ହରିଜନ, ଗୁପ୍ତ ନାୟକ, ଜଗତ ସିଂ ମାଝି, ମୁରଲୀ ଧର ହେସା, ବସନ୍ତ ଭୋଳ, ଶରତ ପଟ୍ଟନାୟକ, ଗୌରାଙ୍ଗ ମାଝି,ଅଶୋକ ମହାରଣା, ଅରବିନ୍ଦ ବାରିକ, ଅଗଷ୍ଟିନା ମିଶାଲ ଏବଂ ଦେବେନ୍ଦ୍ର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

# ବିଶ୍ୱ ଏଡସ୍ ସଚେତନତା ଶୋଭାଯାତ୍ରା

ପଦ୍ମପୁର, ୩।୧୨ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ୍ ଆଣ୍ଡ ହେଲଥ୍ ସାଇନ୍ସ ତରଫରୁ ସଭାପତି ସ୍ୱାଗତ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ସଭା ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ଋତୁପୂର୍ଣ୍ଣା ପଟନାୟକ ଓ ମୁଖ୍ୟବକ୍ତା ଭାବେ କଲେଜର ସିଇଓ ଅନୀତା ମିଶ୍ର ଅଂଶଗ୍ରହଣ କଲେ। ସଭାରେ ଡ଼ାକ୍ତର ଋତୁପୂର୍ଣ୍ଣ ୨୦୩୦ ସୁଦ୍ଧା ବିଶ୍ୱକୁ କିପରି ଏଡସ୍ ମୁକ୍ତ କରାଯାଇପାରେ ସେ ବିଷୟରେ ଦିଗଦର୍ଶନ ପ୍ରଦାନ କରିଲେ। ସିଇଓ ଅନୀତା ମିଶ୍ର ରୋଗୀକୁ ଘୃଣା କରନ୍ତୁ ନାହିଁ, ରୋଗକୁ ଘୃଣା କରନ୍ତୁ ବୋଲି ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଥିଲେ।"କାର୍ଯ୍ୟକ୍ରମକୁ ସଫଳ କରିବାରେ ତ୍ରିବେଣୀ ଜି.ଏନ.ଏମ ମହାବିଦ୍ୟାଳୟର ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ, ସିଏଓ ରଞ୍ଜନ ସାହୁଙ୍କ ସମେତ କଲେଜ ଅଧ୍ୟାପକ ଓ ଅଧ୍ୟାପିକା ବିକାଶ କୁମାର, କୁମୁଦିନୀ ସହଯୋଗ କରିଥିଲେ। ତ୍ରିବେଣୀ ବିଜ୍ଞାନ କଲେଜ ଅଧ୍ୟକ୍ଷ ପ୍ରଶାନ କୁମାର କାର୍ଜି, ମୁଖ୍ୟ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଛା ଏବଂ ତ୍ରିବେଣୀ କଳା ବିଭାଗର ଅଧ୍ୟକ୍ଷ ଅନୀତା ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସନ ସାଇନ ସ୍କୁଲ ତରଫରୁ ପ୍ରିନସିପାଲ ମନ୍ମଥ ଲିମାଙ୍କ ସମେତ କର୍ମକର୍ତ୍ତାମାନେ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ସଚେତନତା ଶୋଭାଯାତ୍ରା ତ୍ରିବେଣୀ ଜି.ଏନ.ଏମ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ପ୍ରଚାର କରାଗଲା। ତ୍ରିବେଣୀ କଲେଜର ଉପ-ଅଧ୍ୟକ୍ଷ ଗୋପାଳ କୃଷ୍ଣ ଦାମୋଦର ମଞ୍ଚ ପରିଚାଳନା କରି ଧନ୍ୟବାଦ ଜାଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ।

## ବନ୍ଧୁଗାଁ ବ୍ଲକ୍‌ସ୍ତରୀୟ 'ପରବ' ଉଦ୍‌ଯାପିତ



ବନ୍ଧୁଗାଁ, ୩।୧୨(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ସ୍ତରୀୟ 'ପରବ ୨୦୨୫' ଉଦ୍‌ଯାପିତ ହୋଇଯାଇଛି । ଗୋଷ୍ଠି ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କ ତତ୍ତ୍ୱାବଧାନରେ ଓ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକାଙ୍କ ସଭାପତିତ୍ୱରେ ଆୟୋଜିତ ପରବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପବିତ୍ର ସାଉନ୍ତା ଓ ମୁଖ୍ୟ ବକ୍ତା ଭାବେ ସସ୍ମିତା ମେଲେକା ଉପସ୍ଥିତ ହୋଇଥିଲେ । ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ନାରାୟଣପାଟଣା ବ୍ଲକ ଅଧ୍ୟକ୍ଷ ଗୋଲଦି ତ୍ରିନାଥ, କଂଗ୍ରେସ ଜିଲ୍ଲା ସଭାପତି ରୂପକ ତୁରୁକ୍, ସାଂସଦ ପ୍ରତିନିଧି ଲକ୍ଷଣ ଖସ୍ଲା, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡିକା, ବିଜେଡି ବ୍ଲକ ସଭାପତି ବାଲା ନାଗ, ବିଜେପି ଜିଲ୍ଲା ଉପ ସଭାପତି ସରତ ପାତ୍ର , ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କଂଗେସ ଯୁବ ସଭାପତି ମଣି ଖୋରା, କଂଗ୍ରେସ ବ୍ଲକ ସଭାପତି ଡି ଏଙ୍କାଟି, ବିଜେପି ମଣ୍ଡଳ ସଭାପତି ବିଜୟ ରୁଙ୍କାନା, ଜିତେନ୍ଦ୍ର ପିଡ଼ିକା, ଏଇଇ ସୌରବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାଦ୍ୟ ଓ ନୃତ୍ୟର ତାଳେ ଜଗନ୍ନାଥ ମନ୍ଦିରରୁ ପୂଜା ଅର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା କରି ମିନି ଷ୍ଟାଡିୟମ ପଡ଼ିଆରେ ପହଞ୍ଚି ଥିଲା । ବ୍ଲକର ୧୩ଟି ପଞ୍ଚାୟତର ଲୋକେ ଏଥିରେ ସାମିଲ ହୋଇଥିଲେ । 'ପରବ' ମଞ୍ଚରେ ୫ ହଜାରରୁ ହଜାରରୁ ଅଧିକ ଲୋକ ପାରମ୍ପରିକ ନୃତ୍ୟର ମଜା ଉଠାଇଥିଲେ । 'ପରବ' ମଞ୍ଚ ଅତି ସୁନ୍ଦର ଭାବରେ ସାଜସଜା ହୋଇଥିବାରୁ ସମସ୍ତ ମୁଖ୍ୟ ଅତିଥି ଓ ଦର୍ଶକ 'ପରବ ୨୫' ଜିଲ୍ଲାରେ ଏକ ନମ୍ବର ହେବ ବୋଲି କହିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଶେଷରେ ବ୍ଲକ ଉପାଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ ।

## ମା' ଗାଙ୍ଗେଶ୍ୱରୀଙ୍କ ନୂତନ ମନ୍ଦିରର ଗର୍ଭମୁଦ ସ୍ଥାପନ

ପଟ୍ଟାଙ୍ଗି, ୩।୧୨(ସମିସ): ପଟ୍ଟାଙ୍ଗି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଗାଙ୍ଗେଶ୍ୱରୀଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁଛି । ଆଜି ମନ୍ଦିରର ଶୀର୍ଷରେ ଗର୍ଭ ମୁଦ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଚମ୍ପି ଗ୍ରାମର ପୁରୋହିତ ପଣ୍ଡିତ ଅରୁଣ କୁମାର ରଥ ପୂଜକ ଭାବେ ଯୋଗଦାନ ଦେଇ ପୂଜା କାର୍ଯ୍ୟ ପରିଚାଳନ କରିଥିଲେ । ପୂଜା ସ୍ଥାନରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରତାପ ଚୌଧୁରୀ ଏବଂ ମନ୍ଦିର ନିର୍ମାଣ ତତ୍ତ୍ୱାବଧାନରେ ରହିଥିବା ଏସ ଭେଙ୍କେଟ ଯଜମାନ ଭାବେ ବସିଥିଲେ । ପୂଜାକାର୍ଯ୍ୟ ଶେଷ କରିବା ପରେ ମା'ଙ୍କ ନିକଟରୁ ଆଜ୍ଞା ମାଳ ଅଣାଯାଇ ଗର୍ଭମୁଦ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପଥର ନିର୍ମିତ ଗର୍ଭ ମୁଦ ଗୁଡ଼ିକୁ କ୍ରେନ୍ ସାହାଯ୍ୟରେ ମନ୍ଦିର ଉପରେ ରଖାଯାଇଥିଲା । ଏହାପରେ କାରିଗର ମାନେ ଉକ୍ତ ଗର୍ଭମୁଦ ଗୁଡ଼ିକୁ ମନ୍ଦିର ଉପରେ ପ୍ରତିଷ୍ଠା କରିଥିବା ଦେଖିବାକୁ ମିଳିଥିଲା । ଏହି ସମୟରେ ଶ୍ରଦ୍ଧାଳୁ ବୃନ୍ଦ ତଥା ଅଜୀତ ଚୌଧୁରୀ, ଏନ୍ ଲୋକେଶ୍ୱର ରାଓ, ନାଗେଶ୍ୱ ଚୌଧୁରୀ, ପୁଣ୍ଡରିକା ଚୌଧୁରୀ, ମାଧବ ପୂଜାରୀ, ମିର୍ଜା ବତ, ବାବୁନା ମହାପାତ୍ର, ଗୋରା ହନ୍ତାଳ, ଜି ଉମାମହେଶ୍ୱର୍ ରାଓ, ଶ୍ରୀନିବାସ ଚୌଧୁରୀ, ଗଦାଧର ବାରିକ, ରଣଜିତ ପାଣିଗ୍ରାହୀ, ଜି କୋଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ହେବାକୁ ଥିବା ରତ୍ନମୁଦ ପ୍ରତିଷ୍ଠା ଏବଂ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଅଞ୍ଚଳବାସୀ ଯୋଗଦାନ କରିବା ସହ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ନିମନ୍ତେ ପରିଚାଳନା କମିଟିର ସମ୍ପାଦକ ପ୍ରତାପ ଚୌଧୁରୀ ନିବେଦନ କରିଛନ୍ତି ।

## ରକ୍ତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ନବରଙ୍ଗପୁର, ୩।୧୨(ସମିସ): ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ନବରଙ୍ଗପୁର ଯୁବ ଗୋଷ୍ଠୀଙ୍କ ଦ୍ୱାରା ରକ୍ତଦାନ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସହରରେ ଦେଖାଯାଉଥିବା ରକ୍ତର ଅଭାବକୁ କିପରି ଦୂର କରାଯାଇପାରିବ ଏଥିପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ତ୍ରିପାଠୀ , ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା, ଅଧ୍ୟାପକ ଦିଲୀପ କୁମାର ହୋତା, ଏନ୍‌ସିସି ଅଧିକାରୀ ରହିମ ଖରା ଓ ଚିକିତ୍ସାଳୟ କର୍ମଚାରୀ ଆଦିତ୍ୟ ବିକ୍ରମ ତ୍ରିପାଠୀ, ଅଶୋକ ତ୍ରିପାଠୀ, ତାପସ ତ୍ରିପାଠୀ, ସତ୍ୟ ବେହେରା, ଆନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ବିଷୟରେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ମହାବିଦ୍ୟାଳୟ ଏବଂ ଏନ୍‌ସିସି ଛାତ୍ରଛାତ୍ରୀ ଭାଗ ନେଇଥିଲେ । ନବରଙ୍ଗପୁର ଜିଲ୍ଲାରେ ରକ୍ତ ଅଭାବକୁ କିପରି ଦୂର କରାଯାଇପାରିବ ସେ ନେଇ ସମସ୍ତ ଜିଲ୍ଲାବାସୀଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି, ଆଗାମୀ ଦିନରେ ସମସ୍ତ ଶିକ୍ଷାନୁଷ୍ଠାନରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି ବୋଲି ମହାବିଦ୍ୟାଳୟ କର୍ମଚାରୀ ରାଜନ୍ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଲୋକଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ସାଇବର ଠକେଇ: ଜଣେ ଗିରଫ



ମାଲକାନଗିରି, ୩।୧୨(ସମିସ): ଲୋକଙ୍କୁ ଗରିବ ପୁରୁଷ ଓ ମହିଳାଙ୍କ ପାଇଁ ସରକାରଙ୍କ ନୂଆ ଯୋଜନା ଆସିଥିବା କଥା କହି ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲି ଅଭିନବ ଉପାୟରେ ଅର୍ଥ ଠକେଇ କରିବା ଅଭିଯୋଗରେ ଜଣେ ଠକକୁ ବାନ୍ଧିଲା ମାଲକାନଗିରି ପୋଲିସ । ସୂଚନା ଅନୁଯାୟୀ, ୨୦୨୪ ମସିହାରେ ବୌଦ୍ଧ ଅଞ୍ଚଳରୁ ହରେଶ କୁମ୍ଭାର (୩୩) ନାମକ ଯୁବକ ମାଲକାନଗିରି ଥାନାସ୍ଥ କୁକୁଡ଼ାଗୁଡା ଗ୍ରାମକୁ ଆସିଥିଲେ । ନିରୀହ ଗ୍ରାମବାସୀଙ୍କୁ ପ୍ରଲୋଭିତ କରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା 'ସୁଭଦ୍ରା ଯୋଜନ' ଭଳି ନୂତନ ଯୋଜନା ଆରମ୍ଭ କରାଯାଇଛି ଏବଂ ପ୍ରତି ମାସରେ ସେମାନଙ୍କ ଆକାଉଣ୍ଟରେ ଦୁଇ ହଜାର ଟଙ୍କା ନଗଦ ଜମା ହେବ । ତେଣୁ ନୂଆ ଆକାଉଣ୍ଟ ଖୋଲି ନୂଆ ଫୋନ ନମ୍ବର ଦେବାକୁ ପଡିବ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୂତନ ଆକାଉଣ୍ଟ ଖୋଲିବା ପାଇଁ ଏବଂ ନୂତନ ସିମ୍ କାର୍ଡ ପାଇବା ପାଇଁ ଏକ ହଜାର ଟଙ୍କା ନଗଦ ନେଇଥିଲେ । ଅଭିଯୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗ୍ରାମବାସୀ ନୂତନ ସିମ୍ କାର୍ଡ କିଣିଥିଲେ । ବିଭିନ୍ନ ବ୍ୟାଙ୍କରେ ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ ଏବଂ ସମ୍ପୃକ୍ତ ଆକାଉଣ୍ଟରେ ନୂତନ ମୋବାଇଲ୍ ନମ୍ବର ପଞ୍ଜିକୃତ କରିଥିଲେ । କିଛି ଦିନ ପରେ ସେ ବ୍ୟକ୍ତି ଗ୍ରାମବାସୀଙ୍କଠାରୁ ଏକାଉଣ୍ଟ, ଏଟିଏମ, ସିମ୍‌କାର୍ଡ ଯାଞ୍ଚ କରାଯିବ କହିଥିଲେ ଏବଂ ଯାଞ୍ଚର ୧୫ଦିନ ପରେ ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇ ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ଏଟିଏମ କାର୍ଡ ଏବଂ ମୋବାଇଲ୍ ନମ୍ବର ଦେବାକୁ କହିଥିଲେ । ସରକାରଙ୍କ ଠାରୁ ଟଙ୍କା ପାଇବା ଆଶା ଓ ବିଶ୍ୱାସରେ ଗ୍ରାମବାସୀମାନେ ଅଭିଯୁକ୍ତ ହରେଶ କୁମ୍ଭାରଙ୍କୁ ବ୍ୟାଙ୍କ ଖାତା, ଏଟିଏମ କାର୍ଡ ଏବଂ ସିମ୍ କାର୍ଡ ଦେଇଥିଲେ । ଏହା ପରେ ହରେଶ ସେହି ଆକାଉଣ୍ଟଗୁଡ଼ିକୁ ବିହାରର ରାହୁଲ କୁମାର, ବିପିନ୍ କୁମାର, ଏବଂ ଦିବାକର କୁମାରଙ୍କୁ ହସ୍ତାନ୍ତର କରିଥିଲେ ଏବଂ ପ୍ରତ୍ୟେକ ଆକାଉଣ୍ଟ ପାଇଁ ୧୦ ହଜାର ଲେଖା ଟଙ୍କା ନଗଦ ପାଇଥିଲେ । ତା'ପରେ ଉକ୍ତ ଆକାଉଣ୍ଟ, ସିମ, ଏଟିଏମ କାର୍ଡ ଗୁଡ଼ିକୁ ବିଭିନ୍ନ ଠକେଇ କାରବାରରେ ବ୍ୟବହାର କରାଯାଇଥିଲା । ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଛି ଯେ ଅଭିଯୁକ୍ତ ବ୍ୟକ୍ତି ଆକାଉଣ୍ଟଧାରୀଙ୍କୁ କିଛି ଟଙ୍କା ଦେଇଛନ୍ତି, କିନ୍ତୁ ଆକାଉଣ୍ଟଧାରୀ ମାନେ ସରକାରଙ୍କଠାରୁ ଟଙ୍କା ପାଇଛନ୍ତି ବୋଲି ବିଶ୍ୱାସ କରିଛନ୍ତି । ସେମାନଙ୍କ ଆକାଉଣ୍ଟ ଦ୍ୱାରା ସାଇବର ଅପରାଧ ହେଉଥିବା ବିଷୟରେ ଜାଣିପାରି ନାହାନ୍ତି । ନିରୀହ ଲୋକଙ୍କୁ ନୂତନ ଆକାଉଣ୍ଟ ଖୋଲିବା ଓ ସେ ଗୁଡ଼ିକୁ ସାଇବର ଅପରାଧ ପାଇଁ ବିହାରର ଅପରାଧୀଙ୍କ ନିକଟକୁ ପଠାଇବା ଅଭିଯୋଗରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାସ୍ଥ ଖଲିଆପାଲି ଗ୍ରାମର ହରେଶ କୁମ୍ଭାର (୩୩)ଙ୍କୁ ମାଲକାନଗିରି ଆଦର୍ଶ ଥାନାର ସ୍ୱତନ୍ତ୍ର ପୁଲିସ ଟିମ ଯାଇ ଗିରଫ କରି କୋର୍ଟ ଚାଲାଣ କରିଛି । ମାଲକାନଗିରି ଜିଲ୍ଲାର କୁକୁଡ଼ାଗୁଡା, ଜିଲେନିଗୁଡା, ଏରୋକୁସମୀ, ଗଡିଆପୁଟ ଗ୍ରାମର ୨୦ ଜଣ ପୁରୁଷ ଓ ମହିଳାଙ୍କ ନାମରେ ସାଇବର ଠକ ମାନେ ଖୋଲିଥିବା ୨୦ଟି ଏକାଉଣ୍ଟ ବ୍ୟାଙ୍କକୁ ସୂଚନା ଦିଆଯାଇ ଲକ୍ କରି ଦିଆଯାଇଛି । ଏହି ସାଇବର ଅପରାଧରେ ଆଉ କିଏ ସମ୍ପୃକ୍ତି ଥିବା ସନ୍ଦେହରେ ତଦନ୍ତ ଜାରି ରହିଛି ବୋଲି ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

### ଲୋକପର୍ବ ମାଲ୍ୟବନ୍ତ ମହୋତ୍ସବ

# ଲୋକକଳା ଓ ନୃତ୍ୟରେ ଦୁଲୁକିଲା ମଞ୍ଚ




କୋରୁକୋଣ୍ଡା,୩।୧୨(ସମିସ): ସ୍ଥାନୀୟ ଲୋକ କଳାସଂସ୍କୃତି, ପରମ୍ପରା, ଲୋକ ନୃତ୍ୟ ଲୋକ ବାଦ୍ୟ, ଅଞ୍ଚଳରେ ପ୍ରଚଳିତ ହେଉଥିବା ବିଭିନ୍ନ ପ୍ରକାର ଭାଷାକୁ ଜୀବିତ ରଖିବା ସହିତ ଏହାକୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆଜକୁ ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲ୍ଲା ସଦର ମହକୁମା ସହିତ ଜିଲ୍ଲା ଅଧିନସ୍ଥ ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ଏହି ମାଲ୍ୟବନ୍ତ ଉତ୍ସବକୁ ସ୍ଥାନୀୟ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ବହୁ ଆଡମ୍ବର ସହିତ ପାଳନ କରାଯାଉଛି । ଏହି ଅବସରରେ ଚଳିତ ବର୍ଷ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପ୍ରଶାସନ ତଥା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ବୁଧବାର କୋରୁକୋଣ୍ଡା ଠାରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଉତ୍ସବ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ରଙ୍କ ସମେତ କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ମୋଟ ୧୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କ ସମେତ ବ୍ଲକରେ କାର୍ଯ୍ୟରତ ଥିବା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆଜି ସକାଳ ୮ଟା ସମୟରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ ଉପଲକ୍ଷେ କୋରୁକୋଣ୍ଡା ସ୍ଥିତ ମାଉଲି ମା'ଙ୍କ ମନ୍ଦିର ଠାରୁ ଏକ କଳସ ଶୋଭାଯାତ୍ରା ସ୍ଥାନୀୟ ପାରମ୍ପରିକ ବିଭିନ୍ନ ପ୍ରକାର ଆଦିବାସୀ ଲୋକ ନୃତ୍ୟ ଓ ବିଭିନ୍ନ ପ୍ରକାର ଲୋକ ବାଦ୍ୟର ତାଳେ ଏକ ବିରାଟ ଶୋଭାଯାତ୍ରାରେ ବାହାରି କୋରୁକୋଣ୍ଡା ସହର ପରିକ୍ରମା କରିବା ପରେ ସମସ୍ତେ କୋରୁକୋଣ୍ଡା ସ୍ଥିତ ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ । ସେଠାରେ ସଭାର ଆୟୋଜନ କରାଯାଇଥିଲା । ମାଲ୍ୟବନ୍ତ ଉତ୍ସବ ପାଳନ ଅବସରରେ କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବଦ୍ୟାଳୟର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରକାର ନୃତ୍ୟ ଓ ନାଟଜ ପରିବେଷଣ କରିଥିଲେ । ବିଭିନ୍ନ ପ୍ରକାର ନୃତ୍ୟରେ ଦୁଲୁକିଥିଲା ମଞ୍ଚ ପିଲାଙ୍କ ନୃତ୍ୟରେ ମୁଗ୍ଧ ହୋଇ ଝୁମିଥିଲେ ଦର୍ଶକ । କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ମାନଙ୍କ ସମେତ ବ୍ଲକ ଅଧୀନରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିବା ସହ ମାଲକାନଗିରି ଜିଲ୍ଲା, କୋରୁକୋଣ୍ଡା ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରୀଛାତ୍ରମନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା । ଲୋକଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକାର ମାନଙ୍କ ଦ୍ୱାରା ତାରା ତାରିଣୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମେଲୋଡି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ କୋରୁକୋଣ୍ଡା ସଦର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି ।

## ହାତୀ ଆକ୍ରମଣରେ ଡଙ୍ଗରିଆ ଗୁରୁତର

କଲ୍ୟାଣସିଂହପୁର,୩।୧୨ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ନିୟମଗିରି ପାହାଡ଼ ବୁଢୁଣି ଗ୍ରାମରେ ହାତୀ ଆକ୍ରମଣର ବୁଢୁଣି ଗ୍ରାମର ଡଙ୍ଗରିଆ ବାଲା ସିକକା (୫୦) ଗୁରୁତର ହୋଇଛି । ଗୁରୁତର ବାଲାକୁ ଗାଁ ଲୋକେ ହାତୀ କବଳରୁ ଉଦ୍ଧାର କରି ପ୍ରଥମେ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ପରିବାର ଲୋକଙ୍କ କହିବାନୁଯାୟୀ ବାଲା ସିକକା ଆଜି ଭୋର ସକାଳୁ ଉଠି ସବୁଦିନ ଭଳି ନିଜ କପା ଗୁଡିକୁ ଯାଉଥିବା ସମୟରେ ହାତୀର ମୁହାଁମୁହିଁ ହୋଇଥିଲେ । ହାତୀ ନିଜ ଦାନ୍ତରେ ପ୍ରଥମେ ବାଲାର ଛାତିରେ ମାରିବାରୁ ଛାତିରେ ପଶି ଆରପଟ ଦାନ୍ତ ବାହାରିଥିଲା । ବାଲା ଚିତ୍କାର କରିବାରୁ ଗାଁ ଲୋକେ ପାଟି ଶୁଣି ଘଟଣା ସ୍ଥଳକୁ ପହଞ୍ଚିଥିଲେ ଅନ୍ୟପଟେ ହାତୀର ଚିତ୍କାର ଶୁଣି ଗାଁଲୋକେ ଭୟଭିତ ହୋଇଥିଲେ ମଧ୍ୟ ଗାଁ ଲୋକ ପାଟିତୁଣ୍ଡ କରି ହାତୀକୁ ଘଉଡାଇ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ସେହି ସମୟରେ ବାଲାକୁ ହାତୀ ଦୁଇରୁ ତିନିଥର ବାରମ୍ବାର ଆକ୍ରମଣ କରି ଘୋଷାଡି ଘୋଷାଡି ନେଇ ଛାଡି ଦେଇଥିଲା । ଗାଁ ଲୋକ ବାଲାକୁ ଘଟଣା ସ୍ଥଳରୁ ଉଦ୍ଧାର କରି ନିଜ ଗାଁରେ ଥିବା ଏକ ଗାଡିରେ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାର ଛାତିର ହାଡ ଓ ଗୋଡ ଭାଙ୍ଗି ଯାଇଥିବା ଜଣାପଡିଛି । ଗୁରୁତର ଥିବାରୁ ବ୍ରହ୍ମପୁର ତାଙ୍କୁ ଏମ୍‌କେସିଜି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

# ରାୟଗଡ଼ାରେ ସରକାରୀ ମେଡିକାଲ କଲେଜ ପାଇଁ ସଂସଦରେ ସପ୍ତଗିରିଙ୍କ ଦାବି

ରାୟଗଡା, ୩।୧୨(ସମିସ ): ଲୋକ ସଭାରେ ନିୟମ ୩୭୭ ଅନୁଯାୟୀ ଦକ୍ଷିଣ ଓଡ଼ିଶାର ରାୟଗଡ଼ାରେ ଏକ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନର ଏବଂ ଗୁରୁତ୍ୱପୂର୍ଣ୍ଣ ଦାବି ଉଠାଇଛନ୍ତି ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଏବଂ ପଛୁଆ ଅଞ୍ଚଳରେ ଅବସ୍ଥିତ ରାୟଗଡ଼ା ଜିଲ୍ଲା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରରେ ପରିଣତ ହୋଇଛି, ଯେଉଁଠାରେ ଉତ୍କଳ ଆଲୁମିନା, ଜେକେ ପେପର ମିଲ୍ସ, ଆଇଏମଏଫଏ, ହିଣ୍ଡାଲକୋ ଏବଂ ଅନ୍ୟାନ୍ୟ ଶିଳ୍ପ ଭଳି ୟୁନିଟ୍‌ରେ ଏକ ବଡ଼ ଶ୍ରମଶକ୍ତି ନିଯୁକ୍ତ ହୋଇଛି । ଏହି ଅଭିବୃଦ୍ଧିରେ କେବଳ ରାୟଗଡ଼ା ନୁହେଁ ବରଂ ଆଖପାଖ ଆଦିବାସୀ ବ୍ଲକ ଏବଂ ସେବା କେନ୍ଦ୍ର ଭାବରେ ଏହା ଉପରେ ନିର୍ଭର କରୁଥିବା ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ମଧ ଜନସଂଖ୍ୟା ଏବଂ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ବୃଦ୍ଧି ପାଇଛି । ତଥାପି, ସାମ୍ପ୍ରତିକ ଗୁରୁତ୍ୱ ତଥା ସ୍ୱାସ୍ଥ୍ୟସେବାରେ ଅସୁବିଧା ସତ୍ତ୍ୱେ, ରାୟଗଡ଼ାରେ ଏପର୍ଯ୍ୟନ୍ତ ଗୋଟିଏ ବି ସରକାରୀ ମେଡିକାଲ କଲେଜ ନାହିଁ ।

ଡାକ୍ତର ଏବଂ ବିଶେଷଜ୍ଞଙ୍କ ପାଇଁ ମଞ୍ଜୁର ହୋଇଥିବା ପ୍ରାୟ ୫୦ଧ ପଦବୀ ଖାଲି ପଡ଼ିଛି, ଯାହା ଫଳରେ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକତାରୁ କମ ରହିଛି ଏବଂ ଗରିବ ଆଦିବାସୀ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଦୂର ଦୂରାନ୍ତର ଯାତ୍ରା କରିବାକୁ ବାଧ କରୁଛି । ଜୟପୁର ଚିନି କମ୍ପାନୀ (ଜଏସକୋ) ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମି ସରକାରଙ୍କୁ ହସ୍ତାନ୍ତର କରାଯାଇଛି ଯାହାକୁ କି ତୁରନ୍ତ ଏକ ଆଧୁନିକ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବ୍ୟବହାର କରାଯାଇପାରିବ ବୋଲି ଜଣାଇଛନ୍ତି । ସଂସଦ ମାଧ୍ୟମରେ ସେ କେନ୍ଦ୍ର ସରକାର ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ଯଥାଶୀଘ୍ର ରାୟଗଡ଼ାରେ ଏକ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଅନୁମୋଦନ କରିବା,ନୂତନ ମେଡିକାଲ କଲେଜ ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ଏକ ପୂର୍ଣ୍ଣାଙ୍ଗ ତୃତୀୟ ସ୍ତରୀୟ ସେବା ଏବଂ ଶିକ୍ଷାଦାନ ପ୍ରତିଷ୍ଠାନ ପାଇଁ ଉପଲବ୍ଧ ଜେଏସକୋ ଜମିକୁ ବ୍ୟବହାର କରିବାକୁ,ନୂତନ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ରାୟଗଡ଼ା ଜିଲ୍ଲା ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ଏବଂ ବିଶେଷଜ୍ଞ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯାଉ ବୋଲି ଦାବି ପୂରଣ ପାଇଁ ଅନୁରୋଧ କରିଛନ୍ତି ।

## ରାୟଗଡ଼ା ଜିଲ୍ଲାପାଳଙ୍କ ଗୁଡାରୀ ଗସ୍ତ, ପଟ୍ଟା ବଣ୍ଟନ



ଗୁଡାରୀ,୩।୧୨(ସମିସ): ବୁଧବାର ଦିନ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଗୁଣପୁର ଉପ ଜିଲ୍ଲାପାଳ ଦୁଦ୍ଧାଲ ଅଭିଷେକ ଦିଲିପ ଗୁଡାରୀ ଗସ୍ତରେ ଆସି ଗୁଡାରୀ ତହସିଲଦାର ସୁଶ୍ରୀ ଏମ.ସ୍ନେହଲତାଙ୍କ ଉପସ୍ଥିତିରେ ଅଫିସର ଟ୍ରେଜେରି ଏବଂ ନଥିପତ୍ର ତଦାରଖ କରିବା ପରେ ଗୁଡାରୀ ରାଜସ୍ୱ ବିଭାଗର ଆରଆଇ ପ୍ରସାଦ ନିମାଲୁଙ୍କ ଉପସ୍ଥିତିରେ ବାମୁଣି ଡାଙ୍ଗରର ୬୫ ଜଣ ଲୋକଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ । ସେଠାରୁ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଭିମୁଖେ ଯାଇ ପରିଷଦର ଇଓ ପ୍ରସନ୍ନ ପାଡିଙ୍କ ସହ ଗୁଡାରୀ ବସ୍‌ଷ୍ଟାଣ୍ଡ ଭିତରକୁ ବସ ନ ନେବା ଫଳରେ ମୁଖ୍ୟ ରାସ୍ତା ଅବରୋଧ ରହିବା ଉପରେ ଆଲୋଚନା କରାଯାଇଥିଲା. ଯାତ୍ରୀଙ୍କ ସୁବିଧା ପାଇଁ ବେସରକାରୀ ସ୍ତରରେ ବସ୍‌ଷ୍ଟାଣ୍ଡ ଭିତରେ ଉତ୍ତମ ଖାଦ୍ୟ ବ୍ୟବସ୍ଥା କରିବା ଦ୍ୱାରା ବସ୍‌ଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିବା ଶ୍ରୀ ପାଢି କହିଛନ୍ତି । ବିଜୁସେତୁ ଠାରୁ ମିନାଝୋଲା ମୁଖ୍ୟ ରାସ୍ତା ପାଇଁ ଦୁଇ କୋଟିରୁ ଅଧିକ ବ୍ୟୟ ବାରାଦକୁ କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ ପାଢ଼ି ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ସେଠାରୁ ଜିଲ୍ଲାପାଳ ଗୁଣପୁର ଅଭିମୁଖେ ଯାଇଥିଲେ ।

# ମାଲ୍ୟବନ୍ତ ମହୋତ୍ସବରେ ଝୁମିଲେ ଦର୍ଶକ



କାଲିମେଳା,୩।୧୨(ସମିସ): ଆଦିବାସୀ ଐତିହ୍ୟ, ଆଞ୍ଚଳିକ କଳା ଓ ସଂସ୍କୃତିକ ବାର୍ତ୍ତା ବହନ କରୁଥିବା କାଲିମେଳା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଉତ୍ସବ ୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ଏକ୍ଟ୍ରେସ କୁକିସ୍ ସ୍ୱାଇଁ ଓ ସିଙ୍ଗର ସୁଙ୍କାନି ମହାପାତ୍ରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ । ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ବିଡିଓ ପ୍ରଦୀପ କୁମାର କର ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦ୍ୟା ଗ୍ରୁପ୍ ନିଜର ନୃତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କାଲିମେଳା ଓ ପଡ଼ିଆ ବ୍ଲକ୍‌ର ହଜାର ହଜାର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

## ମା'ମାର୍କମା ମହାବିଦ୍ୟାଳୟକୁ ଦେବୀ ପ୍ରସାଦ ମିଶ୍ରଙ୍କ ପରିଦର୍ଶନ



ବିଷମ କଟକ,୩।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନିଓ ମା'ମର୍କମା ଯୁକ୍ତ ତିନି ମହାବିଦ୍ୟାଳୟକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଦେବୀ ପ୍ରସାଦ ମିଶ୍ର ପରିଦର୍ଶନ ନିମନ୍ତେ ଆସିଥିଲେ । ଏ ମହାବିଦ୍ୟାଳୟର ଏନସିସି କେଡେଟ୍ ମାନେ ମହାବିଦ୍ୟାଳୟର ଫାଟକ ନିକଟରୁ କୁଳପତି ପ୍ରଫେସର ଶ୍ରୀ ମିଶ୍ରଙ୍କୁ ପାଛୋଟି ଆଣିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱନୀ କୁମାର ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । କୁଳପତି ପ୍ରଫେସର ମିଶ ଯୁକ୍ତ ତିନି କଳା ଓ ବିଜ୍ଞାନର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସହିତ ଏକ ସୌଜନ୍ୟ ମୂଳକ ବାର୍ତ୍ତାଳାପ କରିଥିଲେ । ମହାବିଦ୍ୟାଳୟର ଏନ୍‌ସିସି ଅଫିସର କ୍ୟାପଟେନ୍ ବି ରବି ଶଙ୍କର କୁଳପତି ଙ୍କୁ ଉପଢୌକନ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ର କୁଳପତି ମହୋଦୟଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଅଶ୍ୱନୀ କୁମାର ପଣ୍ଡା ମହାବିଦ୍ୟାଳୟର ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଇଂରଜୀ ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠୀ ସଭା ମଞ୍ଚ ପରିଚାଳନା କରିଥିଲେ । କୁଳପତି ଡକ୍ଟର ମିଶ୍ର ମହୋଦୟ ମହାବିଦ୍ୟାୟର ସମସ୍ତ ଶ୍ରେଣୀ ଗୃହ, ଆଇଟି ଲାବ୍ ପ୍ରଭୃତି ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ରାମନାଗୁଡ଼ା/ଗୁମୁଡା, ୩।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ନାଇରା ଗ୍ରାମର ବିଶ୍ୱନାଥ ପାତ୍ର (୪୦) ମଙ୍ଗଳବାର ମଧ୍ୟାହ୍ନ ସମୟରେ ନିଜ ଘର ନାଇରାରୁ ଗୁମୁଡାକୁ ଏଏମସି ପକ୍ଷରୁ ଆୟୋଜିତ ସେଫ୍‌ଟି ମିଟିଙ୍ଗକୁ ନିଜ ବାଇକ୍‌ରେ ଯୋଗ ଦେବା ପାଇଁ ଯିବା ସମୟରେ କଦମଗୁଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଅଧିକ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ଦିନ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ବୁଧବାର ଦିନ ସନ୍ଧ୍ୟା ରେ ଗୁମୁଡାରେ ପରିବାର ଲୋକ ଆମ୍ବୁଲାନ୍ସରେ ଶବ ନେଇ ଫେରିବା ପରେ କ୍ଷତି ପୂରଣ ଦାବିରେ ସବ୍ ଷ୍ଟେସନ ନିକଟରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମବାସୀ ମାନେ ଗୁମୁଡା - ରାୟଗଡା ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଘଟଣା ସ୍ଥଳରେ ରାମନାଗୁଡ଼ା ତହସିଲଦାର ପ୍ରଣାକୃଷ୍ଣ ପାଣିଗ୍ରାହୀ, ଗୁମୁଡା ଫାଣ୍ଡି ଅଧିକାରୀ ବୀରେନ୍ଦ୍ର ରାଏ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ମୃତକ ବିଶ୍ୱନାଥ ପାତ୍ର ଗୁମୁଡା ସବ୍‌ଷ୍ଟେସନରେ ହେଲପର ଭାବେ କାର୍ଯ୍ୟ କରୁଥିଲେ ଏବଂ ସେ ଏଏମ୍‌ସିର କର୍ମଚାରୀ ବୋଲି ସୂଚନା ମିଳିଛି ।

# ମିଥ୍ୟା ଖବର ଗଣତନ୍ତ୍ର ପାଇଁ ବିପଦ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ମିଥ୍ୟା ଖବର ଓ ଡିପ୍‌ଫେକ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ବୁଧବାର ଲୋକସଭାରେ ଏ କଥା କହିଛନ୍ତି କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭୁଲ ସୂଚନା ଓ ଆର୍ଟିଫିସିଆଲ ଜେନେରେଟେଡ ଡିପ୍‌ଫେକ ଯୋଗୁଁ ହିଁ ଗଣତନ୍ତ୍ର କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କିଛି ଲୋକ ଓ ଗ୍ରୁପ୍ ସାମାଜିକ ଗଣମାଧ୍ୟମକୁ ନିଜ ଇଚ୍ଛା ଅନୁଯାୟୀ ବ୍ୟବହାର କରୁଛନ୍ତି। ସେମାନେ ଦେଶର ସମ୍ବିଧାନ କିମ୍ବା ସଂସଦ ଦ୍ୱାରା ପ୍ରଣୟନ ହୋଇଥିବା ଆଇନକୁ ପାଳନ କରିବାକୁ ଚାହାନ୍ତି ନାହିଁ ବୋଲି ମନେ ହେଉଛି। ଏହାକୁ ରୋକିବା ପାଇଁ ଓ ଏଭଳି ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ଆଇନ୍ ଆଣିବା ଜରୁରୀ ବୋଲି ସେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏ ନେଇ କିଛି ଦିନ ତଳେ ନୂଆ ନିୟମ ଲାଗୁ କରାଯାଇଛି। ଏଥିରେ ୩୬ ଘଣ୍ଟା ମଧ୍ୟରେ ଭିଡିଓ ହଟାଇବାର ନିୟମ ରହିଛି। ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଡିପ୍‌ଫେକ୍‌ର ଚିହ୍ନଟ କରିବା ଓ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କାର୍ଯ୍ୟ ଖସଡ଼ା ମଧ୍ୟ ଜାରି କରାଯାଇଛି। ତେବେ ଏ ନେଇ ବିଚାର ବିମର୍ଶ ଜାରି ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

# ଗର୍ଭବତୀ ମହିଳାଙ୍କୁ ଭାରତ ଫେରାଇ ଆଣିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶକୁ ପଠାଯାଇଥିବା ୯ ମାସର ଗର୍ଭବତୀ ସୋନାଲି ଖାତୁନ୍ ଓ ତାଙ୍କ ୮ ବର୍ଷର ପିଲାକୁ ପୁଣି ଭାରତକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବେଳେବେଳେ ମାନବିକତା ଆଗରେ ଆଇନକୁ ମଧ୍ୟ ନଇଁବାକୁ ହୁଏ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟକୁ କହିଥିଲେ ଯେ, ସରକାର ସୋନାଲି ଓ ତାଙ୍କ ପୁଅଙ୍କୁ ଭାରତକୁ ଆସିବାକୁ ଦେବେ। ମାନବିକତାକୁ ଭିତ୍ତିକରି ଏହି ଅନୁମତି ଦିଆଯିବ। କିନ୍ତୁ ନାଗରିକତା ସହ ଜଡ଼ିତ ମାମଲାରେ ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିବ ନାହିଁ। ଉଲ୍ଲେଖଥାଉ କି, ବାଂଲାଦେଶୀ ହେବା କାରଣରୁ ସୋନାଲି ଓ ତାଙ୍କ ପରିବାରର ୫ ସଦସ୍ୟଙ୍କୁ ଗତ ଜୁନ୍‌ରେ ଦିଲ୍ଲୀରେ ଗିରଫ କରାଯାଇଥିଲା। ପରେ ଜୁନ୍ ୨୭ରେ ଏହି ପରିବାରକୁ ବାଂଲାଦେଶକୁ ପଠାଇ ଦିଆଯାଇଥିଲା। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ହେବ।

# ନିଜଠାରୁ ଅଧିକ ସୁନ୍ଦର ଦିଶିବାରୁ ୪ ପିଲାଙ୍କୁ ବୁଡ଼ାଇ ମାରିଲେ ମହିଳା

ପାନିପତ, ୩।୧୨(ଏଜେନ୍ସି): ହରିୟାଣା ପାନିପତର ପୁନମ ଚକିତ କଲା ଭଳି କାଣ୍ଡ ଘଟାଇଛନ୍ତି। ଦେଖିବାକୁ ତାଙ୍କଠାରୁ ଅଧିକ ସୁନ୍ଦର ହୋଇଥିବାରୁ ଈର୍ଷାନ୍ୱିତ ହୋଇ ସେ ୩ ଜଣ ଝିଅଙ୍କ ସହ ୪ ପିଲାଙ୍କୁ ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରେ ତାଙ୍କ ପୁଅ ଓ ଝିଆରୀ ମଧ୍ୟ ସାମିଲ ଅଛନ୍ତି। ପାନିପତ ପୁଲିସ୍ ବୁଧବାର ପୁନମକୁ ଗିରଫ କରିଛି। ନିଜଠାରୁ ଅଧିକ ସୁନ୍ଦର ହୋଇଥିବା ଝିଅମାନଙ୍କୁ ମହିଳା ଜଣକ ଟାର୍ଗେଟ କରୁଥିଲେ। ଏହି ୪ଜଣ ପିଲାଙ୍କ ମୃତ୍ୟୁର କାରଣ ସମାନ ହୋଇଥିଲା। ତେଣୁ ଲୋକଙ୍କ ମନରେ ପୁନମ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। ସବୁ ପିଲାଙ୍କୁ ସେ ଭିନ୍ନ ଭିନ୍ନ ସମୟରେ ପାଣି ଟବ୍‌ରେ ବୁଡାଇ ମାରୁଥିଲା। ପ୍ରତ୍ୟେକ ପିଲାଙ୍କ ମୃତ୍ୟୁ ଘଟଣାକୁ ଦୁର୍ଘଟଣା ରୂପ ଦେବାକୁ ପ୍ରୟାସ କରୁଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପିଲାଙ୍କୁ ମାରିବା ପରେ ସେ ଖୁସି ମନାଉଥିଲେ। ତେବେ ଶେଷ ପିଲାର ମୃତ୍ୟୁ ହେବାର ୩୬ ଘଣ୍ଟା ମଧ୍ୟରେ ମାମଲାର ପର୍ଦ୍ଦାଫାସ ହୋଇଥିଲା। ସମ୍ପୃକ୍ତ ମହିଳା ନିଜ ଦୋଷ ସ୍ୱୀକାର କରିଛି। ୨୦୨୩ରେ ସେ ନିଜ ପୁଅକୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲା।


# ସୋନିଆ ଗାନ୍ଧୀ ନାମଥିବା ମହିଳାଙ୍କୁ ପ୍ରାର୍ଥୀ କଲା ବିଜେପି

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): କେରଳର ମୁନ୍ନାର ଜିଲ୍ଲାର ନଗର ନିଗମ ନିର୍ବାଚନ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେପି ନାଥାଥାନ୍ନି ୱାର୍ଡରେ ସୋନିଆ ଗାନ୍ଧୀ ନାମରେ ଜଣେ ମହିଳାଙ୍କୁ ଟିକଟ୍ ଦେବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପତ୍ନୀ ସୋନିଆଙ୍କ ସହ ତାଙ୍କ ନାମ ସମାନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ଦୁହିଁଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ୩୪ ବର୍ଷୀୟ ସୋନିଆ ଗାନ୍ଧୀ ମୁନ୍ନାରରେ ରୁହନ୍ତି। କଂଗ୍ରେସ ନେତା ସୋନିଆ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ବାପା ଦୁରେ ରାଜ୍ ଝିଅର ଏହି ନାମ ରଖିଥିଲେ। ପରେ ବିଜେପି ନେତା ସୁବାସଙ୍କ ସହ ସେ ଝିଅର ବିବାହ କରାଇଥିଲେ। ଏବେ ସୁବାସ ତାଙ୍କୁ ବିଜେପି ଟିକଟ୍‌ରୁ ନିର୍ବାଚନ ଲଢ଼ିବାର ବ୍ୟବସ୍ଥା କରାଇଛନ୍ତି।

### ବାଂଲାଦେଶ ସୀମାରୁ ଚୋରା ଚାଲାଣକାରୀ ଗିରଫ

# ୩ କୋଟିର ସୁନା ବିସ୍କୁଟ ଜବତ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗ ନଦିଆ ଜିଲ୍ଲାରେଭାରତ ଓ ବାଂଲାଦେଶ ସୀମା ନିକଟରୁ ବିଏସ୍ଏଫ୍ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି। ଏହି ବାଂଲାଦେଶୀ ପାଖରୁ ୩.୦୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ଦୁଇଜଣ ଚୋରା ଚାଲାଣକାରୀଙ୍କ ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା। ଉଭୟେ ଭାରତକୁ ଆସୁଥିବା ଦେଖାଯାଇଥିଲା। ଜଣେ ଧରା ପଡ଼ିଥିବାବେଳେ ଆଉ ଜଣେ ଦୌଡ଼ି ପଳାଇଥିଲା। ଧରାଯାଇଥିବା ଠକଠାରୁ ୨୦ଟି ସୁନା ବିସ୍କୁଟ୍ ଜବତ କରାଯାଇଛି ଓ ଏଗୁଡିକର ମୋଟ ଓଜନ ୨.୩୫ କେଜି ବୋଲି ଜଣାଯାଇଛି।



# ୟୁରୋପକୁ ପୁଟିନଙ୍କ ଧମକ

## ଯୁଦ୍ଧ ପାଇଁ ପ୍ରସ୍ତୁତ, ସେମାନଙ୍କ ପରାଜୟ ନିଶ୍ଚିତ

- ଶାନ୍ତି ଚୁକ୍ତି ପାଇଁ କେହି ବଞ୍ଚିବେ ନାହିଁ
- ୟୁକ୍ରେନ ଯୁଦ୍ଧ ନେଇ ଟ୍ରମ୍ପଙ୍କ ଦ୍ୱାଇଁଙ୍କ ସହ ପୁଟିନଙ୍କ ବୈଠକ

ମସ୍କୋ, ୩।୧୨(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପୀୟ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ, ତେବେ ରୁଷ୍ ଏହାର କଡ଼ା ଜବାବ ଦେବ ବୋଲି ସେ କହିଛନ୍ତି। କିନ୍ତୁ ରୁଷ୍ ୟୁରୋପ ସହ ଯୁଦ୍ଧ ଚାହୁଁ ନ ଥିବା ପୁଟିନ ସ୍ପଷ୍ଟ କରିଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ ତେବେ ମାମଲା ଏତେ ଶେଷ ହୋଇଯିବ ଯେ ଶାନ୍ତି ଚୁକ୍ତି ପାଇଁ କଥା ହେବାକୁ ବି କେହି ବଞ୍ଚିବେ ନାହିଁ। ପୁଟିନ କହିଛନ୍ତି ଯେ ରୁଷିଆ ସମ୍ପୂର୍ଣ୍ଣ କ୍ଷମତାର ସହ ୟୁକ୍ରେନରେ ଯୁଦ୍ଧ ଲଢୁନାହିଁ। ଏହି ଯୁଦ୍ଧ କେବଳ ସର୍ଜିକାଲ ଅପରେସନରେ ସୀମିତ ରହିଛି। ଯଦି ୟୁରୋପ ସହ ଯୁଦ୍ଧ ହୁଏ, ତେବେ ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ରୁଷ ଲଢ଼ି ଦୃଢ଼ ଜବାବ ଦେବ। ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ ସହ ସବୁଠାରୁ ଦୀର୍ଘ ଯୁଦ୍ଧରେ ରୁଷ ଲଢ଼େଇ କରୁଛି। ଏହା ପୂର୍ବରୁ ୨୦୨୯ ସୁଦ୍ଧା ରୁଷିଆ ନାଟୋ ଉପରେ ଅକ୍ରମଣ କରିପାରେ ବୋଲି ଜର୍ମାନୀ ବିଦେଶ ମନ୍ତ୍ରୀ ଯୋହାନ ବେଡଫୁଲ୍ କହି ହଇଚଇ ସୃଷ୍ଟି କରିଥିଲେ। ତେବେ ୟୁରୋପ ଉପରେ ରୁଷିଆ କେବେ ବି ଆକ୍ରମଣ କରିବ ନାହିଁ ବୋଲି ସେତେବେଳେ ପୁଟିନ କହିଥିଲେ।

ଇତିମଧ୍ୟରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟ୍‌କଫ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନେର ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ରାଷ୍ଟ୍ରପତିଙ୍କ ସହ ୫ ଘଣ୍ଟା ଧରି ବୈଠକ କରିଛନ୍ତି। ତେବେ ଦୁଇ ପକ୍ଷ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହାନ୍ତି। ତେବେ ଏହି ଆଲୋଚନା ଫଳପ୍ରଦ ଥିଲା ବୋଲି ପୁଟିନଙ୍କ ବୈଦେଶିକ ନୀତି ଉପଦେଷ୍ଟା ୟୁରୀ ଉଶାକୋଭ୍ କହିଛନ୍ତି। କିନ୍ତୁ ସହମତି ହେବାଭଳି କୌଣସି ପ୍ରସ୍ତାବ ଏପର୍ଯ୍ୟନ୍ତ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଯେପର୍ଯ୍ୟନ୍ତ ୟୁକ୍ରେନ ରୁଷିଆର ଡୋନବାସ ଅଞ୍ଚଳ ହସ୍ତାନ୍ତର ନ କରିଛି, ସେ ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବ ନାହିଁ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ତେବେ ଆମେରିକା ଦେଇଥିବା ଶାନ୍ତି ପ୍ରସ୍ତାବର କିଛି ଅଂଶ ଉପରେ ପୁଟିନ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଅନ୍ୟ କେତୋଟି ପ୍ରସ୍ତାବ ନେଇ ପୁଟିନ ଅସହମତି ଅଛନ୍ତି। ଏବେ କିଛି ପ୍ରସଙ୍ଗ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏପର୍ଯ୍ୟନ୍ତ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ନୂଆ ବୈଠକ ନେଇ କୌଣସି କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇନାହିଁ ବୋଲି ଉଶାକୋଭ କହିଛନ୍ତି। ଏହି ପ୍ରସ୍ତାବିତ ନୂଆ ବୈଠକ ଶାନ୍ତି ଯୋଜନାର ପ୍ରଗତି ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ଅବଶ୍ୟ ପୂର୍ବରୁ ଆମେ ଯୁଦ୍ଧ ଚାହୁଁନାହୁଁ ବୋଲି ପୁଟିନ କହିଥିଲେ।


# ଇଣ୍ଡିଗୋ ବିମାନ ବିଭ୍ରାଟ

## ଦେଶବ୍ୟାପୀ ୧୨୩୨ ବିମାନ ସେବା ବାତିଲ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଭାରତରେ ବିମାନ ଚଳାଚଳରେ ବୁଧବାର ବଡ଼ ସମସ୍ୟା ଦେଖା ଦେଇଛି। ଦେଶର ଅନେକ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। କାରଣ ଏହି ଏୟାରଲାଇନ ଭୟଙ୍କର ପରିଚାଳନାଗତ ସମସ୍ୟାର ସମ୍ମୁଖୀନ ହୋଇଛି। ଚାଳକ ଦଳର ସଦସ୍ୟ ଅଭାବରୁ ମଧ୍ୟ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି କାରଣରୁ ଆଜି କେବଳ ଦୁଇ ଶହରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଅନେକ ବିମାନ ବିଳମ୍ବରେ ମଧ୍ୟ ଉଡ଼ାଣ ଆରମ୍ଭ କରିଛି। ଇଣ୍ଡିଗୋ ୱେବସାଇଟ ଅନୁଯାୟୀ, ଏହି ଏୟାରଲାଇନ ଭାରତରେ ଦିନକୁ ୨୨୦୦ ଉଡ଼ାଣ ପରିଚାଳନା କରୁଛି। ତେବେ ସମୟାନୁବର୍ତ୍ତିତାରେ ଇଣ୍ଡିଗୋର ପ୍ରଦର୍ଶନ ଭଲ ନାହିଁ। ମାତ୍ର ୩୫ ପ୍ରତିଶତ ବିମାନ ଠିକ୍ ସମୟରେ ଉଡ଼ାଣ କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ମଙ୍ଗଳବାର ୧୪୦୦ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଏହି ଧାରା ବୁଧବାର ମଧ୍ୟ ଜାରି ରହିଛି। ଗତ ଦୁଇ ଦିନ ମଧ୍ୟରେ ମୋଟ ୧୨୩୨ ବିମାନ ବାତିଲ କରିଦିଆଯାଇଛି ବୋଲି ଇଣ୍ଡିଗୋ ପକ୍ଷରୁ ଡିଜିସିଏକୁ ସୂଚନା ଦିଆଯାଇଛି। ଏହି ସମସ୍ୟା ସମ୍ବନ୍ଧରେ ଏୟାରଲାଇନକୁ ବିସ୍ତୃତ ବିବରଣୀ ମଗାଯାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସୁଦ୍ଧା ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଏବଂ ହାଇଦରାବାଦ ଭଳି ବିମାନବନ୍ଦରରେ ଏଭଳି ସମସ୍ୟା ହୋଇଛି। ଏହାକୁ ନେଇ ଯାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

### କର୍ମଚାରୀ ଅଭାବ ଓ ବୈଷୟିକ ତ୍ରୁଟି

ଚାଳକ ଦଳର ସଦସ୍ୟ ତଥା ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ପୂର୍ବରୁ ଏହି କମ୍ପାନୀ ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କୁ ଡବଲ ଡ୍ୟୁଟିରେ କାର୍ଯ୍ୟ କରିବାକୁ କହୁଥିଲା। ମାତ୍ର ଗତ ମାସରେ ସରକାର ନିୟମକୁ କଡ଼ାକଡ଼ କରିଦେଇଥିଲେ। ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ନିୟମ ପରିବର୍ତ୍ତନ କରିଥିଲେ। କର୍ମଚାରୀଙ୍କୁ ୮ ଘଣ୍ଟାରୁ ଅଧିକ ସମୟ କାମ ନ କରାଇବାକୁ କହିଥିଲେ। ନୂଆ ନିୟମରେ ଅଧିକ ବିଶ୍ରାମ ଏବଂ ହ୍ୟୁମାନ ରୋଷ୍ଟର (ପାଳିରେ ଦାୟିତ୍ୱ) ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ନିୟମ ଇଣ୍ଡିଗୋ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି।




# ଓହରିଲେ ସରକାର; 'ସଂଚାର ସାଥୀ' ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ବିରୋଧୀଙ୍କ ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇଛନ୍ତି। ମୋବାଇଲ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ଲିକେସନକୁ ପ୍ରି-ଇନ୍‌ଷ୍ଟଲ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ତେବେ ଏଥିପାଇଁ ଟେଲିକମ୍ ବିଭାଗ ଭିନ୍ନ ତଥ୍ୟ ଦେଇଛି। 'ସଞ୍ଚାର ସାଥୀ' ଆପ୍‌ର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ପ୍ରି-ଇନଷ୍ଟଲ ପାଇଁ ମୋବାଇଲ ନିର୍ମାତା କମ୍ପାନୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନିଆଯାଇଥିବା କୁହାଯାଇଛି। ଟେଲିକମ୍ ବିଭାଗର ସୂଚନା ଅନୁଯାୟୀ, ବୁଧବାର ଦ୍ୱିପହର ୧୨ଟା ସୁଦ୍ଧା ଆପ୍‌କୁ ୧.୪୦ କୋଟି ଥର ଡାଉନଲୋଡ କରାଗଲାଣି। ଦୁଇ ଦିନରେ ନିଜ ଇଚ୍ଛାରେ ଆପ୍ ଇନ୍‌ଷ୍ଟଲ କରିଥିବା ଲୋକଙ୍କ ସଂଖ୍ୟା ୧୦ ଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର ଲୋକସଭାରେ କହିଛନ୍ତି ଯେ 'ସଞ୍ଚାର ସାଥୀ' ଆପ୍‌ରେ ଗୁଇନ୍ଦାଗିରି କରିବା ସମ୍ଭବ ନୁହେଁ କିମ୍ବା ଏପରି ହିଁ କରାଯିବ ନାହିଁ। କଂଗ୍ରେସ ନେତା ଦୀପେନ୍ଦ୍ର ହୁଡ୍ଡାଙ୍କ ପ୍ରଶ୍ନର ଉତ୍ତରରେ ସିନ୍ଧିଆ କହିଥିଲେ ଯେ ମତାମତ ଆଧାରରେ ଆପ୍ ଇନ୍‌ଷ୍ଟଲ କରିବାର ନିର୍ଦ୍ଦେଶକୁ ମନ୍ତ୍ରାଳୟ ବଦଳାଇ ଦେଇଛି। ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖରେ 'ସଞ୍ଚାର ସାଥୀ'କୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହି ଦିନ ଦୂରସଞ୍ଚାର ବିଭାଗ ମୋବାଇଲ ନିର୍ମାତା କମ୍ପାନୀଙ୍କ ପାଇଁ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ଉକ୍ତ ଆପ୍‌କୁ ମୋବାଇଲଗୁଡ଼ିକରେ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆ ସହିତ ପୁରୁଣା ଫୋନ୍‌ରେ ସଫ୍ଟୱେର ଇନ୍‌ଷ୍ଟଲ ମାଧ୍ୟମରେ ଆପ୍ ଇନଷ୍ଟଲକୁ ବାଧ୍ୟତାମୂଳକ କରିଦିଆଯାଇଥିଲା।

# ଦିଲ୍ଲୀ ବିଷାକ୍ତ: ୩ ବର୍ଷରେ ୨ ଲକ୍ଷ ଶ୍ୱାସରୋଗୀ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଏହା ଲୋକଙ୍କୁ ମୃତ୍ୟୁମୁଖରେ ପକାଇ ଦେଉଛି। ସରକାରୀ ପରିସଂଖ୍ୟାନ ଅନୁସାରେ ଗତ ୩ ବର୍ଷ ମଧ୍ୟରେ ଏହି ସମସ୍ୟା ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଏହି ଅବଧି ମଧ୍ୟରେ ଦିଲ୍ଲୀର ୬ଟି ବଡ଼ ହସ୍ପିଟାଲରେ ୨ ଲକ୍ଷରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି ବୋଲି ଜଣା ପଡ଼ିଛି। ଏବେ ସଂସଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦିଲ୍ଲୀରେ ବିଷାକ୍ତ ବାୟୁ ସଙ୍କଟ ଉପରେ ନୂଆ ତଥ୍ୟ ଉପସ୍ଥାପନ କରିଛନ୍ତି। ଦିଲ୍ଲୀର ୬ଟି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଚିକିତ୍ସାଳୟରେ ୨୦୨୨ରୁ ୨୦୨୪ ମଧ୍ୟରେ ଜରୁରୀକାଳୀନ ବିଭାଗରେ ୨, ୦୪, ୭୫୮ ତୀବ୍ର ଶ୍ୱାସକ୍ରିୟା ରୋଗ (ଏଆରଆଇ) ମାମଲା ରେକର୍ଡ କରାଯାଇଛି। ଏହି ୬ଟି ହସ୍ପିଟାଲ ହେଲା ଏମ୍ସ, ସଫଦରଜଙ୍ଗ, ଏଲ୍‌ଏଚ୍‌ଏମ୍‌ସି ଗ୍ରୁପ୍, ଆରଏମ୍‌ଏଲ, ଏନ୍‌ଆଇଟିଆରଡି ଓ ଭିପିସିଆଇ। ଏଥିମଧ୍ୟରୁ ୧୫ ପ୍ରତିଶତ ଅର୍ଥାତ ୩୦, ୪୨୦ ରୋଗୀ ହସ୍ପିଟାଲରେ ନିହାତି ଭର୍ତ୍ତି ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହା ଦିଲ୍ଲୀର ସୃଷ୍ଟି ହୋଇଥିବା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟକୁ ସୂଚିତ କରୁଛି। ରାଜ୍ୟସଭାରେ ମନୋନୀତ ସାଂସଦ ବିକ୍ରମଜିତ୍ ସିଂ ସାହାଣୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ସମ୍ପର୍କିତ ରୋଗ ବୃଦ୍ଧି ପାଇଛି ବୋଲି ସରକାର ସ୍ୱୀକାର କରିଛନ୍ତି। ଅବଶ୍ୟ ସରକାର କେବଳ ପ୍ରଦୂଷଣ ପାଇଁ ଏହା ହେଉ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖାଦ୍ୟ, ପାନୀୟ, ସାମାଜିକ ଓ ଆର୍ଥିକ ସ୍ଥିତି କାରଣରୁ ମଧ୍ୟ ଏହିଭଳି ସ୍ଥିତି ଉପୁଜୁଛି ବୋଲି ସରକାର କହିଛନ୍ତି। ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବଢ଼ିବା କାରଣରୁ ହାସ୍ପିଟାଲଗୁଡ଼ିକରେ ଜରୁରୀକାଳୀନ ଶ୍ୱାସ ସମ୍ପର୍କିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଆଇସିଏମ୍‌ଆର୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୩୩୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ଏଥିରେ ପ୍ରଦୂଷିତ ବାୟୁ ଓ ଶ୍ୱାସ ସମ୍ପର୍କିତ ରୋଗ ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି।

# ୩୨ ହଜାର ଶିକ୍ଷକଙ୍କ ଚାକିରି ଯିବନି: କଲିକତା ହାଇକୋର୍ଟ

କୋଲକାତା, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଏବେ ୩୨, ୦୦୦ ପ୍ରାଥମିକ ଶିକ୍ଷକଙ୍କ ଚାକିରି ଯିବନାହିଁ ବୋଲି ନିଶ୍ଚିତ ହୋଇଛି। କଲକାତା ହାଇକୋର୍ଟର ଏକ ଡିଭିଜନ ଖଣ୍ଡପୀଠ ବୁଧବାର ୨୦୨୩ର ନିଷ୍ପତ୍ତିକୁ ବଦଳାଇଛନ୍ତି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଓ ରୀତାବ୍ରତ କୁମାର ମିତ୍ରଙ୍କ ଖଣ୍ଡପୀଠ ଏ ନେଇ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ୯ ବର୍ଷ ପରେ ଚାକିରିରୁ ହଟାଇବା ଫଳରେ ପ୍ରାଥମିକ ଶିକ୍ଷକ ଓ ତାଙ୍କ ପରିବାର ଉପରେ ବଡ଼ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ରେ ଜଷ୍ଟିସ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଏକକ ଖଣ୍ଡପୀଠ ୨୦୧୬ରେ ଭର୍ତ୍ତି ହୋଇଥିବା ଶିକ୍ଷକମାନଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ। ଏହି ଚାକିରି ପ୍ରଦାନ ପ୍ରକ୍ରିୟା ବିରୋଧରେ କିଛି ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆବେଦନ କରାଯାଇଥିଲା। କିନ୍ତୁ ରାୟକୁ ବଜାୟ ରଖିବାକୁ ଡିଭିଜନ ଖଣ୍ଡପୀଠ ଅସହମତି ପ୍ରକାଶ କରିଛନ୍ତି। ସବୁ ଚାକିରି ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ପ୍ରମାଣିତ ହୋଇ ନଥିବାରୁ ଏହାକୁ ଲାଗୁ କରାଯାଇପାରିବ ନାହିଁ ବୋଲି ଡିଭିଜନ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ବୋର୍ଡ ଅଫ୍ ପ୍ରାଇମେରୀ ଏଜୁକେଶନ ୨୦୧୪ରେ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) ପ୍ୟାନେଲ ଜରିଆରେ ଏହି ଶିକ୍ଷକମାନଙ୍କୁ ଚାକିରି ପ୍ରଦାନ କରାଯାଇଥିଲା।

# ଆଫଗାନିସ୍ତାନରେ ୧୩ ବର୍ଷର ନାବାଳକ ହାତରେ ଦିଆଗଲା ମୃତ୍ୟୁଦଣ୍ଡ

- ଦେଖିବାକୁ ଷ୍ଟାଡିୟମରେ ରୁଣ୍ଡ ହେଲେ ୮୦ ହଜାର ଲୋକ
- ନାବାଳକଙ୍କ ପରିବାରର ୧୩ ସଦସ୍ୟଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ

କାବୁଲ, ୩।୧୨(ଏଜେନ୍ସି): ଆଫଗାନିସ୍ତାନର ଖୋସ୍ତ ରାଜ୍ୟର ଏକ ଷ୍ଟାଡିୟମରେ ୮୦ ହଜାର ଲୋକଙ୍କ ସାମ୍ନାରେ ଜଣେ ଅପରାଧୀଙ୍କୁ ଗୁଳି କରାଯାଇଛି। ଜଣେ ୧୩ ବର୍ଷର ନାବାଳକ ଦ୍ୱାରା ଗୁଳି କରାଯାଇ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତ ଜଣକ ନାବାଳକଙ୍କ ପରିବାରର ୧୩ଜଣଙ୍କୁ ହତ୍ୟା କରିଥିଲା। ଏମାନଙ୍କ ମଧ୍ୟରେ ଏକାଧିକ ଛୋଟ ପିଲା ଓ ମହିଳା ସାମିଲ ଥିଲେ। ଦଣ୍ଡ ଦେବା ପୂର୍ବରୁ ଅଭିଯୁକ୍ତକୁ କ୍ଷମା କରିବାକୁ ଚାହୁଁଛ କି ବୋଲି ତାଲିବାନ ଅଧିକାରୀମାନେ ଏହି ୧୩ ବର୍ଷର ନାବାଳକକୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ଏହାପରେ ଅଧିକାରୀମାନେ ନାବାଳକକୁ ବନ୍ଧୁକ ଦେଇ ସାମ୍ନାରେ ଠିଆ ହୋଇଥିବା ଅଭିଯୁକ୍ତକୁ ଗୁଳି ମାରିବାକୁ କହିଥିଲେ। ଅଭିଯୁକ୍ତ ଓ ନାବାଳକ ସମ୍ପର୍କୀୟ ବୋଲି କୁହାଯାଇଛି। ଏହି ମାମଲାରେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୁହାଯାଇଛି। କିନ୍ତୁ ଏମାନଙ୍କୁ ଦଣ୍ଡିତ କରାଯାଇନାହିଁ। କାରଣ ପୀଡ଼ିତଙ୍କ କିଛି ସନ୍ତାନ ସେତେବେଳେ ଉପସ୍ଥିତ ନ ଥିଲେ। ଖୋସ୍ତର ସେଣ୍ଟ୍ରାଲ ଷ୍ଟାଡିୟମରେ ଦଣ୍ଡବିଧାନର ଏହି ପ୍ରକ୍ରିୟାକୁ ଦେଖିବା ପାଇଁ ଲୋକେ ଏକାଠି ହୋଇଥିଲେ। ଉଲ୍ଲେଖଥାଉ କି, ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଦ୍ୱିତୀୟଥର ପାଇଁ ଶାସନକୁ ଆସିବା ପରେ ୧୧ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲାଣି।



# ଦିଲ୍ଲୀ ଏମ୍‌ସିଡି ଉପ-ନିର୍ବାଚନରେ ବିଜେପିକୁ ୨ ଆସନରେ ଘାଟା

- ବିଜେପି ୭, ଆପ୍ ୩ ଆସନରେ ବିଜୟୀ
- ଖାତା ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ଦିଲ୍ଲୀ ନଗର ନିଗମ (ଏମ୍‌ସିଡି)ର ୧୨ଟି ୱାର୍ଡରେ ହୋଇଥିବା ଉପ-ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ବିଜେପି ୭, ଆମ ଆଦମୀ ପାର୍ଟି (ଆପ୍) ୩ ଏବଂ କଂଗ୍ରେସ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ (ଏଆଇଏଫ୍‌ବି) ଗୋଟିଏ ଲେଖାଏ ୱାର୍ଡରେ ବିଜୟ ହାସଲ କରିଛି। ଦିଲ୍ଲୀରେ ବିଜେପି ସରକାର ଶାସନକୁ ଆସିବା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଦଳର ୨ ଆସନ କ୍ଷତି ହୋଇଛି। ଏହା ଲୋକପ୍ରିୟତା ହ୍ରାସକୁ ଦେଖାଉଛି। ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି।ଅନ୍ୟପଟେ କଂଗ୍ରେସ ଖାତା ଖୋଲିବାରେ ସଫଳ ହୋଇଛି। ଗତ ନିର୍ବାଚନରେ ୧୨ଟି ୱାର୍ଡରୁ ବିଜେପି ୯ଟି ଓ ଆପ୍ ୩ଟି ୱାର୍ଡରେ ବିଜୟୀ ହୋଇଥିଲା। ଏଥର ବିଜେପି ଦ୍ୱାରକା-ବି, ଆଶୋକ ବିହାର, ଗ୍ରେଟର କୈଳାଶ, ଡିଚାଉ କାଲାନ, ଶାଲିମାର ବାଗ-ବି, ବିନୋଦ ନଗର, ଚାନ୍ଦିନୀ ଚୌକରେ ବିଜୟ ହାସଲ କରିଛି। ସେହିପରି ଆପ୍ ନାରାଇନା, ମୁଣ୍ଡକା ଓ ଦକ୍ଷିଣପୁରୀରେ ବିଜୟୀ ହୋଇଛି। ସେହିପରି କଂଗ୍ରେସ ସଂଗମ ବିହାର-ଏରେ ୩୬୨୮ ଭୋଟ୍‌ରେ ବିଜୟ ହାସଲ କରିଛି। ଚାନ୍ଦନୀ ମହଲରେ ଏଆଇଏଫ୍‌ବିର ମହମ୍ମଦ ଇମ୍ରାନ ବିଜୟୀ ହୋଇଛନ୍ତି।

ନଭେମ୍ବର ୩୦ରେ ଏହି ୧୨ଟି ୱାର୍ଡରେ ହୋଇଥିବା ନିର୍ବାଚନରେ ୩୮.୫୧ ପ୍ରତିଶତ ମତଦାନ ହୋଇଥିଲା। ୨୦୨୨ରେ ୨୫୦ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ସେତେବେଳେ ମତଦାନ ୫୦.୪୭ ପ୍ରତିଶତ ଥିଲା। ତେଣୁ ଏଥର ଉପ-ନିର୍ବାଚନରେ ମତଦାନ ହାର ଯଥେଷ୍ଟ ତଳକୁ ଖସିଛି। ଉପ-ନିର୍ବାଚନରେ ବିଜେପିଠାରୁ ଆପ୍ ୨ଟି ସିଟ୍ ଛଡାଇ ନେଇଛି। ସେହିପରି ଆପ୍ ମଧ୍ୟ ତା'ର ଦୁଇଟି ଆସନରେ ପରାଜୟ ବରଣ କରିଥିଲେ ମଧ୍ୟ ମୋଟ୍ ଉପରେ ୩ଟି ବଜାୟ ରଖିଛି। ମୋଟ୍ ଉପରେ ଏହି ନିର୍ବାଚନରେ ୫୧ଟି ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏହି ୧୨ଟି ୱାର୍ଡର ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୧ ଜଣ ବିଧାୟକ ଓ ଜଣେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏହି ଆସନଗୁଡିକ ଫାଙ୍କା ପଡ଼ିଥିଲା। ନିର୍ବାଚନ ପରେ ଦିଲ୍ଲୀ ଏମ୍‌ସିଡିରେ ବିଜେପିର ୧୨୩, ଆପର ୧୦୨, କଂଗ୍ରେସର ୯ ଓ ଅନ୍ୟମାନଙ୍କର ୧୬ଟି ସିଟ୍ ରହିଛି।

# ବନ୍ୟଜୀବ ସୁରକ୍ଷାରେ ମହିଳା

ମହିଳାମାନେ ବିଭିନ୍ନ ଦିଗରେ ଆଗକୁ ବଢ଼ୁଛନ୍ତି । ପ୍ରଶାସନିକ ସେବାରେ ଯୋଗଦେଇ ଦେଶର ଦାୟିତ୍ୱଭାର ହାତକୁ ନେଇଛନ୍ତି । ଭାରତୀୟ ସେନାରେ ମଧ୍ୟ ମହିଳାମାନେ ନୂଆ ଉଡ଼ାଣ ଭରିଛନ୍ତି । ଏହି କ୍ରମରେ ଏବେ ବନ୍ୟଜୀବ ସଂରକ୍ଷଣରେ ମଧ୍ୟ ମହିଳାମାନେ ନୂତନ ଛାପ ସୃଷ୍ଟି କରିଛନ୍ତି । ହିଂସ୍ର ବନ୍ୟଜନ୍ତୁଙ୍କୁ ନ ଡରି ସାହସ, ସମର୍ପଣ ଦ୍ୱାରା ସେମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି, ତାହା ସେମାନେ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି । ଭାରତରେ ବନ୍ୟଜୀବ ସୁରକ୍ଷାରେ କାର୍ଯ୍ୟରତ ସେହିଭଳି କିଛି ମହିଳାଙ୍କୁ ନେଇ ଏହି ଉପସ୍ଥାପନା ।



### ଝୁନି ବାଇ

ଝୁନି ବାଇ ମଧ୍ୟପ୍ରଦେଶ ପେଞ୍ଚ ଟାଇଗର ରିଜର୍ଭରେ, ଜଣେ ସାହାସୀ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରିଆସୁଛନ୍ତି । ଦୀର୍ଘ ୨୦ ବର୍ଷ ଧରି ଜଙ୍ଗଲ ଓ ବନ୍ୟଜୀବ ସଂରକ୍ଷଣରେ ସେ ନିଜକୁ ସମର୍ପଣ କରିଛନ୍ତି । ଏ କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ମହିଳାଙ୍କ ମଧ୍ୟରେ ସେ ପ୍ରଥମେ । ଜଣେ ଆଦିବାସୀ ମହିଳା ଭାବେ ବନ୍ୟଜୀବ ସଂରକ୍ଷଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଙ୍ଗଲରେ କାର୍ଯ୍ୟରତ ସମୟରେ ସେ ଅନେକ ଜଙ୍ଗଲୀ ପଶୁଙ୍କ ସାମ୍ନା କରିଛନ୍ତି, ଏହାସତ୍ତ୍ୱେ ସେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି । ସାହସ ଓ ସମର୍ପଣ ଭାବ ପାଇଁ ସେ ୨୦୨୫ ମସିହାରେ ୭୬ ତମ ଗଣତନ୍ତ୍ର ଦିବସରେ ବିଶେଷ ଅତିଥି ଭାବେ ଦିଲ୍ଲୀ ଯାଇଥିଲେ । ଏହା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଥିଲା । ତେବେ ସେ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଡିଜିଟାଲ୍ ଉପକରଣ ବ୍ୟବହାର କରନ୍ତିନି ।



### ରସିଲା ବଧେର

ଗୁଜୁରାଟ ଗୀର୍ ଅଭୟାରଣ୍ୟର ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରତ ରସିଲା ବଧେର । ସେ ନିଜ କାର୍ଯ୍ୟ ମାଧ୍ୟମରେ ବନ୍ୟଜୀବଙ୍କ ପ୍ରତି ଥିବା ଭଲପାଇବାକୁ ଦର୍ଶାଇଥାନ୍ତି । ସେ ଗୀର୍ ଉଦ୍ଧାର ବିଭାଗର ମୁଖ୍ୟ ହୋଇଥିଲେ । ତେବେ ସେ ବାର ବର୍ଷ ମଧ୍ୟରେ ୧୧୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲୀ ପଶୁଙ୍କୁ ଉଦ୍ଧାର କରିଛନ୍ତି । ଏଥିରେ ଚିତାବାଘ, ସିଂହ ଓ କୁମ୍ଭୀର ଅଛନ୍ତି । ମାର୍ଚ୍ଚ ୨୦୧୩ ସେ ଏକ ନିର୍ମାଣାଧୀନ କୂଅରୁ ଗୀର୍‌ର ଏକ ଚିତାବାଘକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ ୨୦୦୮ ରେ ସେ ଚର୍ଚ୍ଚାକୁ ଆସିଥିଲେ ।



### ଅଞ୍ଜୁ ଚୌହାନ୍

ସାଧାରଣତଃ ମହିଳାମାନେ ଝିଟିପିଟି, ଅସରପା ଦେଖିଲେ ଡରିଯାନ୍ତି । କିନ୍ତୁ ଅଞ୍ଜୁ ସେମାନଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ । ସେ ନିର୍ଭୟ ତଥା ସାହସର ସହ ବିଷାକ୍ତ ସାପଙ୍କୁ ଉଦ୍ଧାର କରନ୍ତି । 'ସ୍ନେକ୍ ଲେଡି' ଭାବେ ପରିଚିତ ଅଞ୍ଜୁ ରାଜସ୍ଥାନ ସିରୋହୀ ଜିଲ୍ଲା ପିଣ୍ଡୱାଡ଼ା ତହସିଲ୍‌ରେ ରୁହନ୍ତି । ସିରୋହୀ ଜଙ୍ଗଲରେ ସେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ଏହାପରେ ବଳକା ସମୟ ବନ୍ୟଜୀବ ଉଦ୍ଧାର କାର୍ଯ୍ୟ କରନ୍ତି । ସେ ଖୁବ୍ ସାହସର ସହ ଜନଗହଳି ସ୍ଥାନରୁ ବିଷାକ୍ତ ସାପ ଉଦ୍ଧାର କରି ଜଙ୍ଗଲରେ ନେଇ ଛାଡ଼ନ୍ତି । ଏପର୍ଯ୍ୟନ୍ତ ସେ ୩୦୦୦ରୁ ଅଧିକ ସାପ, ୩୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଉଦ୍ଧାର କରିଛନ୍ତି ।



### ସାବିତ୍ରୀ ଆମ୍ମା

ସାଧାରଣତଃ ବନ୍ୟଜୀବଙ୍କଠାରୁ ସମସ୍ତେ ଦୂରେଇ ରହିଥାନ୍ତି । ସେମାନଙ୍କ ପାଖକୁ ଯିବାକୁ ଡରନ୍ତି । କିନ୍ତୁ ବେଙ୍ଗାଲୁରୁ ବନ୍ନେରଘଟ୍ଟା ଚିଡ଼ିଆଖାନାର କେୟାର ଟେକର୍ ସାବିତ୍ରୀ ଆମ୍ମା ଏମାନଙ୍କଠୁ ଭିନ୍ନ । ସେ ସନ୍ତାନ ଭଳି ନିଜ କୋଳରେ ସିଂହ, ଚିତାବାଘଙ୍କୁ ଲାଳପ ପାଳନ କରିଥାନ୍ତି । ତାଙ୍କୁ ଦେଖି ହିଂସ୍ର ପ୍ରାଣୀମାନେ ଦୌଡ଼ିଆସନ୍ତି । ସାବିତ୍ରୀ ଆମ୍ମା ବନ୍ୟଜୀବଙ୍କୁ ସନ୍ତାନ ଭଳି ସ୍ନେହ ଆଦର କରିଥାନ୍ତି । ସ୍ନେହ, ଶ୍ରଦ୍ଧାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି ବୋଲି ତାଙ୍କ ନିଷ୍ଠାପର ସେବାରୁ ବୁଝାପଡ଼େ ।

# ପ୍ୟାଣ୍ଟ ଚେନ୍ ଖରାପ ଥିଲେ

ଅନେକ ସମୟରେ ଜିନ୍ସ ପିନ୍ଧିବାବେଳେ ଚେନ୍ ଖରାପ ହୋଇଯାଏ । ଫଳରେ ବାରମ୍ବାର ଏହାକୁ ବାହାରକୁ ନେଇ ଠିକ୍ କରିବାକୁ ପଡ଼ିଥାଏ । କିନ୍ତୁ କିଛି ସହଜ ଉପାୟ ଆପଣାଇ ଏହି ସମସ୍ୟାକୁ ତୁଟ୍‌କିରେ ସମାଧାନ କରିପାରିବେ । ଜାଣିବା ସେ ବିଷୟରେ...



### ନଡ଼ିଆତେଲ

ଅଧିକାଂଶ ସମୟରେ ପ୍ୟାଣ୍ଟ ପିନ୍ଧିବା ପରେ ଚେନ୍ ଦେଲା ବେଳକୁ ଏହା ଅଧାରେ ରହିଯାଏ । ଏପରିସ୍ଥଳେ ବାହାରକୁ ଯାଇ ବାରମ୍ବାର ଠିକ୍ କରିବା ସହଜ ହୋଇ ନ ଥାଏ । ତେଣୁ ଘରେ ଏହାକୁ ଠିକ୍ କରିବାକୁ ଚାହୁଁଥିଲେ ଏଥିରେ ନଡ଼ିଆତେଲ ବ୍ୟବହାର କରିପାରିବେ ।

### ମହମବତୀ

ମହମବତୀ ସାହାଯ୍ୟରେ ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିପାରିବେ । ଏଥିପାଇଁ ଖଣ୍ଡେ ମହମବତୀ ନେଇ ଏହାକୁ ଚେନ୍ ଖରାପ ଥିବା ସ୍ଥାନରେ ଲଗାଇ ଘଷି ଦିଅନ୍ତୁ । ମହମ ସଂସ୍ପର୍ଶରେ ଆସି ଚେନ୍‌ଟି ଠିକ୍ ହୋଇଯାଏ ।

### ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍

ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିବାକୁ ଚାହୁଁଥିଲେ, ଏଥିପାଇଁ ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍ ମଧ୍ୟ ବ୍ୟବହାର କରିପାରିବେ ।

### ଭ୍ୟାସେଲିନ୍

ଚେନ୍‌ରେ ଭ୍ୟାସେଲିନ୍ ଲଗାଇ ହାତରେ ଏପଟସେପଟ କଲେ ଚେନ ଠିକ୍‌ରେ କାର୍ଯ୍ୟ କରିଥାଏ ।

# ଶାଢ଼ି ସହ ଦୁପଟ୍ଟା

ଦୁପଟ୍ଟା ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ଜଣାଯାଏ । ଏହାକୁ ଚୁଡ଼ିଦାର, କୁର୍ତ୍ତୀ ସମେତ ଏଣିକି ଶାଢ଼ିରେ ମଧ୍ୟ ପକାଉଛନ୍ତି । ଏହାକୁ ଷ୍ଟାଇଲ୍ ତଥା ସୃଜନାତ୍ମକ ଶୈଳୀରେ ପକାଇଲେ ଏହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଏଥିପାଇଁ ଆବଶ୍ୟକ କେତେକ ଡ୍ରେପିଂ ଷ୍ଟାଇଲ୍ ରହିଛି ଜାଣିବା ସେ ବିଷୟରେ...

### କ୍ଲାସିକ୍ ଫ୍ରଣ୍ଟ ପ୍ଲିଟ୍

ଏହା ଶାଢ଼ି ପିନ୍ଧିବାର ପାରମ୍ପରିକ ଓ ଚୀରସବୁଜ ପ୍ରକ୍ରିୟା ମଧ୍ୟରୁ ଗୋଟିଏ । ଦୁପଟ୍ଟାକୁ ପାଞ୍ଚ- ଛଅ ପରସ୍ତ ଭାଙ୍ଗି କାନ୍ଧରେ ପିନ୍ କରନ୍ତୁ । ଏହି ଡ୍ରେପିଙ୍ଗ୍‌ରୁ ଶାଢ଼ିର ସମ୍ପୂର୍ଣ୍ଣ ଡିଜାଇନ୍ ଦିଶିଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ବୋଟ୍‌ନେକ୍, ସ୍ଲିଭ୍‌ଲେସ୍ ଓ ଅଫ୍‌ସୋଲ୍‌ଡର ବ୍ଲାଉଜ୍‌କୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏହା ବିବାହ ପାର୍ଟି ସମେତ ପାରମ୍ପରିକ, ପର୍ବପର୍ବାଣୀରେ ମଧ୍ୟ ଭଲ ଲାଗିଥାଏ ।

### ବିବାହ ଶାଢ଼ିରେ ଦୁପଟ୍ଟା

ମହିଳାମାନେ ବିବାହ ପାର୍ଟିରେ ମଧ୍ୟ ଶାଢ଼ି ସହ ଓଢ଼ଣୀ ପକାଇପାରିବେ । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ପାରମ୍ପରିକ ଲୁକ୍ ଚାହୁଁଥିଲେ, ହାଲୁକା ପେଷ୍ଟାଲ୍ ରଙ୍ଗ ବା ଏମ୍ବ୍ରୋଡୋରୀ କାମ ଥିବା ପକାଇପାରିବେ ।




# ୱିଣ୍ଟର୍ ଫୁଟ୍‌ୱେୟାର୍



ଶୀତଦିନେ ପାଦକୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ଅନେକେ ଶୀତ ସ୍ଲିପର୍, ଜୋତା ଆଦି ବ୍ୟବହାର କରିଥାନ୍ତି । ଏହା ପାଦକୁ ଆରମ ଦେବା ସହ ସୁନ୍ଦର ରଖିଥାଏ । ତେବେ ଜାଣିବା କେତୋଟି ନୂଆ ଡିଜାଇନର୍ ସ୍ଲିପର୍ ବିଷୟରେ ।

### ଗଦିବୁଟ୍

ଏହା ବ୍ୟତୀତ ଚାହିଁଲେ ଗଦିଯୁକ୍ତ ବୁଟ୍ ପିନ୍ଧିପାରିବେ । ଏହା ଗୋଇଠିର ଉପର ଅଂଶ ଯାଏ ରହିଥାଏ । ତେଣୁ ଏହା ଶୀତଦିନେ ପିନ୍ଧିବା ପାଇଁ ଖୁବ୍ ଭଲ ହୋଇଥାଏ । ଅଧିକାଂଶ ମହିଳାଙ୍କୁ ଏ ପ୍ରକାର ୱିଣ୍ଟର୍ ସ୍ଲିପର୍ ଖୁବ୍ ପସନ୍ଦ ।

### ମୋକାସିନ୍

ଥଣ୍ଡାରୁ ପାଦକୁ ସୁରକ୍ଷିତ କରି କୋମଳ ରଖିବାକୁ ଚାହୁଁଥିଲେ, ମୋକାସିନ୍ ସ୍ଲିପର୍ ପିନ୍ଧିପାରିବେ । ଏହା ପାଦକୁ ଥଣ୍ଡାରୁ ସୁରକ୍ଷା ଦେଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କିଣିପାରିବେ ।



### ସ୍ଲିପ୍ ଅନ୍ ଷ୍ଟାଇଲ୍

ଶୀତଦିନେ ଘରେ ପିନ୍ଧିବା ପାଇଁ ଏହି ସ୍ଲିପର୍ ଭଲ ହୋଇଥାଏ । ଏହା ସ୍ଲିପ୍ ଅନ୍ ଷ୍ଟାଇଲର ସ୍ଲିପର । ଏହା ଅଧା ପାଦକୁ ଢାଙ୍କି ରଖିଥାଏ । ଏହା ପିନ୍ଧିବାରେ ଖୁବ୍ ଆରାମଦାୟକ ଅନୁଭୂତି ମିଳିଥାଏ । ଏହା ଶୀତଦିନ ପାଇଁ ଗୋଟିଏ ଭଲ ବିକଳ୍ପ ହୋଇଥାଏ ।

### ଉଲେନ୍

ସାଧାରଣତଃ ଉଲେନ୍ ଚପଲ ପାଦକୁ ନରମ ଓ ଆରାମଦାୟକ ଲାଗିଥାଏ । ଏହା ପାଦକୁ ଉଷୁମ ଓ ସୁନ୍ଦର ରଖିବାରେ ମଧ୍ୟ ସହାୟକ ହୋଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ବଜାରରେ ଉପଲବ୍ଧ ।

# ମୋ ହାଣ୍ଡିଶାଳରୁ... ଦହି ଉପମା



### ଆବଶ୍ୟକ ସାମଗ୍ରୀ

ସୁଜି - ୨୫୦ ଗ୍ରାମ୍, କଟା ଗାଜର - ଏକ କପ୍, କଟା ପିଆଜ – ଅଧା କପ୍, ଗ୍ରୀନ୍ ମଟର - ଅଧା କପ୍, କାଜୁ - ଚାରି ପାଞ୍ଚୋଟି, ଚିନାବାଦାମ- ଅଧା କପ୍, ମୁଗ - ଏକ ଚାମଚ, ଭୃସଙ୍ଗପତ୍ର- ଏକ ପାଖୁଡ଼ା, କଟା କଞ୍ଚାଲଙ୍କା - ଅଳ୍ପ, ମୁଗଡାଲି - ଏକ ଚାମଚ, ବିରି - ଏକ ଚାମଚ, ଦହି - ଏକ ଏପ୍, ଲୁଣ – ସ୍ୱାଦ ଅନୁସାରେ, ଘିଅ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ଅଳ୍ପ ଦହି, ପାଣି, କଟା କଞ୍ଚାଲଙ୍କା, ଧନିଆପତ୍ର, ଅଦା ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ବିରିଡାଲି, ବୁଟଡାଲି, ପକାଇ ଭାଜନ୍ତୁ । କିଛି ସମୟ ପରେ ପିଆଜ, ଗାଜର, ଗ୍ରୀନ୍ ମଟର, ସହ ସୁଜି ପକାଇ ଭାଜି ଦିଅନ୍ତୁ । ଏହାପରେ ସେଥିରେ ଗୋଳାଇ ରଖିଥିବା ଦହି ପାଣି ଦିଅନ୍ତୁ । ଫୁଟିଗଲା ପରେ ଏକ ଢାଙ୍କୁଣି ଘୋଡ଼ାଇ କିଛି ସମୟ ଢାଙ୍କି ଦିଅନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।

# ଲ୍ୟାପ୍‌ଟପ୍ ବ୍ୟାଗ୍

କର୍ମଜୀବୀ ମହିଳାଙ୍କ ପାଇଁ ଅଫିସ୍ ବ୍ୟାଗ୍ କେବଳ ଜିନିଷ ରଖିବାର ମାଧ୍ୟମ ନୁହେଁ, ଏହା ଷ୍ଟାଇଲ, ଦକ୍ଷତା ଓ ବ୍ୟକ୍ତିତ୍ୱକୁ ଦର୍ଶାଏ । ପ୍ରତି ମହିଳାଙ୍କ ପାଇଁ ଏହି ବ୍ୟାଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏଥିରେ ଲ୍ୟାପଟପ୍, ଟାବ୍‌ଲେଟ୍, ଫାଇଲ୍, ପାଣିବୋତଲ, ମେକ୍‌ଅପ୍ ଆଦି ଜିନିଷ ସୁରକ୍ଷିତ ରହିଥାଏ ।

### ଲେଦର ଟୋଟ୍ ବ୍ୟାଗ୍

ସମୟାନୁସରେ ବିଭିନ୍ନ ଡିଜାଇନର ଟୋଟ୍ ବ୍ୟାଗ୍ ଉପଲବ୍ଧ ହେଲାଣି । ଏଥିରେ ପ୍ୟାଡେଡ୍ ଲ୍ୟାପ୍‌ଟପ୍ ସ୍ଲିଭ ରହିଛି । ଏହା ଭଲ ଲେଦରରେ ଉପଲବ୍ଧ ହୋଇଥାଏ । ଏହା ଅଫିସ୍, ମିଟିଂ, ଏପରିକି ବିଜିନେଶ ଟ୍ରାଭେଲ୍ ପାଇଁ ଭଲ ହୋଇଥାଏ ।

### ଷ୍ଟାଇଲିଶ୍ ବ୍ୟାକ୍‌ପ୍ୟାକ୍

ବ୍ୟାଗ୍‌ପ୍ୟାକ୍ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ୨୦୨୫ ମସିହାରେ ସ୍ଲିକ, ମିନିମାଲିଷ୍ଟ, ଓ ଲେଦର ବ୍ୟାକ ପ୍ୟାକ୍ ଅଫିସ୍ ଫେଶନରେ ନିଜର ସ୍ଥାନ ରଖିଛି । ଏଥିରେ ଏକ ଲ୍ୟାପଟପ୍ ରଖିବା ପାଇଁ ଜାଗା ରହିଛି । ଏହା ଦେଖିବାକୁ ଷ୍ଟାଇଲିଶ ଓ ଆକର୍ଷଣୀୟ ହୋଇଥାଏ । ଏହା କର୍ମଜୀବୀ ମହିଳାଙ୍କ ପାଇଁ ଖୁବ୍ ଭଲ ହୋଇଥାଏ ।



### ବ୍ରିଫ୍‌କେସ୍ ହ୍ୟାଣ୍ଡବ୍ୟାଗ୍

ଏହା ପାରମ୍ପରିକ ବ୍ରିଫ୍‌କେଶର ଏକ ଷ୍ଟାଇଲିଶ୍ ଭର୍ସନ ଭାବେ ଜଣାଯାଏ । ଏଥିରେ ମଲ୍ଟିପ୍ଲେ କମ୍ପୋନେଟ୍ସ, ଲ୍ୟାପ୍‌ଟପ୍ ସ୍ଲିବ, ଏବଂ ଅର୍ଗାନାଇଜର ପକେଟ୍ ଥାଏ । ଏହା ସର୍ବଦା ଟପ୍ ହ୍ୟାଣ୍ଡଲ, ସଟ୍ ସୋଲ୍‌ଡର୍ ଷ୍ଟ୍ରିପ ସହିତ ଥାଏ । ଏଥିରୁ ଏକ ପ୍ରଫେସନାଲ୍ ଲୁକ୍ ମିଳିଥାଏ ।

# ଷ୍ଟ୍ରବେରୀରୁ ସୁନ୍ଦର ତ୍ୱଚା



ଷ୍ଟ୍ରବେରୀ ସ୍ୱାଦିଷ୍ଟ ହେବା ସହ ଏଥିରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ଏଥିସହ ତ୍ୱଚା ଦାଗ, ବୟସଛାପ, ଚର୍ମକୁଞ୍ଚନ ଆଦି ସମସ୍ୟାକୁ ଦୂର କରି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ତେବେ ଦୈନନ୍ଦିନ ସ୍କିନ୍‌କେୟାର୍ ରୁଟିନ୍‌ରେ ଏହା କିପରି ସାମିଲ କରିବେ ଜାଣି ରଖନ୍ତୁ ।

- କିଛି ଷ୍ଟ୍ରବେରୀକୁ ଚକଟି ଏଥିରେ କିଛି ବୁନ୍ଦା ମହୁ ମିଶାନ୍ତୁ । ଏହାକୁ ମୁହଁରେ ୧୫ ମିନିଟ୍ ଲଗାଇ ରଖିବା ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।
- ଏଥିରେ ସାଲିସେଲିକ୍ ଏସିଡ୍ ଥାଏ, ଯାହା ବ୍ରଣ ଓ ଦାଗ ସହ ଲଢ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଏହା ଲୋମଛିଦ୍ରକୁ ବନ୍ଦ କରିଥାଏ । ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରିଥାଏ । ସେହିପରି, ଷ୍ଟ୍ରବେରୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀଗୁଣ ବ୍ରଣ ଓ ଦାଗ ସମସ୍ୟାରୁ ସୁରକ୍ଷା ଦେଇଥାଏ ।
- ଷ୍ଟ୍ରବେରୀକୁ ଚକଟି ଦହି ମିଶାଇ ଫେସ୍‌ମାସ୍କ ଭାବେ ଲଗାଇପାରିବେ । ସେହିପରି ଚାହିଁଲେ ଷ୍ଟ୍ରବେରୀ ଜୁସ୍‌କୁ ଟୋନର୍ ଭାବେ ବ୍ୟବହାର କରିପାରିବେ । ଏହାଦ୍ୱାରା ତ୍ୱଚାରେ ଥିବା ଅତିରିକ୍ତ ତେଲ ବାହାରିଯାଏ ।
- ଏଥିରେ ଥିବା ପାଣି ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ । ଏଥିସହ ଜ୍ୱଳନ, ସଂକ୍ରମଣ ସମସ୍ୟାକୁ ଦୂର କରିଥାଏ ।

## ମାର୍କ୍ରମ୍‌ଙ୍କ ଶତକ ଆଗରେ ଫିକା ପଡ଼ିଲେ କୋହଲି-ଗାଏକ୍ୱାଡ୍

# ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ

ରାୟପୁର,୩।୧୨(ଏଜେନ୍ସି):

ଆଇଡେନ୍ ମାରକ୍ରମ (୧୧୦)ଙ୍କ ଶତକ, ଦୁଇ ଯୁବ ଖେଳାଳି ମାଥ୍ୟୁ ବ୍ରିଜ୍‌କେ (୬୮) ଓ ଡିୱାଲ୍ଡ ବ୍ରେଭିସ୍ (୫୪)ଙ୍କ ଅର୍ଦ୍ଧଶତକ ଆଗରେ ଫିକା ପଡ଼ିଛି ସୁପରଷ୍ଟାର ବିରାଟ କୋହଲି (୧୦୨) ଓ ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡ୍ (୧୦୫)ଙ୍କ ଶତକ। ମାରକ୍ରମ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଭାରତକୁ ହରାଇ ଏଠାରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଜୟୀ ହୋଇଛି। ଏହି ବିଜୟ

### ଶନିବାର ନିର୍ଣ୍ଣାୟକ ମୁକାବିଲା

ଫଳରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଭାରତ ୧୭ ରନ୍‌ରେ ଜିତିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ବିଶାଖାପାଟଣାରେ ଆସନ୍ତା ୬ ତାରିଖ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଚମତ୍କାର ଶତକ ସହ ସର୍ବାଧିକ ୧୧୦ ରନ୍ କରିଥିବା ମାରକ୍ରମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ କିଙ୍ଗ୍ ବିରାଟ କୋହଲିଙ୍କ ୫୩ତମ ଓ ଋତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଶତକ ବଳରେ ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୩୫୮ ରନ୍ ସଂଗ୍ରହ କରିଥିଲା। କିଙ୍ଗ୍ କୋହଲି ଚଳିତ ସିରିଜ୍‌ରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରି ୧୦୨ ଓ ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡ ଜୀବନର ପ୍ରଥମ ଦିନିକିଆ ଶତକ ସହ ୧୦୫ ରନ୍ କରିଥିଲେ। କାମଚଳା ଅଧିନାୟକ ଲୋକେଶ ରାହୁଲ ତାଙ୍କ ଫିନିସିଂ ଫର୍ମ ବଜାୟ ରଖି ୪୩ ବଲ୍‌ରୁ ୬୬ ରନ୍ କରି ଚଳିତ ସିରିଜ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନ୍‌ସେନ୍ ସର୍ବାଧିକ ୨ଟି, ନାନ୍ଦ୍ରେ ବର୍ଗର ଓ ଲୁଙ୍ଗି ଏନ୍‌ଗିଡି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରଥିଲେ।

ଜବାବରେ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ୩୫୯ ରନ୍‌ର ଟାର୍ଗେଟ ଦକ୍ଷିଣ ଆଫ୍ରିକା ଲାଗି କଷ୍ଟକର ହେବ ନାହିଁ ବୋଲି ଆରମ୍ଭରୁ ଜଣାପଡ଼ିଥିଲା। କ୍ୱିଣ୍ଟନ ଡି କକ୍ ଶୀଘ୍ର ଆଉଟ ହେବା ପରେ ଆଇଡେନ୍ ମାରକ୍ରମ ଦ୍ୱିତୀୟ ୱିକେଟରେ ତେମ୍ବା ବଭୁମା (୪୬)ଙ୍କ ସହ ୧୦୧ ଓ ମାଥ୍ୟୁ ବ୍ରିଜ୍‌କେ (୬୮)ଙ୍କ ସହ ୫୫ ବଲ୍‌ରୁ ୭୦ ରନ୍ ଉଠାଇ ଦଳକୁ ଆଗକୁ ବଢ଼ାଇଥିଲେ। ମାରକ୍ରମ ୫୩ ରନ୍‌ରେ ଦେଇଥିବା କ୍ୟାଚ୍ ଆଉଟର ସୁଯୋଗକୁ ଜୟସ୍ୱାଲ ହାତଛଡ଼ା କରିବା ପରେ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ୮୮ ବଲ୍‌ରେ ଶତକ ପୂରଣ କରିବା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ପରେ ଦୁଇ ଯୁବ ଖେଳାଳି ବ୍ରିଜ୍‌କେ ଓ ବ୍ରେଭିସ୍ (୫୪) ଅର୍ଦ୍ଧଶତକ ହାସଲ କରିବା ଓ ୯୨ ରନ୍‌ର ଭାଗୀଦାରି କରିଥିଲେ ମଧ୍ୟ ଦଳକୁ ମ୍ୟାଚ୍ ଜିତାଇବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ୟାନ୍‌ସେନଙ୍କ ୱିକେଟ ପଡ଼ିବା ଓ ଟୋନି ଡି ଜୋର୍ଜି ଆହତ ହୋଇ ପଡ଼ିଆରୁ ବିଦା ହେବା ପରେ ଭାରତୀୟ ସମର୍ଥକ ବିଜୟ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ପ୍ରଥମ ଦିନିକିଆରେ ପାର୍ଟନରଙ୍କ ଅଭାବରୁ ମ୍ୟାଚ୍ ଜିତାଇପାରି ନ ଥିବା କର୍ବିନ ବୋଷ୍ଟ ଓ କେଶବ ମହାରାଜ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦକ୍ଷିଣ ଆଫ୍ରିକାକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ। ବୋଷ୍ଟ ୨୬ ଓ ମହାରାଜ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଆଜିର ବିଜୟ ପରେ ଦକ୍ଷିଣ ଆଫ୍ରିକା ତୃତୀୟଥର ଲାଗି ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ଚେଜ୍ କରି ମ୍ୟାଚ୍ ଜିତିବାର ରେକର୍ଡ କରିଛି।


ମାରକ୍ରମ: ମ୍ୟାନ୍ ଅଫ୍ ଦି ମ୍ୟାଚ୍
ଋତୁରାଜ ଗାଏକ୍ୱାଡ
ବିରାଟ କୋହଲି

**ସଂକ୍ଷିପ୍ତ ସ୍କୋର**

**ଭାରତ: ୩୫୮/୫, ୫୦ ଓଭର** (ଗାଏକ୍ୱାଡ- ୧୦୫, କୋହଲି- ୧୦୨, ରାହୁଲ- ଅପରାଜିତ ୬୬, ୟାନ୍‌ସେନ୍-୨/୬୩)।

**ଦକ୍ଷିଣ ଆଫ୍ରିକା: ୩୬୨/୬, ୪୯.୨ ଓଭର** ( ମାର୍କରାମ-୧୧୦, ବ୍ରିଜ୍‌କେ-୬୮, ବ୍ରେଭିସ୍-୫୪, ବଭୁମା-୪୬, ଅର୍ଶଦୀପ-୨/୪୮, ପ୍ରସିଦ୍ଧ-୨/୭୯)

## ଟି-୨୦ ବିଶ୍ୱକପ୍

# ଭାରତୀୟ ଦଳର ଜର୍ସି ଉନ୍ମୋଚନ କଲେ ରୋହିତ



ରାୟପୁର, ୩।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସ ପରେ ବରିଷ୍ଠ ଖେଳାଳି ରୋହିତ୍ ଶର୍ମା ଓ ବ୍ୟାଟର୍ ତିଲକ ବର୍ମା ନୂଆ ଜର୍ସିକୁ ଉନ୍ମୋଚିତ କରିଥିଲେ। ଏହି ନୂତନ ଜର୍ସିରେ ହାଲକା ନୀଳ ଓ ଗାଢ଼ ନୀଳ ରଙ୍ଗର ପଟି ରହିଛି। ସେହିଭଳି କାନ୍ଧର ଉପର ପାର୍ଶ୍ୱରେ ୩ଟି ଧଳା ଗାର ରହିଥିବାବେଳେ ତଳ ପାର୍ଶ୍ୱରେ ଗେରୁଆ ରଙ୍ଗର ଏକ ପଟି ରହିଛି। ଜର୍ସିର ସାମ୍ନା ପାର୍ଶ୍ୱରେ 'ଇଣ୍ଡିଆ' ସହ ମୁଖ୍ୟ ପ୍ରାୟୋଜକ ଆପୋଲ ଟାୟାର୍ସର ନାମ ମଧ୍ୟ ଉଲ୍ଲେଖ ରହିଛି। ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାର ମୋଟ୍ ୮ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆମେରିକା, ନେଦରଲାଣ୍ଡସ ଓ ନାମିବ୍ୟା ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ମୁମ୍ବଇରେ ଖେଳାଯିବ।

# ସମସ୍ତ ଫର୍ମାଟ୍‌ରୁ ମୋହିତ୍ ଶର୍ମାଙ୍କ ଅବସର

ଚଣ୍ଡିଗଡ଼, ୩।୧୨ (ଏଜେନ୍ସି): ଭେଟେରାନ ଭାରତୀୟ ଦ୍ରୁତ ବୋଲର ମୋହିତ୍ ଶର୍ମା ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ମୋହିତ ଅବସର ନେଇ ସୂଚନା ଦେଇଛନ୍ତି। ସ୍ୱଳ୍ପ ସମୟର ଅନ୍ତର୍ଜାତୀୟ କ୍ୟାରିୟରରେ ହରିୟାଣାର ଏହି ଦ୍ରୁତ ବୋଲର ଭାରତ ପାଇଁ ୨୬ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୧ ଓ ୬ଟି ୱିକେଟ୍ ନେଇଛନ୍ତି। ୨୦୧୫ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ସେ ଖେଳିବାର ସୁଯୋଗ ପାଇଥିଲେ। ତେବେ ଆଇପିଏଲ୍‌ରେ ମୋହିତ୍ ବେଶ୍ ସକ୍ରିୟ ଥିଲେ। ଆଇପିଏଲ୍‌ରେ ୪ଟି ଟିମ୍ ପାଇଁ ଖେଳିଥିବା ମୋହିତ୍ ୧୨୦ଟି ମ୍ୟାଚ୍ ଖେଳି ମୋଟ୍ ୧୩୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।

**୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ**

# ଉଭୟ କ୍ୱାର୍ଟରରେ ତନ୍‌ଭୀ

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ୧୫ ବର୍ଷରୁ କମ୍ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ତନ୍‌ଭୀ ୨-୦ରେ ରାଜସ୍ଥାନର ଅନ୍‌ଭି ରାଠୋରଙ୍କୁ ଏବଂ ୧୭ ବର୍ଷରୁ କମ୍ ବିଭାଗରେ କର୍ଣ୍ଣାଟକର ହିତାଶ୍ରୀ ଏଲ୍‌ଙ୍କୁ ମଧ୍ୟ ୨-୦ରେ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ତାମିଲନାଡୁର ଅନୁଶ୍ରୀ ଜିଏସ୍ ୨-୦ରେ ଟପ୍ ସିଡ୍ ମାନିମୁଥୁଙ୍କୁ ହରାଇ ଏହି ବିଭାଗରୁ ବିଦାୟ ନେଇଛନ୍ତି।



# ଯୁବ ଏସିଆନ୍ ପାରା ଗେମ୍ସ: ଜାନକୀ, ପାୟଲ ମନୋନୀତ

ଭୁବନେଶ୍ୱର, ୩।୧୨ (ସମିସ): ଦୁବାଇରେ ଡିସେମ୍ବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଯୁବ ଏସିଆନ୍ ପାରା ଗେମ୍ସ -୨୦୨୫ ପାଇଁ ଓଡିଶାର ଦୁଇଜଣ ପାରା ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ଜାନକୀ ଓରାମ ଓ ପାୟଲ ନାଗ। ଜାନକୀ ପାରା ଆଥଲେଟିକ୍ସର ଟି-୧୨ ବର୍ଗରେ ୧୦୦, ୨୦୦ ମିଟର ଓ ଲଙ୍ଗ୍ ଜମ୍ପ୍ରେ ଭାଗ ନେବେ।। ସେହିପରି ପାୟଲ ପାରା ଆର୍ଚେରୀରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାରା ଅଲିମ୍ପିଆନ୍ ଶୀତଲ ଦେବୀଙ୍କୁ ହରାଇ ପାୟଲ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଉଭୟ ଖେଳାଳିଙ୍କୁ ଓଡିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।





## ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷିତ

# ହାର୍ଦ୍ଦିକ ସାମିଲ, ନୀତୀଶ ଓ ରିଙ୍କୁ ବିଦା

ରାୟପୁର,୩।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରାଯାଇଛି। ଏହା ଫଳରେ ଦଳ ସହ ଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଖେଳିବାକୁ ସୁଯୋଗ ପାଉ ନ ଥିବା ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କୋଲକାତା ଟେଷ୍ଟରେ ବେକରେ ଆଘାତ ପାଇଥିବା ଗିଲ୍ ଏବେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେବାକୁ ଚିକିତ୍ସିତ ହେଉଛନ୍ତି। ଏଠାରେ ସେ ଫିଟ୍‌ନେସ୍ ଟେଷ୍ଟରେ ପାସ କଲେ ତାଙ୍କୁ ଦଳରେ ନିଆଯିବ। ସେ ଦଳକୁ ନ ଆସିବା ପର୍ଯ୍ୟନ୍ତ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଦଳରେ ତୃତୀୟ ଓପନର ନାହାନ୍ତି।

ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପାଣ୍ଡ୍ୟା, ଶିବମ ଦୁବେ ଆଦି ବୁମ୍‌ରାଙ୍କ ସହ ମିଶି ଖେଳିବେ। ଦୁଇ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ଏହି ବିଭାଗ ସମ୍ଭାଳିବେ। ଡିଫେଣ୍ଡିଂ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଓ ରନର୍ସ ଅପ୍ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ।

ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମଧ୍ୟରୁ କଟକର ବାରବାଟୀରେ ଡିସେମ୍ବର ୯ ତାରିଖ ପ୍ରଥମ ମ୍ୟାଚ୍, ମୋହାଲିର ମୁଲାନପୁରରେ ୧୧ରେ ଦ୍ୱିତୀୟ, ହିମାଚଳର ଧର୍ମଶାଳାରେ ୧୪ରେ ତୃତୀୟ, ଲକ୍ଷ୍ନୌରେ ୧୭ରେ ଚତୁର୍ଥ ଓ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ।

**ଘୋଷିତ ଦଳ**

ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା, ଅକ୍ଷର ପଟେଲଏ ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ମହିଳା ହକିରେ କିଟ୍‌କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକି ଇଭେଣ୍ଟରେ କିଟ୍ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ବୁଧବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ କିଟ୍ ୧-୦ ଗୋଲ୍‌ରେ ଆଇଟିଏମ୍ ଗ୍ୱାଲିୟର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି କିଟ୍ ପୁରୁଷ ଟେନିସ ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ନିଶ୍ଚିତ କରିଛି। ଦେବାଶିଷ ସାହୁ ଓ କବୀର ହାଁସଦାଙ୍କୁ ନେଇ ଗଠିତ କିଟ୍ ଟେନିସ ଟିମ୍ ସେମିଫାଇନାଲରେ ଭାରତୀୟର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସ୍ୱର୍ଣ୍ଣ ପଦକ ଲାଗି ଫାଇନାଲରେ ମଣିପାଲ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ମୁକାବିଲା ହେବ। ଅପରପକ୍ଷରେ ଆଥ୍‌ଲେଟିକ୍ସରେ କିଟ୍‌ର ଅଭୟ ସିଂ ବୁଧବାର ଏକ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ସୁଦ୍ଧା କିଟ୍ ବିଶ୍ୱବିଦ୍ୟଳୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ୍ ୧୬ଟି ପଦକ ବିଜୟୀ ହୋଇଯାଇଛି।



## ମହିଳା ଜୁନିଅର ହକି ବିଶ୍ୱକପ୍

# ଜର୍ମାନୀଠୁ ହାରିଲା ଭାରତ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଚିଲିରେ ଖେଳାଯାଉଥିବା ଏଫ୍‌ଆଇଏଚ୍ ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ୩-୧ ଗୋଲରେ ଭାରତକୁ ହରାଇଦେଇଛି। ଭାରତ ପକ୍ଷରୁ ହୀନା ବାନୋ ଶେଷ ମୁହୂର୍ତ୍ତରେ ଏକ ଗୋଲ୍ ଶୁଝିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୧୩-୦ ଗୋଲରେ ନାମିବ୍ୟାକୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ପୁଲ୍-ସି'ରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଜର୍ମାନୀ ଶୀର୍ଷକୁ ଉଠିଛି। ଭାରତ ଶେଷ ପୁଲ୍ ମ୍ୟାଚରେ ଶୁକ୍ରବାର ଆୟର୍ଲାଣ୍ଡକୁ ଭେଟିବ।

# ଆଇସିସି ର୍‍ୟାଙ୍କିଙ୍ଗ୍‌ରେ କୋହଲି ଉଠିଲେ

ଦୁବାଇ, ୩।୧୨ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତର ତାରକା ଖେଳାଳି ବିରାଟ କୋହଲି ଗୋଟିଏ ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ଲାଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ପ୍ରଥମ ଦିନିକିଆରେ ଶତକ ମାରିବା ପରେ କୋହଲିଙ୍କ ଏହି ଉନ୍ନତି ଘଟିଛି। କିନ୍ତୁ କୋହଲି ବୁଧବାର ଦ୍ୱିତୀୟ ଦିନିକିଆରେ ପୁଣି ଏକ ଶତକ ହାସଲ କରିଥିବାରୁ ପରବର୍ତ୍ତୀ ସପ୍ତାହରେ ତାଙ୍କ ର୍‍ୟାଙ୍କିଙ୍ଗରେ ଆହୁରି ଉନ୍ନତି ଘଟିବା ନିଶ୍ଚିତ ହୋଇଛି।

## ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି

# ଓଡ଼ିଶାର ଇନିଂସ ପରାଜୟ

ଭୁବନେଶ୍ୱର,୩।୧୨(ସମିସ): ଉତ୍ତରାଖଣ୍ଡଠାରୁ ଏକ ଇନିଂସ ଓ ୧୫୦ ରନ୍‌ର ବଡ଼ ବ୍ୟବଧାନରେ ଓଡ଼ିଶା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ପରାଜିତ ହୋଇଛି। ଚଳିତ ସିଜନରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଉତ୍ତରାଖଣ୍ଡର କାଶିପୁରଠାରେ ଆଜି ଶେଷ ହୋଇଥିବା ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୧୪୬ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୯ ୱିକେଟରେ ୫୫୨ ରନ୍ କରିବା ପରେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ନିଶ ପଟେଲ ସର୍ବାଧିକ ୨୦୦ ରନ୍ କରିବା ସହ ୯ମ ୱିକେଟରେ ଦେବ୍‌ଙ୍କ ସହ ୨୨୨ ରନ୍ ଯୋଡିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୩ଟି ୱିକେଟ ପାଇଥିଲେ। ଏହା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୨୫୬ ରନ୍ କରି ଅଲଆଉଟ ହୋଇଥିଲା। ବିଶ୍ୱଜିତ ପ୍ରଧାନ ୪୫ ଓ ଶ୍ରେୟାଂଶୁ ପଟ୍ଟନାୟକ ୩୯ ରନ୍ କରିଥିଲେ।

**୫ ଦିନ ପରେ ବାରବାଟୀ ମୁକାବିଲା**

# ଦ୍ୱନ୍ଦ୍ୱରେ 'ଡିଏମ୍‌ଏକ୍ସ' ଶୋ'

କଟକ,୩।୧୨(ସମିସ):

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୯ରେ ଖେଳାଯିବାକୁ ଥିବା ଟି-୨୦ ମୁକାବିଲାରେ ପ୍ରଥମଥର ନିମନ୍ତେ ବାରବାଟୀରେ ଡିଏମ୍‌ଏକ୍ସ ଶୋ' ହେବ ବୋଲି ଯୋଜନା କରାଯାଇଛି। ସଙ୍ଗୀତର ତାଳେତାଳେ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଏହି ଶୋ କରାଯିବ। ମ୍ୟାଚ୍ ପୂର୍ବରୁ ଏବଂ ଇନିଂସ୍ ମଝିରେ ଗୀତ-ଆଲୋକର ଫ୍ୟୁଜନ ଦେଖିବାକୁ ମିଳିବ। ତେବେ ଡିଏମ୍‌ଏକ୍ସ ଶୋ' ପାଇଁ ହୋଇଥିବା ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଲାଣି। ଫ୍ଲଡଲାଇଟ୍ ତ୍ରୁଟି ଯୋଗୁଁ ଗତ ଫେବୃଆରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍‌ରେ ବାରବାଟୀ ନିନ୍ଦା ମୁଣ୍ଡାଇଥିଲା। ଏଣୁ ଫ୍ଲଡଲାଇଟ୍ ଭରସାରେ ଶୋ କରାଯିବାକୁ ନେଇ ଏବେ ଓସିଏ ଚୂଡାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମ୍ୟାଚ୍ ପୂର୍ବରୁ ଦୁଇଦିନ ଡ୍ରାଏ ରନ୍ କରାଯିବ। ନଚେତ୍ ଶୋ' ବାତିଲ ହେବାର ଆଶଙ୍କା ଅଛି ବୋଲି ଓସିଏର ଜଣେ ସଦସ୍ୟ କହିଛନ୍ତି।

### ଆଜି ଟିକଟ କିଣିବେ ୨୩ ଅନୁବନ୍ଧିତ ୟୁନିଟ

ବାରବାଟୀ ମୁକାବିଲାକୁ ଆଉ ୫ଦିନ ବାକି ରହିଛି। ରାଜ୍ୟର ଏହି ଏକମାତ୍ର ଅର୍ନ୍ତଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଆଜି ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକ ନିମନ୍ତେ ଟିକଟ ବିକ୍ରି କରାଯାଇଥିଲା। ବୁଧବାର ୫୦ ୟୁନିଟ ଟିକଟ କ୍ରୟ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅବଶିଷ୍ଟ ୨୩ ଅନୁବନ୍ଧିତ ୟୁନିଟ ସମେତ ଓସିଏ ପଦାଧିକାରୀ, ଆପେକ୍ସ କାଉନସିଲ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୁରୁବାର ଟିକଟ କିଣିବେ। ଅନ୍ୟପକ୍ଷରେ ଶୁକ୍ରବାର କାଉଣ୍ଟର ଟିକଟ ବିକ୍ରି ନିମନ୍ତେ ଆଜି ଓସିଏ କାର୍ଯ୍ୟାଳୟରେ ଏକ ବୈଠକ ଡକାଯାଇଥିଲା। ପୂର୍ବରୁ ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ। ହେଲେ ଆଗାମୀ ମ୍ୟାଚ୍ ନିମନ୍ତେ ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ ଅଢ଼େଇ ଫୁଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡ଼ା କରାଯିବ ବୋଲି ସ୍ଥିର ହୋଇଛି।



ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS